# ବୁଝିବାର ମାଧ୍ୟମ

ରାଷ୍ଟ୍ରୀୟ ପରିସମ୍ବାଦ 2008-2010 ଉପରେ ଆଧାରିତ



## ଆମେ ଯଦି ସ୍କୁଲରେ ଥାଆନ୍ତେ



ନିଜ ଭାଷାରେ ଶୁଣନ୍ତେ
ବୁଝନ୍ତେ
କହିପାରନ୍ତେ
ନୂଆ ଚାରା ଲଗାଇପାରନ୍ତେ

# ବୁଝିବାର ମାଧ୍ୟମ

ରାଷ୍ଟ୍ରୀୟ ପରିସମ୍ବାଦ 2008-2010 ଉପରେ ଆଧାରିତ


विद्यया ऽ मृतमश्नुते

एन सी ई आर टी
NCERT

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
NATIONAL COUNCIL OF EDUCATIONAL RESEARCH AND TRAINING

**32140 — Samajh ka Madhyam**
**Rashytriya Parisamvad 2008–2010 per Aadharit (Odia Language)**

**ISBN 978-93-5292-941-2**

**First Edition**

*August 2024 Shravana 1946*

**PD 1T BS**

© ***National Council of Educational Research and Training, 2024***

**₹ 65.00**

*Printed on 80 GSM paper with NCERT watermark*

Published at the Publication Division by the Secretary, National Council of Educational Research and Training, Sri Aurobindo Marg, New Delhi 110 016 and printed at Taj Printers, 69/6A, Najafgarh Road Industrial Area, Near Kirti Nagar Metro Station, New Delhi 110 015

**ALL RIGHTS RESERVED**

- No part of this publication may be reproduced, stored in a retrieval system or transmitted, in any form or by any means, electronic, mechanical, photocopying, recording or otherwise without the prior permission of the publisher.
- This book is sold subject to the condition that it shall not, by way of trade, be lent, re-sold, hired out or otherwise disposed of without the publisher's consent, in any form of binding or cover other than that in which it is published.
- The correct price of this publication is the price printed on this page, Any revised price indicated by a rubber stamp or by a sticker or by any other means is incorrect and should be unacceptable.

**OFFICES OF THE PUBLICATION DIVISION, NCERT**

NCERT Campus
Sri Aurobindo Marg
**New Delhi 110 016** **Phone : 011-26562708**

108, 100 Feet Road
Hosdakere Halli Extension
Banashankari III Stage
**Bengaluru 560 085** **Phone : 080-26725740**

Navjivan Trust Building
P.O.Navjivan
**Ahmedabad 380 014** **Phone : 079-27541446**

CWC Campus
Opp. Dhankal Bus Stop
Panihati
**Kolkata 700 114** **Phone : 033-25530454**

CWC Complex
Maligaon
**Guwahati 781 021** **Phone : 0361-2674869**

**Publication Team**

Head, Publication Division : *Anup Kumar Rajput*

Chief Production Officer : *Arun Chitkara*

Chief Editor : *Bijnan Sutar*

Chief Business Manager : *Amitabh Kumar*

Assistant Production Officer : *Deepak Kumar*

*ପରିବର୍ଦ୍ଧିତ ସଂସ୍କରଣ*

2024

# ଆମୁଖ

ପିଲାମାନଙ୍କର ପ୍ରାରମ୍ଭିକ ଶିକ୍ଷା ମୂଳତଃ ଭାଷା ଶିକ୍ଷାରୁ ହିଁ ହୋଇଥାଏ । ଏଣୁ ରାଷ୍ଟ୍ରୀୟ ଶିକ୍ଷାନୀତି 2020 ପୁଣି ଥରେ ମାତୃଭାଷାରେ ଶିକ୍ଷଣ ଉପରେ ଗୁରୁତ୍ୱ ଦେବାପାଇଁ ପ୍ରସ୍ତାବ ରଖିଛି । ପୂର୍ବରୁ ସବୁ ଶିକ୍ଷା ସଂପର୍କୀୟ ପରାମର୍ଶରେ ମଧ୍ୟ ମାତୃଭାଷା ମାଧ୍ୟମରେ ଶିକ୍ଷଣର ଅବତାରଣା କରାଯାଇଛି । ଭାରତ ହେଉଛି ଏକ ବହୁଭାଷୀୟ ଦେଶ। ଏଣୁ ପିଲାମାନଙ୍କର ଶିକ୍ଷାକୁ ସହଜ ଓ ଅବାଧ କରି ଆଗକୁ ନେବାପାଇଁ ଭାରତୀୟ ଭାଷାଗୁଡ଼ିକର ଶିକ୍ଷଣ ମାଧ୍ୟମ ପ୍ରସ୍ତୁତ କରିବା ହେଉଛି ଆମର ଆବଶ୍ୟକତା । ମାତୃଭାଷାରେ ଶିକ୍ଷଣ ସବୁ ବିଷୟକୁ ସୁଦୃଢ ଭିତ୍ତି ପ୍ରଦାନ କରିବାରେ ସହାୟକ ହୋଇଥାଏ । ରାଷ୍ଟ୍ରୀୟ ଶିକ୍ଷାନୀତି 2020ରେ ମଧ୍ୟ ପଞ୍ଚମ ଶ୍ରେଣୀଯାଏ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେବାକୁ ସ୍ପଷ୍ଟଭାବେ କୁହାଯାଇଛି। ଆହୁରି ମଧ୍ୟ ଏହି ମାତୃଭାଷା ମାଧ୍ୟମରେ ଶିକ୍ଷାକୁ ଜାରି ରଖିବାକୁ  ଅଷ୍ଟମ ଶ୍ରେଣୀ ଓ ଏହା ଉପର ଶ୍ରେଣୀରେ ଉଦ୍ୟମ କରିବାକୁ ମତ ପ୍ରକାଶ ପାଇଛି । ବହୁଭାଷିକତାକୁ ପ୍ରୋତ୍ସାହିତ କରିବାପାଇଁ ବିଜ୍ଞାନ ଓ ଅନ୍ୟ ବିଷୟରେ ମାତୃଭାଷା ମାଧ୍ୟମରେ ଉତ୍କୃଷ୍ଟ ପାଠ୍ୟ ସାମଗ୍ରୀ ଉପଲବ୍ଧ ହେବା ଆବଶ୍ୟକ । ଏହାଦ୍ୱାରା ପିଲାର ଭାଷା ଓ ବିଦ୍ୟାଳୟର ଭାଷା ମଧ୍ୟରେ ଥିବା ବ୍ୟବଧାନ କମ୍ ହେବ ଏବଂ ଭାଷାଗୁଡ଼ିକ ମଧ୍ୟରେ ଏକ ସୁଦୃଢ଼ ସେତୁ ନିର୍ମିତ ହେବ । ଏହାର ଆଧାର ମାତୃଭାଷା ହିଁ ହେବ ।

ଏହି ମହତ ଯୋଜନାରେ ସହାୟକ ଦେଶର ବିଭିନ୍ନ ବିଶେଷଜ୍ଞ ତଥା ଭାଷାଶିକ୍ଷା ବିଭାଗର ଭୂମିକା ହେଉଛି ମହତ୍ୱପୂର୍ଣ୍ଣ । ଏ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ । ଏହି ପୁସ୍ତକ, ପିଲାମାନଙ୍କ ଶିକ୍ଷା ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ରାଜ୍ୟର ଯୋଜନାକାରଙ୍କ ପାଇଁ ଏକ ଆଧାର ପୁସ୍ତକ ରୂପେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।।

ଦିନେଶ ପ୍ରସାଦ ସକଲାନୀ

ନୂଆଦିଲ୍ଲୀ — ନିର୍ଦ୍ଦେଶକ

ମାର୍ଚ୍ଚ - 2024 — ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ

ପ୍ରଥମ ସଂସ୍କରଣ
2010

# ଆମୁଖ

ପିଲାଙ୍କ ଜୀବନ ଆଉ ସେମାନଙ୍କ ଶିକ୍ଷାରେ ଭାଷାର ଭୂମିକା ଉପନିବେଶବାଦୀ ସମାଜରେ ଅନେକ ପ୍ରକାର ଅସଙ୍ଗତିର ଘେରରେ ରହିଅଛି। ଏହିସବୁ ଅସଙ୍ଗତି ଉପରେ ବିଚାର କରିବାର ପ୍ରୟାସ ମଧ୍ୟ ପ୍ରାୟଃ ସାମାଜିକ ମାନ୍ୟତା ଓ ରାଜନୈତିକ ବିବାଦର ଘେରରେ ରହୁଛି । ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ଶିକ୍ଷା ସମ୍ବନ୍ଧୀୟ ଭାଷା-ନୀତି ବହୁତ ଲମ୍ବା ସମୟ ଧରି ଚର୍ଚ୍ଚା ଓ ଅନୁସନ୍ଧାନ ଦୁହିଁଙ୍କ ସୀମାରୁ ବାହାରେ ରହିଆସିଛି। ଏହି ସ୍ଥିତିକୁ ବଦଳାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ପରିଷଦ "ବୁଝିବାର ମାଧ୍ୟମ" ଶୀର୍ଷକରେ ଗୋଷ୍ଠୀୟ ଶୃଙ୍ଖଳାର ଆୟୋଜନ କରିଥିଲା। ଉଦୟପୁର, ପାଟଣା, ବାରଣାସୀ ଆଉ ଦିଲ୍ଲୀଠାରେ ଆୟୋଜିତ ହୋଇଥିବା ଏହି ଗୋଷ୍ଠୀୟ ଫୋକସ ବିଦ୍ୟାଳୟର ଦୈନନ୍ଦିନ ଜୀବନରେ ପିଲାଙ୍କ ଭବିଷ୍ୟତ ଅନୁଭବ ଉପରେ ପର୍ଯ୍ୟବସିତ ଥିଲା। ଏଥିରେ ଭାଷା ପ୍ରୟୋଗରେ ଶିକ୍ଷାନୀତିର ଦୀର୍ଘ ସମୟ ଧରି ଅବରୁଦ୍ଧ ରହିଥିବା ଭାଷାର ପ୍ରୟୋଗ ଓ ଶିକ୍ଷାନୀତିଭିତ୍ତିକ ବିଚାର ବିତର୍କକୁ ନୂତନ ଭାବରେ ଆମକୁ ଜଣାଇବାପାଇଁ ଚେଷ୍ଟା କରାଯାଇଥିଲା ।

ଏ ପୁସ୍ତକ ସେଇ ପ୍ରଚେଷ୍ଟାକୁ ଆଗକୁ ବଢାଇବାପାଇଁ ପ୍ରକାଶ କରାଯାଇଛି । ପୁସ୍ତକର ବିଷୟବସ୍ତୁ ଚାରୋଟି ଗୋଷ୍ଠୀରେ ଉଠାଯାଇଥିବା ପ୍ରଶ୍ନ ଓ ତାର ଉତ୍ତର ଅନୁସନ୍ଧାନ ପାଇଁ ବ୍ୟବହାର କରାଯାଇଥିବା ବିତର୍କ ଉପରେ ଆଧାରିତ। ଆମର ଆଶା ଏ ପୁସ୍ତକ ମାଧ୍ୟମରେ ପିଲାଙ୍କ ଶିକ୍ଷା ସହିତ ସମ୍ବନ୍ଧ ରଖିଥିବା ନାଗରିକ-ଯେଉଁଥିରେ ଶିକ୍ଷକ, ସେମାନଙ୍କ ପ୍ରଶିକ୍ଷକ, ଅଧିବାସୀ, ଜନ-ପ୍ରତିନିଧି, ସାମାଜିକ ସଂଗଠନ କାର୍ଯ୍ୟକର୍ତ୍ତା ଓ ମାତାପିତା ସାମିଲ ହୋଇଅଛନ୍ତି- ଶିକ୍ଷଣକୁ ଭାଷାର ପ୍ରଶ୍ନ ଉପରେ ଚିନ୍ତା ଓ ଆଲୋଚନା ପାଇଁ ଉତ୍ସାହ ଅନୁଭବ କରିବେ । ଏଇ ବିଚାର ହେଉଛି ଆଜିର ଐତିହାସିକ ଆବଶ୍ୟକତା। ଶିକ୍ଷା ଅଧିକାର ଆଇନ ପିଲାର ମାତୃଭାଷାର ମହତ୍ତ୍ୱକୁ ପୁନଃସ୍ଥାପିତ କରିବା ଦିଗରେ ସଦ୍ୟ ଚେଷ୍ଟା ଜାରି ରହିଛି । ଏ ଦିଗରେ ଶିକ୍ଷାର ଔପନିବେଶିକ ଇତିହାସର ଅଧିକାରରୁ ଉତ୍ପନ୍ନ ମାନସିକ ଓ ସାମାଜିକ ବନ୍ଧନ ଦୂର କରିବାର ଏକ ଶକ୍ତି । କୌଣସି ଆଇନରେ ନିହିତ ଶକ୍ତିକୁ ଅଭିବ୍ୟକ୍ତ ହେବା ଦିଗରେ ସାମାଜିକ ଓ ସଂସ୍ଥାଗତ ସହଯୋଗର ଆବଶ୍ୟକତା ରହିଛି, ଏହା ସ୍ପଷ୍ଟ । ଇଂରାଜୀ ମାଧ୍ୟମ ସ୍କୁଲର ପ୍ରଚଳନ ସମକାଳୀନ ଅର୍ଥରେ ଯଥାର୍ଥ ନୁହେଁ ବରଂ ଏହା ଏକ ଜଟିଳ ସାଂସ୍କୃତିକ ସଂରଚନା । ଏହାକୁ ଆଲୋଚନାର ପରିସରଭୁକ୍ତ କରି କୌଣସି ପରିବର୍ତ୍ତନର ଆଶା କରାଯାଇପାରେ ।

ରାଷ୍ଟ୍ରୀୟ ପାଠଚର୍ଯ୍ୟା ରୂପରେଖା-2005 ରେ ପରିବର୍ତ୍ତନର ଦିଶା ଓ ପ୍ରକୃତିକୁ ନେଇ ପର୍ଯ୍ୟାପ୍ତ ସୂଚନା ଦିଆଯାଇଥିଲା। ଏହି ସୂଚନାର ବିସ୍ତୃତ ଆଲୋଚନା ଭାରତୀୟ ଭାଷାଗୁଡିକ ଓ ଇଂରାଜୀର ପଠନ ସମ୍ବନ୍ଧିତ ରାଷ୍ଟ୍ରୀୟ ଫୋକସସମୂହର ପ୍ରତିବେଦନାରେ କରାଯାଇଛି । ଏହି ଦୁଇଟି ଦସ୍ତାବିଜ୍ ଶ୍ରେଣୀରେ ଶିକ୍ଷଣ ମାଧ୍ୟମକୁ ପିଲାଙ୍କ ବୁଝିବାର ସ୍ୱାଭାବିକ ବିକାଶକ୍ରମର ମନୋଭାଷାବୈଜ୍ଞାନିକ ସନ୍ଦର୍ଭ ଭାବେ ଉପସ୍ଥାପିତ କରିଛି ।

ଏହି ସନ୍ଦର୍ଭର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ବହୁଭାଷିକ ବାତାବରଣ। ଆମ ପିଲାଏ ଜନ୍ମରୁ ହିଁ ବହୁଭାଷିକ ପରିବେଶରେ ବଢିଛନ୍ତି ଓ ଏହି ପରିବେଶରେ ନିହିତ ଲୋକସର୍ଜନାକୁ ନିଜର ସ୍ୱାଭାବିକ ବୌଦ୍ଧିକ ବିକାଶକ୍ରମ ଭାବେ ଗ୍ରହଣ କରିଛନ୍ତି । ଶିକ୍ଷା ବ୍ୟବସ୍ଥାରେ ଭାଷାର ପଠନ ଓ ମାଧ୍ୟମ ଭାଷାର ପ୍ରଶ୍ନକୁ ନେଇ ପରିବ୍ୟାପ୍ତ ସ୍ଥାଣୁତାକୁ ଏକ ବୃହତ୍ତର ପରିପ୍ରେକ୍ଷୀରେ ଉପସ୍ଥାପନା କରିବା ଓ ବୁଝିବାର ଆବଶ୍ୟକତା ରହିଛି ।

ମୋର ବିଶ୍ୱାସ ଏ ପୁସ୍ତକ ଭାଷା ସମ୍ବନ୍ଧୀୟ ନୀତି ଓ କାର୍ଯ୍ୟକ୍ରମକୁ ନୂଆ ଢଙ୍ଗରେ ପରୀକ୍ଷା କରିବା ଦିଗରେ

ଏକ ଆଧାର ପତ୍ରର ଭୂମିକା ନିର୍ବାହ କରିବ। ପରିଷଦ ପକ୍ଷରୁ ମୁଁ ସବୁ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଉଛି ଯେଉଁମାନେ "ବୁଝିବା ମାଧ୍ୟମ" ଗୋଷ୍ଠୀ ଶୃଙ୍ଖଳାରେ ଭାଗ ନେଇଥିଲେ। ଆଲୋଚନାକୁ ଗ୍ରହଣକରି ଅକ୍ଲାନ୍ତ ପରିଶ୍ରମ ସାଥିରେ ସେମାନେ ଏଇ ପୁସ୍ତକକୁ ରୂପଦେଇଥିବାରୁ ମୁଁ ଭାଷାବିଭାଗର ଡକ୍ଟର ସନ୍ଧ୍ୟା ସିଂହ ଓ ଡକ୍ଟର କୀର୍ତ୍ତି କପୁରଙ୍କୁ କୃତଜ୍ଞତା ଜଣାଉଛି। ମୁଁ ଭାଷାବିଭାଗ ଅଧକ୍ଷ ପ୍ରଫେସର ରାମଜନ୍ମ ଶର୍ମାଙ୍କ ପ୍ରତି କୃତଜ୍ଞ ଯେଉଁ ମହାଶୟ ଗୋଷ୍ଠୀ-ଶୃଙ୍ଖଳା କାର୍ଯ୍ୟକ୍ରମକୁ ଉତ୍ସାହପୂର୍ବକ ପରିଚାଳନା କରିଛନ୍ତି । ମୋର ବିଶ୍ୱାସ ଯେ ଏଇ ପୁସ୍ତକର ପ୍ରଚାର-ପ୍ରସାର ଯୋଗୁ ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକ ଭାଷା ସମ୍ବନ୍ଧିତ ପ୍ରଶ୍ନ ଉପରେ ଗଭୀର ଭାବେ ବିଚାର କରିବାର ପ୍ରେରଣା ଲାଭକରିବେ।

କୃଷ୍ଣକୁମାର

ନୂଆଦିଲ୍ଲୀ — ନିର୍ଦ୍ଦେଶକ

4 ମାର୍ଚ୍ଚ 2010 — ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

# ପ୍ରସ୍ତାବନା

ଭାଷା ଆମ ଜୀବନ ଓ ସଂସ୍କୃତିରେ ଏକ ଅପରିହାର୍ଯ୍ୟ ସ୍ଥାନ ଗ୍ରହଣ କରିଥାଏ ଏବଂ ଭାଷା ହିଁ ସଂସ୍କୃତିକୁ ଯଥାର୍ଥ ସ୍ୱରୂପ ପ୍ରଦାନ କରେ । ଏହା ମଧ୍ୟ ଆମର ଅସ୍ମିତା ଓ ପରିଚୟ ତଥା ମାତୃଭାଷାରେ ଶିକ୍ଷଣ ପିଲାମାନଙ୍କର ସାମାଜିକ ଓ ବୌଦ୍ଧିକ ବିକାଶକୁ ସମୃଦ୍ଧ କରିଥାଏ ।

'ସମଝ କା ମାଧ୍ୟମ' ଶୀର୍ଷକ ପୁସ୍ତକକୁ ବର୍ଷ 2008-2010 ମଧ୍ୟରେ ସାରାଦେଶରେ ବିଚାରବିମର୍ଶ କରାଯାଇ ମୂଳ ରୂପରେ ହିନ୍ଦୀରେ ପ୍ରସ୍ତୁତ କରାଯାଇଥିଲା। ଏବେ ରାଷ୍ଟ୍ରୀୟ ଶିକ୍ଷାନୀତି 2020 ର ମୌଳିକ-ଭାବଧାରାକୁ ସାମିଲ କରିବାକୁ ଯାଇ ସାରାଦେଶରେ ଶିକ୍ଷଣ ସଂସ୍ଥା ପର୍ଯ୍ୟନ୍ତ ସେମାନଙ୍କର ଭାଷାରେ ଏହି ପୁସ୍ତକକୁ ଇଂରାଜୀ ସମେତ 23ଗୋଟି ଭାଷାରେ ଅନୁବାଦ ମାଧ୍ୟମରେ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟା କରାଯାଉଛି । ଏହି ପ୍ରଚେଷ୍ଟାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ଉକ୍ତ ପୁସ୍ତକ ପ୍ରକାଶ କରାଯାଇଛି । ପୁସ୍ତକର ବିଷୟବସ୍ତୁ ଚାରୋଟି ଗୋଷ୍ଠୀରୁ ଉଠାଯାଇଥିବା ପ୍ରଶ୍ନ ଏବଂ ତାହାର ଉତ୍ତର ଖୋଜିବା ପାଇଁ କାର୍ଯ୍ୟକାରୀ କରାଯାଇଥିବା ତର୍କର ଆଧାର ଉପରେ ପର୍ଯ୍ୟବସିତ ।

ମୋର ବିଶ୍ୱାସ, ଏହି ପୁସ୍ତକ ଭାଷା ସମ୍ବନ୍ଧୀୟ ନୀତି ଓ କାର୍ଯ୍ୟକ୍ରମକୁ ନୂତନ ଭାବେ ପରଖିବା ଲାଗି ଏକ ଆଧାର-ପତ୍ରର ଭୂମିକା ନିର୍ବାହ କରିବ । ଏଣୁ ମୁଁ ପରିଷଦ ତରଫରୁ 'ସମଝ କା ମାଧ୍ୟମ' ଗୋଷ୍ଠୀ ଶୃଙ୍ଖଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମହତ ଯୋଜନାର ପ୍ରେରକ ତତ୍କାଳୀନ ନିର୍ଦ୍ଦେଶକ ପ୍ରଫେସର କୃଷ୍ଣକୁମାରଙ୍କ ପ୍ରତି ମଧ୍ୟ ଆମେ କୃତଜ୍ଞ, ଯାହାଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି । ମୋର ଆଶା, ଏହି ପୁସ୍ତକର ପ୍ରଚାର-ପ୍ରସାର ଦ୍ୱାରା ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକ ଭାଷା ସହିତ ଜଡ଼ିତ ପ୍ରଶ୍ନ ଉପରେ ଗହନଭାବେ ବିଚାର କରିବାକୁ ପ୍ରେରଣା ପାଇବେ ।

ସଂଧ୍ୟା ସିଂହ
ପ୍ରଫେସର ଏବଂ ଅଧ୍ୟକ୍ଷ
ଭାଷା ଶିକ୍ଷା ବିଭାଗ
ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ

# ପୁସ୍ତକ ନିର୍ମାଣ ସମିତି

**ଲେଖନ ଏବଂ ସମନ୍ୱୟ**
ସନ୍ଧ୍ୟା ସିଂହ
ପ୍ରଫେସର ଏବଂ ଅଧ୍ୟକ୍ଷ, ଭାଷା ଶିକ୍ଷା ବିଭାଗ,

**ଏନ୍.ସି.ଇ.ଆର୍.ଟି.**
ସହଯୋଗ
କୀର୍ତ୍ତି କପୂର
ପ୍ରଫେସର, ଭାଷା ଶିକ୍ଷା ବିଭାଗ, ଏନ୍.ସି.ଇ.ଆର୍.ଟି.

**ଅନୁବାଦକ**
ନାରାୟଣ ସାହୁ

- ଶିକ୍ଷାର ମାଧ୍ୟମ ଯଦି ମାତୃଭାଷା ହୁଏ ତେବେ ଭାଷିକ ଓ ସାଂସ୍କୃତିକ ଦୂରତାକୁ ଦୂର କରିବାରେ ସାହାଯ୍ୟ କରିବ । ପିଲାଙ୍କ ଘରୋଇଭାଷା ଓ ସ୍କୁଲଭାଷାକୁ ଯୋଡିବା ସ୍କୁଲର ପ୍ରଧାନ ଭୂମିକା ହେବା ଆବଶ୍ୟକ ।

- ପ୍ରାଥମିକ ଶିକ୍ଷା ଗୋଟିଏଦୃଷ୍ଟିରୁ ହେଉଛି ଭାଷା ଶିକ୍ଷଣ। ଏମିତିକି ଗଣିତ, ପର୍ଯ୍ୟାବରଣ ଓ ସମାଜର ପ୍ରାରମ୍ଭିକ ଜ୍ଞାନ ମଧ୍ୟ ମାତୃଭାଷାରେ ଉତ୍ତମଭାବେ ହାସଲ କରାଯାଇପାରେ।

- ମାତୃଭାଷା/କ୍ଷେତ୍ରୀୟ ଭାଷାରେ ଶିକ୍ଷା ସବୁ ସ୍ତରରେ ଜାରି ରହିବା ଉଚିତ କାରଣ ଏଇସବୁ ଭାଷାରେ କ୍ଷମତାର ବିକାଶଦ୍ୱାରା ପିଲାର ମାନସିକ ବିକାଶ ଓ ସମ୍ପ୍ରେଷଣର ସବୁ ମାଧ୍ୟମ ଖୋଲା ରହିଥାଏ, ଯାହାଦ୍ୱାରା ପାରସ୍ପରିକ ସମ୍ବନ୍ଧ ସ୍ୱଚ୍ଛ ହୋଇଥାଏ, ଏହା ସହିତ ଅବଧାରାଣାତ୍ମକ ସ୍ପଷ୍ଟତା ମଧ୍ୟ ବଢିଥାଏ ।

- ପ୍ରାରମ୍ଭିକ ଶିକ୍ଷାର ମାଧ୍ୟମ ପିଲାର ମାତୃଭାଷାରେ ହେଲେ ପିଲାର ପୂର୍ବଜ୍ଞାନ, ତାର ଭାଷିକ କ୍ଷମତା ଓ ମାନସିକ ବିକାଶର ଉପଯୁକ୍ତ ବ୍ୟବହାର ହୋଇପାରିବ ।

- ଯଥାସମ୍ଭବ ଚେଷ୍ଟାକରିବା ଉଚିତ କି ପିଲାର ଘରୋଇଭାଷା, ପାରିପାର୍ଶ୍ୱିକ ବାତାବରଣର ଭାଷା ଆଉ ସ୍କୁଲ ଭାଷା ମଧ୍ୟରେ ଏକ ଯୋଡେଇ ବା ପୋଲ ତିଆରି ହୋଇପାରିବ । ଏପରିକି ଇଂରାଜୀ ମାଧ୍ୟମ ସ୍କୁଲରେ ମଧ୍ୟ ପିଲାର ମାତୃଭାଷାକୁ ମଧ୍ୟସ୍ଥ ଭାଷାରୂପେ ଅଗ୍ରାଧିକାର ମିଳିବା ଉଚିତ ଯାହାଦ୍ୱାରା ଗୋଟିଏ ମାଧ୍ୟମରୁ ଆଉ ଗୋଟିଏ ମାଧ୍ୟମକୁ  ବିନା ସ୍କୁଲ ପରିବର୍ତ୍ତନରେ ଯିବା ଆସିବା ହୋଇପାରିବ ।

- ସ୍କୁଲ ଶିକ୍ଷା ସମୟରେ ବହୁଭାଷୀ ଶିକ୍ଷାକୁ ମଧ୍ୟ ଅଗ୍ରାଧିକାର ମିଳୁ, ଯଥାସମ୍ଭବ ଏ ପ୍ରକାର ଚେଷ୍ଟା ଜାରିରହିବା ଆବଶ୍ୟକ ।

*-ଭାରତୀୟ ଭାଷା ଶିକ୍ଷଣ (ଆଧାରପତ୍ର), ଏନ.ସି.ଇ.ଆର.ଟି*

*ପ୍ରଥମ ସଂସ୍କରଣ*

# କୃତଜ୍ଞତା

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଭାଷା ବିଭାଗ, ଏନ.ସି.ଇ.ଆର.ଟି, ନୂଆଦିଲ୍ଲୀ; ୟୁନିସେଫ୍, ପାଟନା; ଆର.ଆଇ.ଇ, ଭୁବନେଶ୍ୱର; ଆର୍.ଆଇ.ଇ, ମହୀଶୂର; ଆର.ଆଇ.ଇ, ଆଜମିର; ଏନ.ସି.ଇ.ଆର.ଟି, ପାଟନା; ବିଦ୍ୟାଭବନ ସୋସାଇଟି, ଉଦୟପୁର; କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀର ବିଷୟ ବିଶେଷଜ୍ଞଙ୍କ ନିକଟରେ କୃତଜ୍ଞ ।

ଅନିତା ରାମପାଲ, ପ୍ରଫେସର, ଶିକ୍ଷା ବିଭାଗ(ସି.ଆଇ.ଇ), ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ;ଅରୁଣ କମଲ, ପ୍ରଫେସର, ପାଟନା ବିଶ୍ୱବିଦ୍ୟାଳୟ, ପାଟନା; ରାମାକାନ୍ତ ଅଗ୍ନିହୋତ୍ରୀ, ପ୍ରଫେସର, ଭାଷାବିଜ୍ଞାନ ବିଭାଗ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ; ରୋହିତ ଧନକର, ନିର୍ଦ୍ଦେଶକ, ଦିଗନ୍ତର, ଜୟପୁର; ଏଚ.କେ.ଦିୱାନ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ, ବିଦ୍ୟାଭବନ ସୋସାଇଟି, ରାଜସ୍ଥାନ, ରାଜେଶ, ସଚଦେବା, ପ୍ରଫେସର,ସି.ଆଇ.ଆଇ.ଏଲ, ମହୀଶୂର, ହସନ ୱାରିସ, ଭୂତପୂର୍ବ ନିର୍ଦ୍ଦେଶକ, ଏନ.ସି.ଇ.ଆର.ଟି, ପାଟଣା, ପିୟଦର୍ଶନ, ସମାଚାର ସମ୍ପାଦକ, ଏନ.ଡି. ଟିଭି ଇଣ୍ଡିଆ, ନୂଆଦିଲ୍ଲୀ, ଅବଧେଶ ପ୍ରଧାନ, ପ୍ରଫେସର ହିନ୍ଦୀ ବିଭାଗ, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ବାରାଣସୀ, ଅହମ୍ମଦ ସାଜ୍ଜାଦ, ଭୂତପୂର୍ବ ପ୍ରଫେସର, ରାଁଚୀ ବିଶ୍ୱବିଦ୍ୟାଳୟ, ରାଁଚୀ, ଶୁଭା ରାଓ, ସଂଯୋଜକ ମହିଳା ଅଧ୍ୟୟନ ମହିଳା ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀ; ରିୟାଜ୍ ଅହମଦ୍, ଉପ-କୁଳପତି, ବିଦ୍ୟା ଭବନ ସୋସାଇଟି, ରାଜସ୍ଥାନ; ପ୍ରେମପାଲ ଶର୍ମା, ସଂଯୁକ୍ତ ସ,ଚିବ, ରେଳ ଭବନ, ରେଳ ମନ୍ତ୍ରଣାଳୟ, ନୂଆ ଦିଲ୍ଲୀ; ସଦାନନ୍ଦ ଶାହୀ, ପ୍ରଫେସର ହିନ୍ଦୀ ବିଭାଗ, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀ; ଜ୍ଞାନଦେବ ମଣୀ ତ୍ରିପାଠୀ, ପ୍ରାଚାର୍ଯ୍ୟ, ତ୍ରପେନ୍ଦୁ ଇଷ୍ଟିଚ୍ୟୁଟ୍ ଅଫ୍ ହାୟର ଷ୍ଟଡ଼ିଜ୍; ଏସ୍. ରଘୁନାଥନ୍, ପୂର୍ବତନ ଶିକ୍ଷା ସଚିବ, ଦିଲ୍ଲୀ ସରକାର; ଅପୂର୍ବାନନ୍ଦ, ପ୍ରଫେସର, ହିନ୍ଦୀ ବିଭାଗ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ରାଜେଶ ଭୂଷଣ, ସଚିବ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ପାଟନା; ଶାରଦା କୁମାରୀ, ବରିଷ୍ଠ ପ୍ରବକ୍ତା, ଏସ୍.ସି.ଇ.ଆର.ଟି, ନୂଆଦିଲ୍ଲୀ; ଉଷା ଶର୍ମା, ରିଡର, ଆର.ଆଇ.ଇ, ଆଜମେର;ନୂତନ ଝା, ଶିକ୍ଷକ, ମିରାମ୍ବିକା ବିଦ୍ୟାଳୟ, ନୂଆ ଦିଲ୍ଲୀ; ମଣୀନ୍ଦ୍ର ନାଥ ଠାକୁର, ଆସୋସିଏଟ୍ ପ୍ରଫେସର, ଜେ.ଏନ୍.ୟୁ, ନୂଆଦିଲ୍ଲୀ; ପ୍ରଫେସର କୃଷ୍ଣ କୁମାର, ନିର୍ଦ୍ଦେଶକ, ଏନ.ସି.ଇ.ଆର.ଟି, ନୂଆ ଦିଲ୍ଲୀ; ରାମଜନ୍ମ ଶର୍ମା, ପ୍ରଫେସର ଏବଂ ଅଧ୍ୟକ୍ଷ, ଭାଷା ବିଭାଗ, ଏନ.ସି.ଇ.ଆର.ଟି, ନୂଆ ଦିଲ୍ଲୀ; ଏ.କେ. ମିଶ୍ର, ପ୍ରଫେସର, ଏନ.ସି.ଇ.ଆର.ଟି, ଶିଲଙ୍ଗ; ସଂଧ୍ୟା ସିଂହ, ରିଡର, ଭାଷା ବିଭାଗ, ଏନ.ସି.ଇ.ଆର.ଟି, ନୂଆ ଦିଲ୍ଲୀ; କିର୍ତ୍ତୀ କାପୁର, ବରିଷ୍ଠ ପ୍ରବକ୍ତା, ଭାଷା ବିଭାଗ, ଏନ.ସି.ଇ.ଆର.ଟି, ନୂଆ ଦିଲ୍ଲୀଙ୍କ ପ୍ରତି ପରିଷଦ କୃତଜ୍ଞତା ଜ୍ଞାପନ କରୁଛି ।

ପରିଷଦ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଗୁଜୁରାଟ, ଛତିଶଗଡ଼, ହରିଆଣା, ମହାରାଷ୍ଟ୍ର, କର୍ଣ୍ଣାଟକ, ରାଜସ୍ଥାନ ତଥା ଦିଲ୍ଲୀର ଶିକ୍ଷକ, ଶିକ୍ଷକ-ପ୍ରଶିକ୍ଷକ, ପୁସ୍ତକ ପ୍ରସ୍ତୁତିର ବିଭିନ୍ନ ସୋପାନରେ ଡି.ଟି.ପି ଅପରେଟର ରୁଚି ସୈନୀ ଏବଂ ନରେନ୍ଦ୍ର ବର୍ମା, କପି ଏଡ଼ିଟର ଭାବେ ରାଧା ଏବଂ ପ୍ରୋଜେକ୍ଟ ପେଲୋ ଧନଞ୍ଜୟ ସିଂହ ଏବଂ ଉପେନ୍ଦ୍ର ସିଂହ ସତ୍ୟାର୍ଥୀ ସହଯୋଗ କରିଥିବାରୁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଉଛୁ ।

*ପରିବର୍ଦ୍ଧିତ ସଂସ୍କରଣ*

ଏହି ପରିବର୍ଦ୍ଧିତ ସଂସ୍କରଣର ସମନ୍ୱୟନ କ୍ଷେତ୍ରରେ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ, ନୂଆଦିଲ୍ଲୀର ଭାଷା ଶିକ୍ଷା ବିଭାଗରେ ପ୍ରଫେସର ଏବଂ ବିଭାଗମୁଖ୍ୟ ଡକ୍ଟର ସନ୍ଧ୍ୟା ସିଂହ, ଅନୁବାଦକ ପ୍ରଫେସର ନାରାୟଣ ସାହୁ ଏବଂ ସମୀକ୍ଷକ ପ୍ରଫେସର ପ୍ରକାଶଚନ୍ଦ୍ର ପଟ୍ଟନାୟକ ଓ କନିଷ୍ଠ ପରିଯୋଜନା ସହାୟକ ଜିତିନ କୁମାରଙ୍କ ଯୋଗଦାନ ରହିଛି ।

# ବିଷୟସୂଚୀ


ଆମୁଖ (ପରିବର୍ଦ୍ଧିତ ସଂସ୍କରଣ) v

ପ୍ରଥମ ସଂସ୍କରଣ vii

ପ୍ରସ୍ତାବନା ix

1. ଶିକ୍ଷା ସମ୍ବନ୍ଧୀୟ ନଥିପତ୍ରରେ ଭାଷା 01-07
   - ଶିକ୍ଷା ଆୟୋଗ ରିପୋର୍ଟ : ସ୍କୁଲ ସ୍ତରୀୟ ପାଠ୍ୟଚର୍ଯ୍ୟା-1964-66
   - ରାଷ୍ଟ୍ରୀୟ ଶିକ୍ଷାନୀତି-1968
   - ରାଷ୍ଟ୍ରୀୟ ଶିକ୍ଷାନୀତି-1986
   - କ୍ରିୟାନ୍ୱୟନ କାର୍ଯ୍ୟକ୍ରମ-1992
   - ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟା ରୂପରେଖା-1988,2000
   - ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟା ରୂପରେଖା-2005
   - ରାଷ୍ଟ୍ରୀୟ ଶିକ୍ଷାନୀତି—2020

2. ଭାଷା ଓ ବୋଧଜ୍ଞାନ 08-12
   - ପିଲାଙ୍କ ବୋଧଜ୍ଞାନ ଓ ଭାଷା
   - ବୋଧଜ୍ଞାନ ଆଧାର ରୂପେ ଭାଷା
   - ଭାଷା ଓ ସାମାଜିକ ସମତା
   - ପିଲାଙ୍କ ଅସ୍ମିତାର ପ୍ରଶ୍ନ
   - ସାର୍ଥକ ଶିକ୍ଷାର ପ୍ରୟାସ

3. ବହୁଭାଷିକତା 13-19
   - ବହୁଭାଷିକତାର ଉଦ୍ଦେଶ୍ୟ
   - ପିଲାଙ୍କ ଭାଷା କ୍ଷମତା
   - ସାର୍ବଭୌମିକ ବ୍ୟାକରଣର ପରିକଳ୍ପନା
   - ବହୁଭାଷିକତା ଓ ଅଳ୍ପସଂଖ୍ୟକ ତଥା ଆଦିବାସୀ ଭାଷା
   - ବହୁଭାଷିକତା ଓ ଦକ୍ଷିଣ ଭାରତୀୟ ଭାଷା
   - ବହୁଭାଷିକତା ଓ ଇଂରାଜୀ ଶ୍ରେଣୀ
   - ବହୁଭାଷିକ ଶ୍ରେଣୀ
   - ବହୁଭାଷିକତାର ଆହ୍ୱାନ

4. **ବିଷୟ କେନ୍ଦ୍ରରେ ଭାଷା** 20-31

- ➤ ଇତିହାସର ଝରକାରେ
- ➤ ସବୁ ବିଷୟର ଅଧ୍ୟାପକ ଭାଷା ଅଧ୍ୟାପକ
- ➤ ଚିନ୍ତନର ସ୍ୱାଧୀନତା ଓ ମୌଳିକତାର ପ୍ରଶ୍ନ
- ➤ ଭାଷା ଓ ଅନ୍ୟ ବିଷୟ
- ➤ ବୈଷୟିକ ଶବ୍ଦାବଳୀ ଓ ପିଲାଙ୍କ ବୋଧଜ୍ଞାନ
- ➤ ଉଚ୍ଚ ଶିକ୍ଷା ଓ ଅନ୍ୟବିଷୟ

5. **ଭାଷାରେ ସମ୍ବାଦ** 32-35

(ସନ୍ଦର୍ଭ : ଇଂରାଜୀ ଓ ହିନ୍ଦୀ )

- ➤ ଇଂରାଜୀ ଓ ହିନ୍ଦୀର ସମ୍ବନ୍ଧ
- ➤ ସନ 1967 ପରେ
- ➤ ସନ 1987 ସମୟରେ
- ➤ ପରିବର୍ତ୍ତନର ନୂଆ ଯୁଗରେ
- ➤ ଇଂରାଜୀ ବିକାଶର ଇତିହାସ
- ➤ ନୂଆ ଶବ୍ଦ ଗଢିବାର ଆବଶ୍ୟକତା

6. **ପ୍ରସଙ୍ଗ ଓ ଆହ୍ୱାନ** 36-41

- ➤ ଶିକ୍ଷକ ପ୍ରସ୍ତୁତି
- ➤ ସାମାଜିକ ପ୍ରସ୍ତୁତି
- ➤ ପ୍ରଶାସନିକ ପ୍ରସ୍ତୁତି

**ପରିଶିଷ୍ଟ** 42-43

**ସନ୍ଦର୍ଭ** 44

# 1

## ଶିକ୍ଷା ସମ୍ବନ୍ଧୀୟ ନଥିପତ୍ରରେ ଭାଷା



- ଶିକ୍ଷା ଆୟୋଗ ରିପୋର୍ଟ: ସ୍କୁଲ ସ୍ତରୀୟ ପାଠ୍ୟଚର୍ଯ୍ୟା-1964-66
- ରାଷ୍ଟ୍ରୀୟ ଶିକ୍ଷାନୀତି-1968
- ରାଷ୍ଟ୍ରୀୟ ଶିକ୍ଷାନୀତି-1986
- କ୍ରିୟାନ୍ୱୟନ କାର୍ଯ୍ୟକ୍ରମ-1992
- ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା -1988, 2000
- ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା -2005
- ରାଷ୍ଟ୍ରୀୟ ଶିକ୍ଷାନୀତି - 2020

ଆମର ଦୁଇଟି ଓଠ ଅଛି । ଦୁଇଟି ମିଶି ରହିଛନ୍ତି। ଜିହ୍ୱା ସହିତ ମିଶି ଏକ ଲୟରେ ସଞ୍ଚାଳିତ ହେଲେ ଭାଷା ସୃଷ୍ଟି ହୋଇଥାଏ । ଗୋଟିଏ ହଲିଲେ ଦ୍ୱିତୀୟଟି ଯେ ସ୍ପନ୍ଦିତ ନହେବ କହିବା ଅସମ୍ଭବ। (ଭାଷା ପର୍ ଏକ୍ କବି କି ଦୃଷ୍ଟି) । 1971ର ଜନଗଣନା ଅନୁସାରେ ଆମ ଦେଶରେ ପ୍ରାୟତଃ 1652ଟି ଭାଷା ରହିଛି । ସେଥିମଧ୍ୟରୁ କେବଳ 47ଟି ଭାଷା ହିଁ ସ୍କୁଲରେ ପିଲାମାନଙ୍କର ବୁଝିବାର ମାଧ୍ୟମ ହୋଇପାରିଛି (ସୌଜନ୍ୟ: ଭାରତୀୟ ଭାଷା ଶିକ୍ଷଣ-2005) । ଅବଶିଷ୍ଟ ଭାଷାଗୁଡିକ ଏବେ ପ୍ରାୟତଃ ନିରବ ହୋଇଯାଇଛି । ସମ୍ଭବତଃ ଏମାନଙ୍କ ମଧ୍ୟରେ ବହୁତ ଭାଷାଙ୍କର ଅସ୍ତିତ୍ୱ ନାହିଁ କହିଲେ ଚଳେ । କଣ ଏହି ନିରବତା କେବଳ କିଛି ଭାଷାର ମାଧ୍ୟମହୋଇ ନପାରିବାର ନିରବତା? ନା, ଏହି ନିରବତା କିଛି ସଂସ୍କୃତି, କିଛି ସମାଜ, କିଛି ଭାଷା ଏବଂ କୋଟି କୋଟି ପିଲାଙ୍କୁ ସବୁଦିନ ପାଇଁ ନିରବକରାଇବାର ସଂକେତ ଚିନ୍ତା କରିବାକୁ ହେବ ।

ଆମକୁ ଚିନ୍ତା କରିବାକୁ ହେବ ଯେ କୌଣସି ବି ଭାଷା ନିଜର ସହଯୋଗୀ ଭାଷା ସହିତ ମିଶିକରି ବିକଶିତ ହୋଇଥାଏ । ଯଦି ଏବେ କେବଳ ହିନ୍ଦୀ କଥା କହିବା ତେବେ ବି ଆମକୁ ଚିନ୍ତା କରିବାକୁ ହେବ ଯେ ହିନ୍ଦୀ କେତୋଟି କ୍ଷେତ୍ରୀୟ ଭାଷା ସହିତ ମିଶିକରି ତିଆରି ହୋଇଛି । ସବୁ ସାଥୀ ଭାଷା ମାନଙ୍କର ଉଚ୍ଚାରଣ ଭାଷାରେ ପାଦଥାପିଥିବା ପିଲାଙ୍କ ନିଜ ଭାଷାରେ ଶୁଣିବାକୁ ହେବ । ଆମର ଏମିତି ଅନେକ ନିରବିତ ଭାଷା ଏବେ ମଧ୍ୟ ଏପରି ଏକ ପ୍ରାରମ୍ଭର ପ୍ରତୀକ୍ଷାରେ, ଯେଉଁଠି ଦୁଇ ଓଠ ମିଳିତ ହୁଅନ୍ତି (ପିଲାଙ୍କ ବୋଧଶକ୍ତି ଓ ଭାଷାର ତାଳମେଳ ହେଉ) ଏବଂ ଭାଷାରେ ଜନତାନ୍ତ୍ରିକ ସ୍ଥାନ ଗଢିଉଠିଥାଏ।

ସ୍ୱାଧୀନତା ପରେ ପୂର୍ବର ସବୁ ଶିକ୍ଷା ସମ୍ବନ୍ଧୀୟ ନଥିପତ୍ରରେ ମାତୃଭାଷାକୁ ବୁଝିବାର ମାଧ୍ୟମ (ଖାସ କରି ପ୍ରାଥମିକ ଶିକ୍ଷା) ରୂପେ ଲାଗୁକରାଯାଇଥିବା କଥା କୁହାଯାଇଛି ଏବଂ ପିଲାଙ୍କ ବୁଝିବାରେ ସହାୟକ ସେମାନଙ୍କ ନିଜଭାଷା, ସେମାନଙ୍କ ସ୍ୱତନ୍ତ୍ର ଅଭିବ୍ୟକ୍ତିକୁ ମହତ୍ତ୍ୱ ଦିଆଯାଇଛି। ନିମ୍ନରେ ବିଭିନ୍ନ ନଥିପତ୍ରରେ ପ୍ରଦତ୍ତ ଭାଷା ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଛି:

### ଶିକ୍ଷା ଆୟୋଗର ରିପୋର୍ଟ : ସ୍କୁଲ ସ୍ତରୀୟ ପାଠ୍ୟଚର୍ଯ୍ୟା 1964-66

ଆଜି ଆମକୁ ପ୍ରାଥମିକ ଶିକ୍ଷାରେ ଯେଉଁ ଆଧାରଭୂତ ପ୍ରଶ୍ନର ସମାଧାନ କରିବାକୁ ହେବ, ତାହା ହେଉଛି- ମାତୃଭାଷାରେ ଭଲଭାବେ ପଢାଇବା ଓ ନିରକ୍ଷରତାକୁ ସମାପ୍ତ କରିବା। ଶୈକ୍ଷୀକ ଦୃଷ୍ଟିରୁ ଉନ୍ନତ ଦେଶମାନଙ୍କରେ ମଧ୍ୟ, ପ୍ରଥମେ ପ୍ରାଥମିକ ଶିକ୍ଷାର ପୁରା ପାଠ୍ୟକ୍ରମ କେବଳ ଗୋଟିଏ ଭାଷାର ଅଧ୍ୟୟନ ଉପରେ ଆଧାରିତ ଥିଲା। ଶିକ୍ଷା ବିକଶିତ ହେବା ଓ ଆର୍ଥିକ ସ୍ଥିତିରେ ସମୃଦ୍ଧି ଆସିବା ପରେ ହିଁ ସେମାନେ ପ୍ରାଥମିକ ଅବସ୍ଥାରେ ଅନ୍ୟ ଭାଷାର ଆରମ୍ଭ କରିଛନ୍ତି।

ଆମର ବିଶ୍ୱାସ ଯେ ଇଂରାଜୀ ଭଳି ବିଦେଶୀ ଭାଷା ଶିଖିବା ପୂର୍ବରୁ ମାତୃଭାଷାରେ ପର୍ଯ୍ୟାପ୍ତ ଅଧିକାର ହାସଲ କରିନେବା ଉଚିତ। ଏହା ଅତିରିକ୍ତ ଓ ପ୍ରାଥମିକ ଶ୍ରେଣୀରେ ଯେଉଁଠି ଲକ୍ଷ ଲକ୍ଷ ଛାତ୍ରଙ୍କର ନାମ ଲେଖାଯାଏ, ଇଂରାଜୀର ପ୍ରଭାବଶାଳୀ ଶିକ୍ଷଣ ଲାଗି ବହୁତ ବଡ ସଂଖ୍ୟାରେ ଶିକ୍ଷିତ ଅଧ୍ୟାପକ ଆବଶ୍ୟକ ହେବା କଥ; କିନ୍ତୁ ତାହା ଉପଲବ୍ଧ ହେଉନାହିଁ। ଯଦି ବା ଉପଲବ୍ଧ ହୁଏ, ତେବେ ଏହି କାର୍ଯ୍ୟକ୍ରମରେ ଶିକ୍ଷା ପାଇଁ ସ୍ଥିର କରାଯାଇଥିବା ନିଧି ଉପରେ ବହୁତ ବୋଝ ପଡିବ। ଆମ ବିଚାରରେ ଏଇଟା ବହୁତ ବଡ କାର୍ଯ୍ୟ ଅଟେ ଏବଂ ଅଯଥାରେ ଏହା ପଛରେ ପଡିବାରେ ସ୍କୁଲ ଅବସ୍ଥା ଓ ଇଂରାଜିର ସ୍ତର ଉଠିବା ବଦଳରେ ନିମ୍ନଗାମୀ ହେବ। ଏଣୁ ଆମେ ସୁପାରିସ କରୁଛୁ କି ବିଦେଶୀ ଭାଷାରୂପେ ଇଂରାଜୀର ଅଧ୍ୟୟନ କୌଣସି ଏକ ସ୍କୁଲରେ ପ୍ରାୟୋଗିକ ଆଧାରରେ ଆରମ୍ଭକରିବା ବଦଳରେ ପଞ୍ଚମ ଶ୍ରେଣୀ ପୂର୍ବରୁ ଆରମ୍ଭ କରିବା ଉଚିତ ନୁହେଁ।

*ଶିକ୍ଷା ଆୟୋଗ ରିପୋର୍ଟ, 1964-66,ପୃଷ୍ଠା 218-219*

## ରାଷ୍ଟ୍ରୀୟ ଶିକ୍ଷାନୀତି-1968

ଭାରତୀୟ ଭାଷା ଓ ସାହିତ୍ୟର ସମୁଚିତ ବିକାଶ ଓ ଶୈକ୍ଷିକ ତଥା ସାଂସ୍କୃତିକ ବିକାଶ ଗୋଟିଏ ଅନ୍ୟ ଉପରେ ନିର୍ଭର କରିଥାଏ । ଏହା ଅଭାବରେ ଲୋକମାନଙ୍କର ସୃଜନାତ୍ମକ ଶକ୍ତିର ବିକାଶ ହୋଇପାରିବନି, ଶିକ୍ଷା ସ୍ତରରେ ମାନବୃଦ୍ଧି ହେବନାହିଁ, ଲୋକଙ୍କ ଯାଏଁ ଜ୍ଞାନ ପହଞ୍ଚିପାରିବ ନାହିଁ ଏବଂ ପଢାଲେଖା ତଥା ସାଧାରଣ ଲୋକଙ୍କ ଭିତରେ ଥିବା ଦୂରତ୍ୱ ଏହିପରି ରହିଥିବ; ନ ବଢୁ ପଛକେ, କମ୍ କିନ୍ତୁ ହେବନାହିଁ । କେତେକ ଭାଷା ପ୍ରଥମରୁ ହିଁ ଶିକ୍ଷାର ମାଧ୍ୟମ ରୂପେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ପ୍ରୟୋଗ କରାଯାଉଛି । ଉଚ୍ଚ ଶିକ୍ଷାରେ ମଧ୍ୟ ଏହାକୁ ଲାଗୁକରାଯିବାର ଆବଶ୍ୟକତା ରହିଛି ।

**ହିନ୍ଦୀ:** ହିନ୍ଦୀର ବିକାଶ ଲାଗି ସବୁପ୍ରକାର ପୟାସ କରାଯିବା ଉଚିତ। ଧାରା 351କୁ ଦୃଷ୍ଟିରେ ରଖି ସମ୍ପର୍କ ଭାଷାରୂପେ ତଥା ଭାରତର ସମୁହିକ ସଂସ୍କୃତିର ଅଭିବ୍ୟକ୍ତି ମାଧ୍ୟମ ରୂପେ ହିନ୍ଦୀକୁ ବିକଶିତକରିବାର ଆବଶ୍ୟକତା ରହିଛି । ଅଣ ହିନ୍ଦୀ ପ୍ରଦେଶ ଗୁଡିକରେ ଯେଉଁଠି ଉଚ୍ଚ ଶିକ୍ଷା ଲାଗି ହିନ୍ଦୀକୁ ଶିକ୍ଷାର ମାଧ୍ୟମ କରାଯାଉଛି, ତାକୁ ପ୍ରୋତ୍ସାହନ ଦେବା ଉଚିତ ।(ନୋଟ: ଏ କଥା ସବୁ ଭାରତୀୟ ଭାଷା ସମ୍ପର୍କରେ କୁହାଯାଇପାରେ)

**ଅନ୍ତରରାଷ୍ଟ୍ରୀୟ ଭାଷାସମୂହ :** ଇଂରାଜୀ ଓ ଅନ୍ୟ ଅନ୍ତରରାଷ୍ଟ୍ରୀୟ ଭାଷାଗୁଡ଼ିକର ପଠନ ଉପରେ ଧ୍ୟାନଦେବା ଜରୁରୀ ହେବ।ବିଶେଷକରି ବିଜ୍ଞାନ ଓ ପ୍ରାଦୌଗିକ କ୍ଷେତ୍ରରେ ବିଶ୍ୱର ଜ୍ଞାନ ନିରନ୍ତର ବୃଦ୍ଧି ପାଉଛି। ଏହି ବିକାଶ ସାଥିରେ ଭାରତକୁ ଖାଲି ମିଳିମିଶି ଚାଲିବାକୁ ହେବନାହିଁ ତା ସହିତ ସେହି ବିକାଶରେ ମହତ୍ୱପୂର୍ଣ୍ଣ ଯୋଗଦାନ ବି ଦେବାର ଅଛି। ଏହି ଉଦ୍ଦେଶ୍ୟ ପାଇଁ ଇଂରାଜୀ ଜ୍ଞାନକୁ ବିଶେଷରୂପେ ମଜବୁତ କରିବାକୁ ହେବ।

*-ରାଷ୍ଟ୍ରୀୟ ଶିକ୍ଷାନୀତି-1968,ପୃଷ୍ଠା. 3-4*

ତ୍ରିଭାଷୀ ସୂତ୍ରର କଥା ମଧ୍ୟ 1968 ନୀତିରେ ଗୁରୁତ୍ୱଦେଇ କୁହାଯାଇଛି । ଯାହାଦ୍ୱାରା ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା (2005)ରେ ଏହିପରି ରଖାଯାଇଛି -

## ତ୍ରିଭାଷା ସୂତ୍ର

- **ପ୍ରଥମ ଭାଷା**
  - ସ୍କୁଲରେ ଯେଉଁ ପ୍ରଥମ ଭାଷା ପଢାଯାଏ ତାହା ମାତୃଭାଷା ହେଉ ବା କ୍ଷେତ୍ରୀୟ ଭାଷା।
- **ଦ୍ୱିତୀୟ ଭାଷା**
  - ହିନ୍ଦୀ ଭାଷୀ ରାଜ୍ୟରେ ଦ୍ୱିତୀୟ ଭାଷା ଯେ କୌଣସି ଅନ୍ୟ ଆଧୁନିକ ଭାଷା ହୋଇପାରେ କିମ୍ବା ଇଂରାଜୀ, ଓ
  - ଅଣହିନ୍ଦୀ ଭାଷୀ ରାଜ୍ୟରେ ଦ୍ୱିତୀୟ ଭାଷା ହିନ୍ଦୀ ବା ଇଂରାଜୀ ହେବ ।
- **ତୃତୀୟ ଭାଷା**
  - ହିନ୍ଦୀ ଭାଷୀ ରାଜ୍ୟରେ ତୃତୀୟ ଭାଷା ଇଂରାଜୀ ହେବ କିମ୍ବା କୌଣସି ଏକ ଆଧୁନିକ ଭାରତୀୟ

ଭାଷା, ଯାହା ଦ୍ୱିତୀୟ ଭାଷା ରୂପେ ପଢାଯାଇନଥାଏ।

- ଅଣ ହିନ୍ଦୀ ଭାଷୀ ରାଜ୍ୟରେ ତୃତୀୟ ଭାଷା ଇଂରାଜୀ ହେବ କିମ୍ବା ଏକ ଆଧୁନିକ ଭାରତୀୟ ଭାଷା ଯାହା ଦ୍ୱିତୀୟ ଭାଷା ରୂପେ ପଢ଼ାଯାଇନଥାଏ ।

*-ଭାରତୀୟ ଭାଷା ଶିକ୍ଷଣ-ଆଧାର ପତ୍ର, ପୃଷ୍ଠା. 13*

## ରାଷ୍ଟ୍ରୀୟ ଶିକ୍ଷାନୀତି-1986

୧୯୬୮ ଶିକ୍ଷାନୀତି ଉପରେ ଆଧାରିତ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ୧୯୮୬ ଶିକ୍ଷାନୀତି ଚର୍ଚ୍ଚା କରିଛି। ଏହି ଶିକ୍ଷନୀତି ଉଚ୍ଚ ଶିକ୍ଷା ସ୍ତରରେ ମଧ୍ୟ କ୍ଷେତ୍ରୀୟ ଭାଷାକୁ ମାଧ୍ୟମ ଭାଷା ରୂପେ ପ୍ରୟୋଗ କରିବା ଦିଗରେ ଜୋର ଦେଇଛି; ତ୍ରିଭାଷା ସୂତ୍ରକୁ ପୂର୍ଣ୍ଣମାତ୍ରାରେ ଲାଗୁ କରାଯାଉ; ଶିକ୍ଷାର ପ୍ରତ୍ୟେକ ସ୍ତରରେ ପିଲାଙ୍କ ଭାଷିକ ବିକାଶ ଉପରେ ଧ୍ୟାନ ଦିଆଯାଉ । ଇଂରାଜୀ ଓ ଅନ୍ୟ ବିଦେଶୀ ଭାଷାରେ ପଠନର ସୁବିଧା ଉପଲବ୍ଧ କରାଯାଉ ; ସମ୍ପର୍କ ଭାଷା ରୂପେ ହିନ୍ଦୀକୁ ବିକଶିତ କରାଯାଉ ଯେପରି ସମ୍ବିଧାନର 351 ଧାରାରେ ଉଲ୍ଲେଖ ଅଛି। ...ଗୋଟିଏ ଭାଷାରୁ ଅନ୍ୟ ଭାଷାରେ ପୁସ୍ତକ ଅନୁବାଦ ବେଳେ ତଥା ଦ୍ୱିଭାଷୀ ଓ ବହୁଭାଷୀ ଶବ୍ଦକୋଷ କରିବାବେଳେ ଗମ୍ଭୀରତାର ସହିତ କାମ କରାଯିବା ବିଧେୟ ।

*କ୍ରିୟାନ୍ୱୟନ କାର୍ଯ୍ୟକ୍ରମ-1992, ପୃଷ୍ଠା 94*

୧୯୮୬ କ୍ରିୟାନ୍ୱୟନ ସୂଚନାରେ ଭାରତୀୟ ଭାଷାର ବିକାଶ ସମ୍ବନ୍ଧିତ କିଛି ମହତ୍ୱପୂର୍ଣ୍ଣ ସୂଚନା ରହିଛି ।

- ଆଧୁନିକ ଭାରତୀୟ ଭାଷାରେ ପାଠ୍ୟ ସାମଗ୍ରୀ/ସନ୍ଦର୍ଭ ପୁସ୍ତକ ପ୍ରସ୍ତୁତ କରି ପ୍ରକାଶିତ କରାଯାଉ।
- ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନଙ୍କର ଅଭିମୁଖୀକରଣ କରାଯାଉ।
- ପାଠ୍ୟପୁସ୍ତକ ଓ ସନ୍ଦର୍ଭ ପୁସ୍ତକର ଅନୁବାଦ ଇଂରାଜୀରୁ ଭାରତୀୟ ଭାଷାକୁ କରାଯାଉ। କରାଯାଇଥିବା କାର୍ଯ୍ୟର ନିରନ୍ତର ମନିଟରିଙ୍ଗ ହେଉ।

ବୁଝିବାର ମାଧ୍ୟମ ଦୃଷ୍ଟିରୁ ମଧ୍ୟ ଏ ସୂଚନା ଧ୍ୟାନ ଆକର୍ଷଣର ଯୋଗ୍ୟ –

## ପଟ୍ଟନାୟକ-1986 (ଅ)

- ସ୍କୁଲ ଶିକ୍ଷାର ମାଧ୍ୟମିକ ବା ଉଚ୍ଚତର ସ୍ତରରେ ଶିକ୍ଷାର ମାଧ୍ୟମ, ଧୀରେଧୀରେ କ୍ଷେତ୍ରୀୟ ଭାଷା ବା ରାଜ୍ୟସ୍ତରୀୟ ଭାଷା ବା ହିନ୍ଦୀ ବା ଇଂରାଜୀ ହୋଇପାରେ।
- ଆମ ଅନୁସାରେ ପ୍ରାଥମିକ ଶିକ୍ଷା ମୁଖ୍ୟତଃ ଭାଷା-ଶିକ୍ଷା ଅଟେ, ଏଣୁ ମାତୃଭାଷା ବା କ୍ଷେତ୍ରୀୟ ଭାଷାକୁ ମଧ୍ୟ ଅନିବାର୍ଯ୍ୟ ବିଷୟ ରୂପେ ପଢାଯିବା ଉଚିତ ।
- ମନୁଷ୍ୟର ଭାଷା ଶିଖିବାର ଅସୀମ କ୍ଷମତା ରହିଛି, ଖାସ୍ କରି ଯେତେବେଳେ ସେ କମ ବୟସର ହୋଇଥାଏ । ଯଦି ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ହୁଏ ଇଂରାଜୀ ମଧ୍ୟ ପ୍ରାଥମିକ ସ୍ତରରେ ପଢାଯାଇପାରେ । କେବଳ କିଛିବର୍ଷ ଧରି ଇଂରାଜୀ ଶିକ୍ଷଣ ଉପରେ ଜୋରଦେଇ ବାଞ୍ଛିତ ପରିଣାମ ହାସଲ କରାଯାଇ ନପାରେ । ଆଉ ଟିକିଏ ବୁଲେଇ କହିଲେ, ଗୋଟିଏ ଭାଷା ଅନ୍ୟ ଗୋଟିଏ ଭାଷା ସହିତ ବିକଶିତ ହୋଇଥାଏ।
- ଏହା ସୂଚାଉଛି ଯେ ତିନି ଭାଷା ତ୍ରିଭାଷା ସୂତ୍ରରେ ନ୍ୟୂନତମ । ଏହା ଏ ସୂତ୍ରର ଉପର ସୀମା ନୁହେଁ। ସଂସ୍କୃତକୁ ଆଧୁନିକ ଭାରତୀୟ ଭାଷା ରୂପେ ପଢାଯିବା ଉଚିତ, ଯେଉଁଠି ଏହାର ପ୍ରକୃତି ଶାସ୍ତ୍ରୀୟ ସଂସ୍କୃତଠାରୁ ବହୁତ ଭିନ୍ନହେବା ଉଚିତ ।
- ଶାସ୍ତ୍ରୀୟ (ଅଭିଜାତ) ଓ ବିଦେଶୀଭାଷା ନିଜ ନିଜ ଢଙ୍ଗରେ ପଢାଯିବା ଉଚିତ । ଏହା ଦ୍ୱାରା ବ୍ୟାକରଣିକ ଜଟିଳତାକୁ ବୁଝିବାର ଅବସର ମିଳିବା ସହିତ ଆମର ଅପହଞ୍ଚ ଦୂରତାରେ ଥିବା ସେହିସବୁ ପରମ୍ପରା, ସଂସ୍କୃତି ଓ ଲୋକମାନଙ୍କ ନିକଟରେ ପହଞ୍ଚିବାରେ ସହାୟତା ବି ମିଳିଥାଏ ।

*-ଭାରତୀୟ ଭାଷା ଶିକ୍ଷଣ- ଆଧାର ପତ୍ର, ପୃଷ୍ଠା 16*

## କ୍ରିୟାନ୍ୱୟନ କାର୍ଯ୍ୟକ୍ରମ-1992

## ବ୍ୟାବହାରିକ ତ୍ରିଭାଷା-ସୂତ୍ରର ଆଧାର

ବ୍ୟାବହାରିକ ତ୍ରିଭାଷା-ସୂତ୍ର ତିଆରିବେଳେ ନିମ୍ନଲିଖିତ ମାର୍ଗଦର୍ଶୀ ସିଦ୍ଧାନ୍ତଗୁଡିକରୁ ସହାୟତା ମିଳିପାରେ।

- ଯେପର୍ଯ୍ୟନ୍ତ ଇଂରାଜୀ, ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାର ମୁଖ୍ୟ ମାଧ୍ୟମ ଏବଂ କେନ୍ଦ୍ର ତଥା ଅନେକ ରାଜ୍ୟରେ ପ୍ରଶାସନର ଭାଷାରୂପେ ପରିଗଣିତ ହେଉଥିବ ସେ ଯାଏ ତାକୁ ଉଚ୍ଚାସ୍ଥାନ ମିଳୁଥିବ। ବିଶ୍ୱବିଦ୍ୟାଳୟଗୁଡିକରେ ପ୍ରାଦେଶିକ ଭାଷାରେ ଉଚ୍ଚତର ଶିକ୍ଷାର ମାଧ୍ୟମ ହେଲାପରେ ବି ସବୁଛାତ୍ରଙ୍କ ପାଇଁ ଇଂରାଜିର ବ୍ୟାବହାରିକ ଜ୍ଞାନ ବହୁତ ଉପଯୋଗୀ ହେବ ଏବଂ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବାକୁ ଯାଉଥିବା ପିଲାଙ୍କ ପାଇଁ ସେଥିରେ ଅଧିକ ଯୋଗ୍ୟ ହେବା ଆବଶ୍ୟକ ପଡିବ ।
- ସ୍କୁଲରେ କୌଣସି ଭାଷା ଅଧ୍ୟୟନରେ କେତେ ଯୋଗ୍ୟତା ପ୍ରାପ୍ତ କରାଯାଇପାରେ, ଏ କଥା କେବଳ ଏହା ଉପରେ ନିର୍ଭର କରୁନାହିଁ କି କେଉଁଭାଷା କେତେ ବର୍ଷ ପର୍ଯ୍ୟନ୍ତ ଶିଖାଯାଉଛି, ଅଧିକନ୍ତୁ ଏହା ଉପରେ ମଧ୍ୟ ନିର୍ଭର କରୁଛି ଯେ ଛାତ୍ରମାନଙ୍କ ଆଗରେ କ'ଣ ଅଭିପ୍ରେରଣା ଅଛି, ଭାଷା କେଉଁଭଳି ଭାବେ ଶିଖାଯାଉଛି, ତଥା ଉପଲବ୍ଧ ଶିକ୍ଷକ ଓ ଉପାଗମ ଏବଂ ଶିକ୍ଷଣ ପଦ୍ଧତି କେଉଁ ପ୍ରକାରର ଅଟେ, ଉଚିତ ସୁବିଧାର ଅଭାବରେ ଦୀର୍ଘ ଅବଧି ପର୍ଯ୍ୟନ୍ତ ଭାଷା ପଢାଇବାରେ ମଧ୍ୟ ଭଲ ପରିଣାମ ବାହାରୁନାହିଁ ଯେତେବେଳେ କି ଅନୁକୂଳ ପରିସ୍ଥିତି ଆଧାରରେ କମ୍ ସମୟରେ ମଧ୍ୟ ଭଲ ପରିଣାମ ବାହାରିପାରେ । ଯଦ୍ୟପି ବହୁତ କମ ବୟସରେ ହିଁ ପିଲାଙ୍କୁ ଅନ୍ୟଏକ ଭାଷା ଶିଖାଇବା ସପକ୍ଷରେ ଯୁକ୍ତି କରାଯାଇପାରେ; କିନ୍ତୁ ଆମ ବିଚାରରେ ପ୍ରାଥମିକ ସ୍କୁଲରେ ଲକ୍ଷ ଲକ୍ଷ ଛାତ୍ରଙ୍କୁ ଭାଷା ଶିକ୍ଷା ଦେବାପାଇଁ ଯୋଗ୍ୟ ଶିକ୍ଷକଙ୍କ ବ୍ୟବସ୍ଥା କରିବା ବହୁତ କଠିନ କାମ ହେବ।
- ହିନ୍ଦୀ ବା ଇଂରାଜୀକୁ ଦ୍ୱିତୀୟ ଭାଷାରୂପେ ଅନିବାର୍ଯ୍ୟତଃ କେଉଁ ଅବସ୍ଥାରୁ ଆରମ୍ଭ କରାଯିବ ଏବଂ ତାହା କେତେ କାଳ ଯାଏ ଶିଖାଯିବ, ଏହା ସ୍ଥାନୀୟ ଅଭିପ୍ରେରଣା ଓ ଆବଶ୍ୟକତା ଉପରେ ନିର୍ଭର କରେ ଏବଂ ଏହାକୁ ପ୍ରତ୍ୟେକ ରାଜ୍ୟର ବିବେକ ଉପରେ ଛାଡିଦେବା ଉଚିତ ।
- କୌଣସି ବି ଅବସ୍ଥାରେ ଚାରିଟି ଭାଷାର ଅଧ୍ୟୟନ ଅନିବାର୍ଯ୍ୟ ହେବା ଉଚିତନୁହେଁ, କିନ୍ତୁ ସ୍ୱଇଚ୍ଛାରେ ଚାରୋଟି ବା ଆହୁରି ବି ଅଧିକ ଭାଷା ଅଧ୍ୟୟନ ସୁବିଧା ଉପଲବ୍ଧ ହେବା ଉଚିତ ।

*କ୍ରିୟାନ୍ୱୟନ କାର୍ଯ୍ୟକ୍ରମ-1992*

## ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖ-1988, 2000

1988 ଏବଂ 2000ର ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖାରେ ଏମିତି ପ୍ରସ୍ତାବ ଦିଆଯାଇଛି କି 'ସ୍କୁଲସ୍ତରୀୟ ଶିକ୍ଷା ସମୟରେ ସବୁସ୍ତରରେ ବା ଅତିକମରେ ପ୍ରାରମ୍ଭିକ ସ୍ତରଯାଏ ଶିକ୍ଷାର ମାଧ୍ୟମ ମାତୃଭାଷା କମ୍ବା କ୍ଷେତ୍ରୀୟ ଭାଷା ହେବା ଉଚିତ' (ଏନ.ସି.ଇ.ଆର.ଟି-2000)। କିନ୍ତୁ ଏଠାରେ ମାତୃଭାଷା ଏବଂ କ୍ଷେତ୍ରୀୟ ଭାଷା ମଧ୍ୟରେ ବ୍ୟବଧାନରୂପକ ଗମ୍ଭୀର ସମସ୍ୟାକୁ ଅଣଦେଖା କରିଦିଆଯାଇଛି। ଏହି ରୂପରେଖାରେ କୁହାଯାଇଛି କି ଯଦି କ୍ଷେତ୍ରୀୟ ଭାଷା ବିଦ୍ୟାର୍ଥୀର ମାତୃଭାଷା ନୁହେଁ ତେବେ ତାହାର ପ୍ରଥମ ଦୁଇବର୍ଷ ପର୍ଯ୍ୟନ୍ତ ଶିକ୍ଷା ମାତୃଭାଷା ମାଧ୍ୟମରେ ହୋଇପାରେ। ତୃତୀୟ ଶ୍ରେଣୀ ଓ ତାହାପରେ କ୍ଷେତ୍ରୀୟ ଭାଷାକୁ ମାଧ୍ୟମରୂପେ ଗ୍ରହଣ କରାଯାଇପାରେ (ଏନ.ସି.ଇ.ଆର.ଟି-2000)।

*-ଭାରତୀୟ ଭାଷା ଶିକ୍ଷଣ- ଆଧାରପତ୍ର, ପୃଷ୍ଠା15-16*

## ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା-2005

ଆଜି ଆମେ ଏ କଥା ନିଶ୍ଚିତ ରୂପେ ଜାଣୁ ଯେ ଦ୍ୱିଭାଷିକତା ବା ବହୁଭାଷିକତା ଦ୍ୱାରା ନିଶ୍ଚିତ ସଜ୍ଞାନାତ୍ମକ ଲାଭ ହୋଇଥାଏ। ତ୍ରିଭାଷା ଫର୍ମୁଲା ଭାରତର ଭାଷା ସ୍ଥିତିର ଆହ୍ୱାନ ଓ ଅବସରକୁ ସମ୍ବୋଧିତ କରିବାର ଏକ ପ୍ରୟାସ । ଏହା ହେଉଛି ଏପରି ଏକ ରଣନୀତି ଯାହାଦ୍ୱାରା କିଛି ଭାଷା ଶିକ୍ଷଣ ମାର୍ଗକୁ ପ୍ରଶସ୍ତ କରାଯିବା ଉଚିତ । ଏହା ଦ୍ୱାରା କାର୍ଯ୍ୟ ଓ ଭାବ ଦୁଇ ରୂପକୁ ନିଜର କରିବାର ଆବଶ୍ୟକତା ରହିଛି । ଏହାର ପ୍ରାଥମିକ ଉଦ୍ଦେଶ୍ୟ ଭାରତରେ ବହୁଭାଷିକତା ଓ ରାଷ୍ଟ୍ରୀୟ ସଦ୍ଭାବର ପ୍ରସାର ଅଟେ। ନିମ୍ନଲିଖିତ ଦିଗ୍‌ଦର୍ଶନ ଏହିସବୁ

ଲକ୍ଷ ପ୍ରାପ୍ତିରେ ସହାୟକ ହୋଇପାରେ-

- ଭାଷା ଶିକ୍ଷଣ ବହୁଭାଷିକ ହେବା ଉଚିତ, କେବଳ କିଛି ଭାଷା ଶିକ୍ଷଣ ଅର୍ଥରେ ନୁହେ ପରନ୍ତୁ ରଣନୀତି ପ୍ରସ୍ତୁତି କରିବା ଅର୍ଥରେ ବହୁଭାଷିକ ଶ୍ରେଣୀକୁ ଗୋଟିଏ ସଂସାଧନ ରୂପେ ପ୍ରୟୋଗ କରାଯିବା ଆବଶ୍ୟକ ।
- ପିଲାମାନଙ୍କ ଘରୋଇଭାଷା(ଗୁଡିକ) ଯେପରି 3.1 ରେ ପରିଭାଷିତ କରାଯାଇଛି, ସ୍କୁଲରେ ଶିକ୍ଷଣର ମାଧ୍ୟମ ହେବା ଆବଶ୍ୟକ ।
- ଯଦି ସ୍କୁଲରେ ଉଚ୍ଚତର ସ୍ତରରେ ଶିକ୍ଷା ପିଲାଙ୍କ ଘରୋଇଭାଷା(ଗୁଡିକ) ମାଧ୍ୟମରେ ହିଁ ଦିଆଯାଏ, ଏଥିରୁ ସ୍ପଷ୍ଟ ଯେ ଆମେ ପିଲାଙ୍କ ଘରୋଇଭାଷାକୁ ସମ୍ମାନ ଦେଉ। ଆମ ସମ୍ବିଧାନର ଧାରା 350-କ ମୁତାବକ ପ୍ରତ୍ୟେକ ରାଜ୍ୟ ଓ ରାଜ୍ୟ ଭିତରେ ପ୍ରତ୍ୟେକ ସ୍ଥାନୀୟ ଅଧିକାରୀ ଭାଷାର ଅଳ୍ପସଂଖ୍ୟକ ବର୍ଗର ବାଳକମାନଙ୍କୁ ଶିକ୍ଷାର ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାର ପର୍ଯ୍ୟାପ୍ତ ସୁବିଧାର ବ୍ୟବସ୍ଥା କରିବାର ପ୍ରୟାସ କରିବା।

*-ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା -2005, ପୃଷ୍ଠା 42*

ଏଥିପାଇଁ ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟାର ରୂପରେଖା (2005) ପାଇଁ ନିର୍ମିତ ଫୋକସ ସମୂହ 'ଭାରତୀୟ ଭାଷାଗୁଡିକର ଶିକ୍ଷଣ' ଏହି ସୂଚନା ଦେଇଥାଏ- ବିଦ୍ୟାଳୟ ସ୍ତରରେ ବିଶେଷ କରି ପ୍ରାଥମିକ ସ୍ତରର ସ୍ତରର ଶିକ୍ଷାରେ ଆଜ୍ଞାପତ୍ରର ମାଧ୍ୟମ ମାତୃଭାଷା ହେବା ଉଚିତ। 1986ରେ ଏନ.ସି.ଇ.ଆର.ଟି ଦ୍ୱାରା ଭାଷା ଅଧ୍ୟୟନ ପାଇଁ ଗଠିତ ସମିତି ପରାମର୍ଶ ଦେଇଥିଲେ ଯେ ପ୍ରାରମ୍ଭିକ ଶିକ୍ଷାର ମାଧ୍ୟମ ରୂପେ ମାତୃଭାଷା ହିଁ ପ୍ରଯୁକ୍ତ ହେବା ଆବଶ୍ୟକ । ଭାରତୀୟ ସନ୍ଦର୍ଭରେ ଏହା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ କାରଣ-

- ଏହା ଲୋକଙ୍କୁ ରାଷ୍ଟ୍ରୀୟ ପୁନଃନିର୍ମାଣରେ ଭାଗୀଦାରୀ ଯୋଗ୍ୟ କରାଇଥାଏ।
- ପୂର୍ଣ୍ଣମାତ୍ରାରେ କିଛି ଆଭିଜାତ୍ୟର ବନ୍ଧନରୁ ଜ୍ଞାନକୁ ମୁକ୍ତ କରିଥାଏ।
- ଏହା ପରସ୍ପର ସହଯୋଗୀ ଓ ପରସ୍ପର ନିର୍ଭର ସମାଜ ନିର୍ମାଣରେ ସହାୟକ ହୋଇଥାଏ।
- ଅଧିକରୁ ଅଧିକ ଲୋକଙ୍କୁ ନିଜ ମତ ରଖିବାର ଅବସର ପ୍ରଦାନ କରିଥାଏ ଏବଂ ଏଥିପାଇଁ ଲୋକତନ୍ତ୍ର ଉତ୍ତମ ସୁରକ୍ଷା ଆଧାର ଦେବାରେ କାର୍ଯ୍ୟକାରୀ ସିଦ୍ଧ ହୋଇଥାଏ।
- ସୂଚନା ବିକେନ୍ଦ୍ରୀକରଣର ରାସ୍ତା ଖୋଲିଥାଏ ଓ ନିୟନ୍ତ୍ରିତ ମିଡିଆ ଜାଗାରେ ସ୍ବତନ୍ତ୍ର ମିଡିଆର ବିକାଶରେ ସହଯୋଗୀର ଭୂମିକା ନିର୍ବାହ କରିଥାଏ। ସାଥିରେ ଅଧିକରୁ ଅଧିକ ଲୋକଙ୍କୁ ଶିକ୍ଷା ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ୍ୟ ଅବସର ପ୍ରଦାନ କରିଥାଏ।

*-ଭାରତୀୟ ଭାଷା ଶିକ୍ଷଣ- ଆଧାର ପତ୍ର, ପୃଷ୍ଠା 14-15*

## ରାଷ୍ଟ୍ରୀୟ ଶିକ୍ଷାନୀତି - 2020

- ଛୋଟ ପିଲାମାନେ ନିଜ ଘର ଭାଷା / ମାତୃଭାଷାରେ ସାର୍ଥକ ଅବଧାରଣାଗୁଡ଼ିକୁ ଶୀଘ୍ର ଶିଖନ୍ତି ଓ ବୁଝନ୍ତି । ଘରୋଇ ଭାଷା ସାଧାରଣତଃ ମାତୃଭାଷା କିମ୍ବା ସମାନ ଭାଷା ଯାହା ସ୍ଥାନୀୟ ସଂପ୍ରଦାୟ ଦ୍ୱାରା କଥିତ । ଅବଶ୍ୟ ସେତେବେଳେ ବହୁଭାଷୀ ପରିବାରରେ, ଅନ୍ୟ ପରିବାର ସଦସ୍ୟଙ୍କ ଦ୍ୱାରା କଥିତ ଏକ ଘରୋଇ ଭାଷା ହୋଇପାରେ, ଯାହା ବେଳେବେଳେ ମାତୃଭାଷା କିମ୍ବା ସ୍ଥାନୀୟ ଭାଷାଠାରୁ ଭିନ୍ନ ହୋଇପାରେ । ଯେଉଁଠାରେ ସମ୍ଭବ ଅତି କମ୍‌ରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କିନ୍ତୁ ଉତ୍ତମ ହେବ ଯଦି ଅଷ୍ଟମ ଶ୍ରେଣୀ ଏବଂ ତାହାଠାରୁ ଅଧିକ ପର୍ଯ୍ୟନ୍ତ, ଘରୋଇ ଭାଷା/ମାତୃଭାଷା/ସ୍ଥାନୀୟ ଭାଷା/ଆଞ୍ଚଳିକ ଭାଷା ଶିଭାଦାନର ମାଧ୍ୟମ ହେବ । ତାହାପରେ ଯେଉଁଠାରେ ସମ୍ଭବ ଘର/ସ୍ଥାନୀୟ ଭାଷାକୁ ଏକ ଭାଷା ଭାବେ ଶିକ୍ଷା ଦିଆଯିବ । ଏହାକୁ ଉଭୟ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ଅନୁସରଣ କରିବେ ।
- ଗବେଷଣାରୁ ସ୍ପଷ୍ଟ ଯେ ପିଲାମାନେ 2 ରୁ 8 ବର୍ଷ ମଧ୍ୟରେ ଅତିଶୀଘ୍ର ଭାଷା ସିଖନ୍ତି ଏବଂ ବହୁ ଭାଷିକତା ମାଧ୍ୟମରେ ଶିକ୍ଷାର୍ଥୀମାନେ ମହତ୍ୱପୂର୍ଣ୍ଣ ଜ୍ଞାନକୌଶଳ ଲାଭ କରିଥାନ୍ତି । ପିଲାମାନେ ପ୍ରାରମ୍ଭ/ମୌଳିକ

ପର୍ଯ୍ୟାୟ ଠାରୁ ଆରମ୍ଭ କରି ବିଭିନ୍ନ ଭାଷା ସହିତ ଶୀଘ୍ର ସଂପର୍କିତ ହେବେ (କିନ୍ତୁ ମାତୃଭାଷା ଉପରେ ଏକ ବିଶେଷ ଗୁରୁତ୍ୱ ଦିଆଯିବ।)। ସମସ୍ତ ଭାଷାକୁ ଏକ ଉପଭୋଗ୍ୟ ଏବଂ ଆଲୋଚନାତ୍ମକ ଶୈଳୀରେ ପଢ଼ାଯିବ । ପ୍ରାରମ୍ଭିକ ବର୍ଷରେ ମାତୃଭାଷାରେ ଶୀଘ୍ର ପଢ଼ିବା ଓ ପରବର୍ତ୍ତୀ ସମୟରେ ତୃତୀୟ ଶ୍ରେଣୀ ଆଗକୁ ଅନ୍ୟ ଭାଷାରେ ପଢ଼ିବା ଓ ଲେଖିବାପାଇଁ ବିକଳିତ କୌଶଳ ଶିକ୍ଷା ଦିଆଯିବ ।

- ଏ ସମ୍ବନ୍ଧରେ ଉଚ୍ଚତର ଗୁଣବତ୍ତା ଆଧାରିତ ବିଜ୍ଞାନ ଓ ଗଣିତ ପାଇଁ ଦୁଇଭାଷୀ ପାଠ୍ୟପୁସ୍ତକ ଏବଂ ଶିକ୍ଷାଦାନ – ଶିକ୍ଷଣ ସାମଗ୍ରୀ ପ୍ରସତୁତ କରିବାରେ ସମସ୍ତ ପ୍ରୟାସ କରାଯିବ, ଯଦ୍ୱାରା ଶିକ୍ଷାର୍ଥୀ ନିଜ ଘରଭାଷା/ମାତୃଭାଷା ଏବଂ ଇଂରାଜୀରେ ଏହି ଦୁଇଟି ବିଷୟ ସଂପର୍କରେ ଚିନ୍ତା ଓ କଥାହେବାରେ ସକ୍ଷମ ହେବେ ।
- ସଂସ୍କୃତ ବ୍ୟତୀତ ଭାରତର ଅନ୍ୟ ଶାସ୍ତ୍ରୀୟ ଭାଷା ଓ ସାହିତ୍ୟ ଯେଉଁଥିରେ ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ, ଓଡ଼ିଆ, ପାର୍ସୀ ଏବଂ ପ୍ରାକୃତ ଅନ୍ତର୍ଭୁକ୍ତ, ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ପାଇଁ ବିକଳ୍ପ ରୂପରେ ସମ୍ଭବତଃ ଅନ୍‌ଲାଇନ୍ ମଡ୍ୟୁଲ ମାଧ୍ୟମରେ ଅନୁଭବାତ୍ମକ ଓ ଅଭିନବ ପନ୍ଥା ମାଧ୍ୟମରେ ଉପଲବ୍ଧ ହେବ, ଫଳରେ ଏହିସବୁ ଭାଷା ଜୀବିତ ଓ ଜୀବନ୍ତ ରହିବାକୁ ନିଶ୍ଚିତ କରାଯାଇପାରିବ ।
- ଭାରତୀୟ ଶିକ୍ଷାର ଶିକ୍ଷାଦାନ ଓ ଶିକ୍ଷଣକୁ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ସମନ୍ୱିତ କରାଯିବା ଆବଶ୍ୟକ । ଭାଷାକୁ ପ୍ରାସଙ୍ଗିକ ଓ ଜୀବନ୍ତ ରଖିବାପାଇଁ ଏହି ଭାଷାଗୁଡ଼ିକରେ ଉଚ୍ଚମାନର ଶିକ୍ଷା ଓ ଛାପାସାମଗ୍ରୀର ଏକ ସ୍ଥିର ଧାରା ରହିବା ଆବଶ୍ୟକ, ଯେଉଁଥିରେ ପାଠ୍ୟପୁସ୍ତକ, ଭିଡିଓ, ନାଟକ, କବିତା, ଉପନ୍ୟାସ, ପତ୍ରିକା ଇତ୍ୟାଦି ଅନ୍ତର୍ଭୁକ୍ତ । ଭାଷାଗୁଡ଼ିକ ସେମାନଙ୍କର ଶବ୍ଦଭଣ୍ଡାର ଓ ଅଭିଧାନ ପାଇଁ ନିରନ୍ତରଭାବେ ଅଦ୍ୟତନ କରିବାରେ ଆବଶ୍ୟକତା ଅଛି, ଯେପରି ଇଂରାଜୀ, ଫରାସୀ, ଜର୍ମାନ, ହିବ୍ରୁ, କୋରିଆ ଓ ଜାପାନୀ ଭାଷାପାଇଁ ବିଶ୍ୱର ଅନ୍ୟଦେଶମାନଙ୍କ ଦ୍ୱାରା କରାଯାଇଥାଏ । ତଥାପି ନିଜଭାଷାକୁ ଜୀବନ୍ତ ଓ ପ୍ରାସଙ୍ଗିକ କରିବାପାଇଁ ଏପରି ଶିକ୍ଷଣସାମଗ୍ରୀ, ଛାପାସାମଗ୍ରୀ ଓ ଶବ୍ଦକୋଷ ପ୍ରସ୍ତୁତ କରିବା ଦିଗରେ ଭାରତ ବହୁ ପଛରେ ପଡ଼ି ରହିଛି ।
- ଭାରତୀୟ ଭାଷାଗୁଡ଼ିକୁ ବହୁଳ ଓ ନିୟମିତଭାବେ ବ୍ୟବହାର କରିବା ସହ ବିଶେଷଭାବେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହାର କରି ଏହାକୁ ଉଜ୍ଜୀବିତ କରାଯିବା ସଙ୍ଗେସଙ୍ଗେ ପ୍ରଚାର ପ୍ରସାର ହୋଇପାରିବ । ସମସ୍ତ ଭାରତୀୟ ଭାଷାର ଲୋକପ୍ରିୟତାପାଇଁ ଗଦ୍ୟସାହିତ୍ୟ ଓ ଉତ୍ସାହୀ ପଦ୍ୟସାହିତ୍ୟ, ଉପନ୍ୟାସ, ସର୍ବସାଧାରଣରେ ଗ୍ରହଣୀୟ ପୁସ୍ତକ, ପାଠ୍ୟପୁସ୍ତକ, ସାମ୍ବାଦିକତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମପାଇଁ ପ୍ରୋତ୍ସାହନ ରାଶି ତଥା ପୁରସ୍କାର ବ୍ୟବସ୍ଥା ରହିବ । ଚାକିରି କ୍ଷେତ୍ରରେ ମଧ୍ୟ ଭାରତୀୟ ଭାଷାମାନଙ୍କ ଉପରେ ଦକ୍ଷତା ଓ ପାରଦର୍ଶିତା ଯୋଗ୍ୟତାର ଏକ ଦିଗରୂପେ ବିବେଚିତ ହେବ ।

*ରାଷ୍ଟ୍ରୀୟ ଶିକ୍ଷାନୀତି – 2020, ମାନବ ସଂସାଧନ ବିକାଶ ମନ୍ତ୍ରଣାଳୟ*

ନଥିପତ୍ର ଓ ସନ୍ଦର୍ଭର ଏହିସବୁ ସୂଚନା ବ୍ୟତୀତ ଆଜି ପ୍ରାୟ 75 ବର୍ଷ ପରେ ମଧ୍ୟ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନାହିଁ । ଏନ.ସି.ଇ.ଆର.ଟି ଦ୍ୱାରା କରାଯାଇଥିବା ଭାଷା ସମ୍ବନ୍ଧୀୟ ଦୁଇଟି ସନ୍ଦର୍ଭ (ଦେଖନ୍ତୁ ପୃଷ୍ଠା 51-54)ରେ ମଧ୍ୟ ମାଧ୍ୟମ ଭାଷାର ରାଜ୍ୟ ପିଛା ଯେଉଁ ରୂପରେଖା ପ୍ରସ୍ତୁତ କରାଯାଇଛି, ସେଥିରେ ଅଧିକାଂଶ ରାଜ୍ୟରେ ବହୁତ ଭାଷା ମାଧ୍ୟମ ଭାଷା ରୂପେ ବ୍ୟବହାର କରାଯାଇଅଛି । କାଗଜପତ୍ରରେ ମାଧ୍ୟମ ଭାଷାକୁ ନେଇ ସୂଚନା ଓ ରୂପରେଖ ଉତ୍ସାହିତ କରୁଛି । ତେବେ ଏ ଘରୋଇ ଭାଷା ଓ ସ୍କୁଲ ଭାଷା ମଧ୍ୟରେ ଥିବା ବ୍ୟବଧାନକୁ ଏବେ ମଧ୍ୟ କମାଇ ପାରୁନାହିଁ । ଦିନକୁ ଦିନ ଆହୁରି ଗୋଟାଏ ଘରୋଇ ଭାଷା ଓ ସ୍କୁଲ ଭାଷା ରେ ବ୍ୟବଧାନ ଯଦି ବଢିଚାଲେ ତେବେ ଅନ୍ୟ ପକ୍ଷରେ ଇଂରାଜୀ ସହିତ ଭାରତୀୟ ଭାଷା ମଧ୍ୟରେ ଥିବା ସମ୍ପର୍କ ମଧ୍ୟ ତୁଟିଯିବ । ମାନସିକ ବୋଝ ଏପରି ବଢିଯିବ ଯେ ପିଲାଙ୍କ ନିଜ ବୁଝିବାଶକ୍ତି, ନିଜ ଅଭିବ୍ୟକ୍ତି କେଉଁଠି ଚାପିହୋଇ ରହିଯିବ। ଏଥିପାଇଁ ରାଷ୍ଟ୍ରୀୟ ପାଠଚର୍ଯ୍ୟା ରୂପରେଖା (2005)ରେ ଏହି କଥାକୁ ପୂରା ଜୋର ଦେଇ ପୁଣି କହିବା ଜରୁରୀ ହୋଇ ପଡୁଛି ଯେ ପିଲାଙ୍କ ଘରର ଭାଷା ସ୍କୁଲରେ ମଧ୍ୟ ସେମାନଙ୍କ ବୁଝିବାର ମାଧ୍ୟମ ହେବ। ଯାହା ଫଳରେ ପିଲାମାନେ ଘୋଷିବା ଛାଡି ବୁଝିକରି ପଢିବା ଦିଗରେ ଆଗେଇଯିବେ। ଶିକ୍ଷା ସେମାନଙ୍କ ପାଇଁ ବୋଝ ନହୋଇ ଏକ ଆନନ୍ଦଦାୟୀ ଅନୁଭବ ହେବ। ସ୍ପଷ୍ଟଭାବେ

ଦେଖାଯାଇଥାଏ ଯେ ଏହା ପଛରେ କିଛି ଭ୍ରମ ଓ ବହୁତ କିଛି ଦ୍ୱନ୍ଦ୍ୱ ରହିଛି ।

ସେହିସବୁ କଥାକୁ ଧ୍ୟାନରେ ରଖି ଏନ.ସି.ଇ.ଆର.ଟିର ଭାଷା ବିଭାଗ ପ୍ରଥମ କରି ଦେଶର ସବୁ ଶିକ୍ଷାବିତ ଓ ଅଧ୍ୟାପକମାନଙ୍କୁ ନେଇ ଏକ ବିତର୍କର ସୂତ୍ରପାତ କରିଛି। ଏହି ବିତର୍କ ପାଟନା, ବାରଣାସୀ, ଉଦୟପୁର ଓ ଦିଲ୍ଲୀରେ ଏକ ପରିଚର୍ଚ୍ଚା ଶୃଙ୍ଖଳା ରୂପେ ଆୟୋଜିତ ହୋଇଛି, ଯେଉଁଥିରେ ପିଲାଙ୍କ ନିଜ ଭାଷା ସେମାନଙ୍କ ବୁଝିବାର ମାଧ୍ୟମ ହୋଇଛି, ଏ କଥାରେ ସମସ୍ତେ ସହମତ ହୋଇଛନ୍ତି। ତେବେ ସବୁଠାରୁ ବଡ ସମସ୍ୟା ଏହାର କ୍ରିୟାନ୍ୱୟନ ଅଟେ। ଏହି ଗୋଷ୍ଠୀରୁ ଅଲଗାଭାବେ ଏ କଥା ମଧ୍ୟ ବାହାରୁଛି ଯେ, ଏ ଦିଗରେ ଏକ ବ୍ୟାପକ ପ୍ରସ୍ତୁତିର ଆବଶ୍ୟକତା ଦରକାର ହେବ । କେବଳ ଏକାଡେମିକ ନୁହେଁ ବରଂ ସାମାଜିକ ଓ ପ୍ରଶାସନିକ ଭୂମିକାକୁ ନେଇ ଏକ ସଚେତନତା ପ୍ରସ୍ତୁତ କରିବାକୁ ହେବ ଏବଂ ବୁଝିବାର ମାଧ୍ୟମ ସମ୍ପର୍କୀୟ ବୋଧଜ୍ଞାନ ପ୍ରସ୍ତୁତିରେ ଏକ କ୍ରିୟାତ୍ମକ ଉଦ୍ୟମ ଆରମ୍ଭ କରିବାକୁ ହେବ।

# 2



## ଭାଷା ଓ ବୋଧଜ୍ଞାନ

- ପିଲାଙ୍କ ବୋଧଜ୍ଞାନ ଓ ଭାଷା
- ବୋଧଜ୍ଞାନ ଆଧାର ରୂପେ ଭାଷା
- ଭାଷା ଓ ସାମାଜିକ ସମତା
- ପିଲାଙ୍କ ଅସ୍ମିତାର ପ୍ରଶ୍ନ
- ସାର୍ଥକ ଶିକ୍ଷାର ପ୍ରୟାସ

ଭାଷା ଓ ବୋଧଗମ୍ୟତାର ଗଭୀର ସମ୍ପର୍କ ରହିଛି, କିନ୍ତୁ ଶିକ୍ଷାରେ ବୋଧଜ୍ଞାନର ଆବଶ୍ୟକତାକୁ ଏକ ପ୍ରକାର ପ୍ରତ୍ୟାଖ୍ୟାନ କରାଯାଇଥିଲା । ବିଗତ ବର୍ଷମାନଙ୍କରେ ଶିକ୍ଷା ସମ୍ବନ୍ଧୀୟ ଯେଉଁ ନୂଆନୀତି ପ୍ରଣୟନ ହୋଇଛି, ସେଥିରେ ପ୍ରଥମଥର ଶିକ୍ଷାରେ ବୋଧଜ୍ଞାନ ଉପରେ ଜୋର ଦେବାର କଥା କୁହାଯାଇଛି । ଏହାପୂର୍ବରୁ ବୋଧଜ୍ଞାନ କ'ଣ? ଏହା ମଧ୍ୟ କୌଣସି ପ୍ରକାର ବୁଝାପଡୁନଥିଲା। ଜ୍ଞାନପ୍ରଦାନ ଓ ଗ୍ରହଣ କରିବାର ପରମ୍ପରା ଚାଲିଥିଲା। ବହୁତ କିଛି ଆଜିବି ଚାଲିଛି। ସର୍ବପ୍ରଥମେ ପିଲାଙ୍କ ଭାଷା କ'ଣ? ଏ ବିଷୟରେ ଆମକୁ ନିଜର ବୋଧଜ୍ଞାନ ପରିପୁଷ୍ଟ କରିବାକୁ ପଡିବ ।

### ପିଲାଙ୍କ ବୋଧଜ୍ଞାନ ଓ ଭାଷା

- ବିଦ୍ୟାଳୟକୁ ଆସିବା ପୂର୍ବରୁ ପିଲାଏ ଭାଷାର ମାଧ୍ୟମରେ ଦୁନିଆକୁ ଅନୁଭବ କରିଥାନ୍ତି।
- ପିଲାଏ କେବଳ ଭାଷା ଶିଖନ୍ତି ନାହିଁ, ତା ସହିତ ମୁଣ୍ଡ ବି ଖେଳାନ୍ତି।
- ପିଲାଏ ବୋଧଜ୍ଞାନସୃଷ୍ଟିର କ୍ଷମତା ରଖିଥାନ୍ତି ଓ ନିଜେ ମଧ୍ୟ ବୋଧଜ୍ଞାନ ସୃଷ୍ଟି କରିଥାନ୍ତି।
- ସେମାନଙ୍କ ଆଖପାଖରେ କିଛି ଭାଷାର ଉପସ୍ଥିତି ସମସ୍ୟାର କାରଣ ହୋଇନଥାଏ, ବରଂ ସଂସାଧନ । କିଛି ଭାଷାର ଶିକ୍ଷାରେ ସମତା କାମ କରିପାରେ ।
- ପାଠ୍ୟଚର୍ଯ୍ୟା ଓ ଭାଷା ଯେତେବେଳେ ନିଜ ଜୀବନ ସହ ଯୋଡିହୁଏ ସେତେବେଳେ ତାହା ଆହୁରି ସମୃଦ୍ଧ ହୋଇଥାଏ।
- ଛ' ବର୍ଷର ପିଲାର ଭାଷା ମଧ୍ୟ ବହୁତ ଜଟିଳ ହୋଇପାରେ। ତା ପାଖରେ ଭାଷାର ଏହିପରି ବ୍ୟାକରଣ ଥାଏ ଯେଉଁଥିରେ ସେ ସବୁକିଛି ଅଭିବ୍ୟକ୍ତ କରିପାରେ। ଯଦି ତା' ଉପରେ ମାଧ୍ୟମ ରୂପେ ଅନ୍ୟ ଭାଷାକୁ ଲଦି ଦିଆଯାଏ ତେବେ ତାର ବୋଧଜ୍ଞାନ ସଶକ୍ତ ହୋଇପାରିବ ନାହିଁ।

*ଚମସ୍କି(1959)ଙ୍କ 'ରିଭ୍ୟୁ ଅଫ ସ୍କିନର୍ସ ଭର୍ବାଲ ବିହେଭିୟର' ରହିଛି ଯାହା ବ୍ୟବାହାରବାଦର ମୂଳଦୁଆକୁ ଦୋହଲାଇଦେଇଛି। ଚମସ୍କି ଯୁକ୍ତିର ସହ କହନ୍ତି ଯେ ଭାଷିକ କ୍ଷମତା ଜନ୍ମ କାଳରୁ ହିଁ ଆସିଥାଏ, କିନ୍ତୁ ଭାଷିକ ବ୍ୟବସ୍ଥାକୁ ଶିଖିବାର ପ୍ରକ୍ରିୟା ସମ୍ଭବ ହୋଇନଥାଏ। କିନ୍ତୁ ପିୟାଜେ (1962-83) ଇନହେଲଡର ଓ ପିୟାଜେ (1958) ଓ ବ୍ୟୋଗୋଟସ୍କି (1978,86) ପରି ମନୋବୈଜ୍ଞାନିକ ଏହି ଦୁଇ ଅତିବାଦୀ ଦୃଷ୍ଟିକୋଣର ମଧ୍ୟବର୍ତ୍ତୀ ସୋପାନକୁ ବାଛିଛନ୍ତି, ଯେଉଁଠି ବ୍ୟବହାରବାଦୀଙ୍କ ପାଇଁ ମସ୍ତିସ୍କ ଏକ 'ସାଦା ସ୍ଲେଟ' ପରିଥିଲା, ସେଠାରେ ସଜ୍ଞାନାତ୍ମକ ଦିଗ ସମର୍ଥକ (ଚମସ୍କି ଆଦି) ମାନଙ୍କ ପାଇଁ ଭାଷା ମାନବ ମସ୍ତିସ୍କରେ ପ୍ରଥମରୁ ହିଁ ବିଦ୍ୟମାନ ଥିଲା। ଯାହା ସାର୍ବଭୌମ ବ୍ୟାକରଣ ରୂପେ ପରିଗଣିତ ହୋଇଛି। ପିୟାଜେଙ୍କ ଅନୁସାରେ ଭାଷା ଅନ୍ୟ ସଜ୍ଞାନାତ୍ମକ ତନ୍ତ୍ର ଭଳି ପରିବେଶ ସହିତ ଅନ୍ତଃକ୍ରିୟାର ମାଧ୍ୟମରୁ ହିଁ ବିକଶିତ ହୋଇଛି।*

*ଭାରତୀୟ ଭାଷା ଶିକ୍ଷଣ- ଆଧାର ପତ୍ର, ପୃଷ୍ଠା 8*

## ବୋଧଜ୍ଞାନର ଆଧାର ରୂପେ ଭାଷା

ବୋଧଜ୍ଞାନ ଓ ଭାଷାର ସମ୍ପର୍କ ଏଭଳି ଯେମିତିକି ପବନ ଓ ତରଙ୍ଗର । ଆମର ବୋଧଜ୍ଞାନ ଆମ ନିଜ ଭାଷାରେ ହିଁ ସୃଷ୍ଟି ହୋଇଥାଏ। ଭାଷା ବିନା ବୋଧଜ୍ଞାନର ପରିକଳ୍ପନା ଅସମ୍ଭବ । ତେବେ ସ୍କୁଲରେ ଭାଷାକୁ ଏକ 'ଟୁଲ' ଭାବେ ବ୍ୟବହାର କରାଯାଉଛି। ଆମକୁ ଏଇ ଦିଗରେ ଏବେ କାମ କରିବାକୁ ହେବ ଆଉ ଏ ବିଶ୍ୱାସ ଦେବାକୁ ହେବ ଯେ ଭାଷା ମାନବୀୟ ବୋଧଜ୍ଞାନର ଏକମାତ୍ର ଆବଶ୍ୟକ ଆଧାର ଅଟେ। ଆମେ ଏବେ କଣ କରୁଛେ ? ଏ ସମ୍ପର୍କରେ ବି ଆମକୁ ଭାଷା ଆମକୁ ସଚେତନ କରୁଛି। ଏହା ବର୍ତ୍ତମାନରୁ ଅତୀତ ଓ ଭବିଷ୍ୟତକୁ ସଂଯୋଗ କରିବାର ଏକମାତ୍ର ଜରୁରୀ ଉପକରଣ ଅଟେ। କାଲି କଣ ଥିଲେ ? ତାହାରି ଆଧାର ଉପରେ ଏହା କଳ୍ପନା କରାଯାଇପାରେ କି ଆମକୁ ଆଉ କଣ ଦରକାର ? ନିଜ ବିଷୟରେ ବିବେକପୂର୍ଣ୍ଣ ଢଙ୍ଗରେ ନିର୍ଣ୍ଣୟ କରିବାର କାମ ଭାଷା ହିଁ କରିଥାଏ। ମନୁଷ୍ୟର ଏସବୁ ଅବସ୍ଥା ନିଜ ପରିବେଶରେ ସୃଷ୍ଟି ହୋଇଥାଏ ଓ ଏହି ସୃଷ୍ଟିର କାର୍ଯ୍ୟ ବୋଧଜ୍ଞାନ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ମଣିଷର ଏ ବୋଧଜ୍ଞାନ ଭାଷାରୁ ହିଁ ସୃଷ୍ଟି ହୋଇଥାଏ। ଭାଷାରୁ ହିଁ ଆମେ ସାର୍ଥକ ଅବଧାରଣା ସୃଷ୍ଟି କରିଥାଉ, ସମ୍ବନ୍ଧର ସଂଯୋଗ କରିଥାଉ, ନିଜ ଅନୁଭବକୁ ସାର୍ଥକତା ପ୍ରଦାନ କରିଥାଉ, ନିଜର ଇଚ୍ଛାକୁ ଦେଖିପାରୁ ଓ ଅନ୍ୟର ଇଚ୍ଛାକୁ ବୁଝିପାରିଥାଉ। ଏଣୁ ମନୁଷ୍ୟକୁ ଗଢିତୋଳିବାର ଆବଶ୍ୟକ ସର୍ତ୍ତରୂପେ ଭାଷା ବୋଧଜ୍ଞାନର ମାଧ୍ୟମ ହୋଇଥାଏ।

ପିଲାଙ୍କ ନିଜ ଭାଷାର ସଂରଚନା ସେମାନଙ୍କ ମସ୍ତିଷ୍କରେ ପ୍ରଥମରୁ ହିଁ ଥାଏ। ଅବଧାରଣାର ଢାଞ୍ଚା ଏହି ଭାଷାରୁ ହିଁ ସୃଷ୍ଟି ହୋଇଥାଏ। ସିଏ ଯେତେବେଳେ କୌଣସି ନୂଆ ଜିନିଷକୁ ଦେଖେ ସେତେବେଳେ ଏହାର ସମ୍ବନ୍ଧକୁ ସେ ପୂର୍ବ ଅନୁଭବ ସେ ଯୋଡିଥାଏ ଓ ନୂଆ ବିଶେଷତାକୁ ଖୋଜିଥାଏ, ତେବେଯାଇଁ ସେଇ ଜିନିଷର ଅବଧାରଣା ରୂପ ନେଇଥାଏ । ପିଲାଟି ଆଉଟିକେ ବଡ଼ ହୋଇଗଲେ ସେ ପରିଚିତ ଓ ଅପରିଚିତ ବସ୍ତୁକୁ ଜାଣିପାରେ ଓ ସେ ସମ୍ବନ୍ଧରେ ମଧ୍ୟ କଥାବାର୍ତ୍ତା କରିପାରେ । ଏହା କେବଳ ଭାଷା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏଣୁ ପିଲାଙ୍କ ମନରେ ପ୍ରଥମରୁ ବସ୍ ବାନ୍ଧିଥିବା ଓ ନୂଆ ଅବଧାରଣାକୁ ଭିନ୍ନଭିନ୍ନ ପରିସ୍ଥିତିରେ କାର୍ଯ୍ୟକାରୀ କରିବାର ଅବସର ଦେବାକୁ ହେବ । ତେବେ ଯାଇ ସେମାନଙ୍କ ବୋଧଜ୍ଞାନ ସୃଷ୍ଟି ହେବ ।

*ଗୋଟିଏ ପିଲା ଉଡୁଥିବା ମୟୂରକୁ ଦେଖି କହେ 'କୁଆ' ଓ ଚାଲୁଥିବା ମୟୂରକୁ ଦେଖି କହେ 'ଭୌଁ ଭୌଁ'/ ଏଥିରେ ଦେଢବର୍ଷର ପିଲାଟିର ଅବଧାରଣା ବିକଶିତ ହୋଇଥାଏ । ଅର୍ଥାତ ତା ପାଇଁ ଏହା ଉଡୁଥିବା ମୟୂର ପକ୍ଷୀ, ଆଉ ଚାଲୁଥିବା ମୟୂର ହେଉଛି ପଶୁ । ୬ ମାସ ପରେ ସେ ପାଚେରୀ ଉପରେ ଯାଉଥିବା 'ଝିଟିପିଟି' କୁ 'ପଲ୍ଲୀ (ବଡ଼ ଝିଟିପିଟି)' କହେ ଆଉ ମା ଯେତେବେଳେ ତା'କୁ 'କୁଆ' କହେ, ସେତେବେଳେ ସେ ଚମକି ଉଠିଥାଏ । ଏବେ ଏହି ପାର୍ଥକ୍ୟ ଆହୁରି ଅଧିକ ସ୍ପଷ୍ଟ ହୋଇଗଲା। ଏହା ତା'ର ଶିକ୍ଷା ଓ ବୋଧଜ୍ଞାନ ସୃଷ୍ଟିର ମାଧ୍ୟମ । କୌଣସି ଜିନିଷ ଦେଖି ପିଲା ବେଳେବେଳେ ଏମିତି ପଚାରିଥାନ୍ତି 'ଏହା କଣ ଅଟେ?' ସେମାନେ ଏଠାରେ ଶବ୍ଦକଥା ପଚାରନ୍ତି ନାହିଁ, ବରଂ ଅବଧାରଣା ବିଷୟରେ ପଚାରନ୍ତି । ପିଲାଏ ପ୍ରଥମେ ଯେଉଁଭାଷା କହିବା ଆରମ୍ଭ କରନ୍ତି ସେଇଥିରୁ ବୋଧଜ୍ଞାନ ଜୁଟାନ୍ତି, ଅର୍ଥ ବାହାର କରନ୍ତି, ସେହି ଅର୍ଥ ସେମାନଙ୍କ ପାଇଁ କି ଗୁରୁତ୍ୱ ରଖୁଛି ଆମପାଇଁ ଜରୁରୀ ଅଟେ ।*

*- ଏକ ପ୍ରତିଯୋଗୀ*

## ଭାଷା ଓ ସାମାଜିକ ସମତା

ସାମୁଦାୟିକ ଜୀବନ, ଭାଷା ଓ ମଣିଷ ବହୁତ ଗଭୀର ଭାବେ ଗୋଟିଏ ଅନ୍ୟଟି ସହିତ ଯୋଡିହୋଇଛି ଏବଂ ସର୍ଜନାରେ ଏହାର ବଡ ଭୂମିକା ରହିଛି। ପିଲା ନିଜର ଅନୁଭବକୁ ଭାଷା ମାଧ୍ୟମରେ ଯୋଡି ତାହାକୁ ଅର୍ଥବାନ୍ କରିଥାଏ । ଏ ପ୍ରତିକ୍ରିୟା ଯେ କୌଣସି ଭାଷା ଦ୍ୱାରା ହିଁ ହୋଇଥାଏ ଏବଂ ଏହି ଭାଷା ପିଲାର ଘରର ଭାଷା କିମ୍ବା ମାତୃଭାଷା ହୋଇପାରେ। ଅର୍ଥାତ ସର୍ଜନାର ପ୍ରଥମ ପ୍ରଚେଷ୍ଟା ହିଁ ନିଜ ଭାଷାରେ ଆରମ୍ଭ ହୋଇଥାଏ। କାରଣ ଯେଉଁ ଭାବନାତ୍ମକ ଓ ଅନ୍ତରଙ୍ଗ ଶବ୍ଦ ଦେଖାଯାଏ, ସେଗୁଡିକ କେବଳ ନିଜ ଭାଷାରେ ହିଁ ଆସିଥାଏ ।

ପିଲାଟି ଯେତେବେଳେ ପ୍ରଥମ ଥର ସ୍କୁଲକୁ ଆସେ, ସେତେବେଳେ ତାକୁ ଏ କଥା ଶିଖା ଯାଇଥାଏ ଯେ ନିଜ ଭାଷାରେ ତାକୁ କହିବାକୁ ହେବନି ବରଂ ଶିକ୍ଷକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଭାଷାରେ କହିବାକୁ ହେବ । ଏଇଟା ହେଉଛି ସେହି ଭାଷା ଯେଉଁଥିରେ ସେ ଏବେ ଯାଏଁ ଚିନ୍ତା କରିନାହିଁ କି କଥାବାର୍ତ୍ତା କରିନାହିଁ । ଏହାର ପରିଣାମ ବହୁତ ବିପଦଜନକ ହୋଇପାରେ। ଆମକୁ ଧ୍ୟାନ ଦେବାକୁ ପଡିବ ଯେ ପିଲା ନିଜକୁ ମାତୃଭାଷାରେ ହିଁ ସର୍ଜନଶୀଳ କରିଥାଏ ଓ ନିଜର ଅନୁଭବକୁ ମଧ୍ୟ ଏହି ଭାଷାରେ ବ୍ୟାଖ୍ୟା କରିଥାଏ। ଶିକ୍ଷାରେ ଏହାକୁ ବର୍ଜନ କରିବାର ଅର୍ଥ କେବଳ ପିଲାଙ୍କୁ ବର୍ଜନ କରୁନାହିଁ, ତା ସହିତ ଏହା ସାମାଜିକ ସମତା, ସାମାଜିକ ନ୍ୟାୟ ଓ ସ୍ୱାଧୀନତାକୁ ମଧ୍ୟ ବର୍ଜନ କରୁଛି । ଏହି ପ୍ରବୃତ୍ତି 'ନିରବତାର ସଂସ୍କୃତି' ସହିତ ଏକ ଆକ୍ରମକ ସମାଜକୁ ଜନ୍ମ ଦେଇପାରେ, କାରଣ ଯେତେବେଳେ ଶବ୍ଦମାଧ୍ୟମରେ ଅଭିବ୍ୟକ୍ତି ଆସିପାରିବନାହିଁ, ସେତେବେଳେ ସେଠାରେ ଅନ୍ୟକିଛି ରାସ୍ତା ଖୋଲିପାରେ, ଯାହା ଅନୁପଯୁକ୍ତ ମଧ୍ୟ ହୋଇପାରେ । ସହିଷ୍ଣୁତାର ଭାବ ଆଣିବାପାଇଁ ମଧ୍ୟ ପିଲାଙ୍କୁ ନିଜ ଭାଷାରେ ଚିନ୍ତାକରିବାକୁ, ବିଚାରକରିବାକୁ ଓ ପଢାଲେଖା କରିବାକୁ ସୁଯୋଗ ଦେବାକୁ ହେବ ଏହା ଅକାରଣ ନୁହଁ କାରଣ ଗାନ୍ଧୀ ଆଜିଠାରୁ ପ୍ରାୟ ଶହେ ବର୍ଷ ପୂର୍ବରୁ (ସନ ୧୯୦୯ରେ) 'ହିନ୍ଦ୍ ସ୍ୱରାଜ' କୁ ନିଜ ମାତୃଭାଷା ଗୁଜୁରାଟିରେ ଲେଖିଛନ୍ତି, ଇଂରାଜୀରେ ନୁହେଁ।

ଆମ ଶିକ୍ଷା ପଦ୍ଧତି କିଛି ଲୋକଙ୍କ ଭାଷାକୁ କେତେବେଳେ ସ୍ୱୀକାର କରୁଛି ତ, ପୁଣି କିଛି ଲୋକଙ୍କ ଭାଷାକୁ ବିରୋଧ କରୁଛି । ଏହି ବିରୋଧ ଶିକ୍ଷା ପାଇବାର ଉପକରଣ ବା ଜ୍ଞାନପ୍ରାପ୍ତି କରିବାର ଏକମାତ୍ର ସାଧନ । ଏ ବିଷୟରେ ଆମକୁ ଧ୍ୟାନ ଦେବାକୁ ହେବ ଯେ ନୂଆ ମେସିନ ତିଆରିବା, ନୂଆ ଗବେଷଣା କରିବା, ନିଜ ଓ ସମାଜ ବିଷୟରେ ନୂଆ ଢଙ୍ଗରେ ଚିନ୍ତା କରିବା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ନିଜ ଭାଷାରେ ଚିନ୍ତା କରି ପାରିବା। ଆଉଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ପ୍ରତ୍ୟେକ ସ୍କୁଲ ଭାଷା ଶିକ୍ଷାକୁ ନମନୀୟ କରିପାରିବେ ।

## ପିଲାମାନଙ୍କ ଅସ୍ମିତାର ପ୍ରଶ୍ନ

ଏମିତି ଦୁଇପ୍ରକାର ସ୍କୁଲର କଳ୍ପନା କରାଯାଉ ଯାହାର ନିଜସ୍ୱ ଭାଷା-ନୀତି ରହିଛି । ଗୋଟିଏ ହେଉଛି ଏମିତି ଏକ ସ୍କୁଲ ଯେଉଁଠି ପିଲା ସ୍କୁଲକୁ ଆସିବାବେଳେ ତା ନିଜ ଭାଷାକୁ, ତାହା ଜନଜାତୀୟ ଭାଷା ହେଉବା ତାହାର ନିଜ ଘରର ଭାଷା ହେଉ – ତାକୁ ପୂରା ସହଜ ଓ ସମ୍ମାନର ସହିତ ଶ୍ରେଣୀ ଗୃହରେ ସ୍ୱୀକାର କରାଯାଇଥାଏ। ସେ ନିଜ ଭାଷାରେ ଯେମିତି ପ୍ରକାରେ କଥାବାର୍ତ୍ତା କରିଥାଉ, ତାକୁ ଭୁଲ ବୋଲି କୁହାଯିବ ନାହିଁ ଏବଂ ତାକୁ ଗାଉଁଲି ବୋଲି ମଧ୍ୟ କୁହାଯିବ ନାହିଁ। ତାହାରି ଭାଷାରେ ସେ ନିଜ ପିତା, ଜେଜେ, ବା ଯେ କୌଣସି ବଡଲୋକକୁ 'ତୁମେ' କହିଥାଏ। ଏମିତିକି ଶିକ୍ଷକଙ୍କୁ ମଧ୍ୟ 'ତୁମେ' କହିଥାଏ; ତେଣୁ ତାକୁ ଏଠି ଅପମାନିତ କରାଯାଇନଥାଏ; ତାକୁ ଗାଉଁଲି କହି ଦବାଇ ଦିଆଯାଏ ନାହିଁ। ଏପରି ସ୍କୁଲ ଏ ଧରଣର ପିଲାକୁ ଧୀରେଧୀରେ ବୃହତ୍ତର ଦୁନିଆ ଆଡକୁ ଜ୍ଞାନ ସହ ଯୋଡିବା ପାଇଁ କ୍ଷେତ୍ରୀୟ ଭାଷା ଆଡ଼କୁ ଆଣିବାକୁ ପ୍ରୟାସ କରିଥାଏ । ଏହି କାମ ତା'ର ଆତ୍ମଗୌରବ ଓ ଆତ୍ମବିଶ୍ୱାସକୁ ବାଧା ନଦେଇ ବରଂ ଧୀରେଧିରେ କରାଯାଇଥାଏ। ଏପରି ସ୍କୁଲରେ ପିଲାର ପୂର୍ବ ଅର୍ଜିତ ଜ୍ଞାନର ସ୍ୱାଗତ କରାଯାଇଥାଏ। ଏଠାରେ ପିଲା ମାତୃଭାଷା ସହିତ ପ୍ରାଦେଶିକ ଭାଷାରେ ସହଜ ଢଙ୍ଗରେ ବିଚରଣ କରିଥାଏ।

ଦ୍ୱିତୀୟଟି ମଧ୍ୟ ଏପରି ଏକ ସ୍କୁଲ ଯେଉଁଠି ପିଲା ପ୍ରବେଶ କରୁକରୁ ତାର ଶିକ୍ଷା ଏକ ଅନ୍ୟ ଭାଷାରେ ଆରମ୍ଭ ହୋଇଯାଏ । ସେଠୀ ନିଜ ଭାଷା ମୁହଁରୁ ବାହାରି ଆସିବା ମାତ୍ରେ ତାକୁ ଗାଉଁଲି ବୋଲି କୁହାଯାଏ। ଏ ପ୍ରକାର ସ୍କୁଲ ପିଲାର ନିଜ ଭାଷାକୁ ସ୍ୱୀକାର କରିନଥାଏ। ଯଦି ଏଇ ଦୁଇ ସ୍କୁଲ ଓ ତାର ପିଲାଙ୍କୁ ପରଖି ନେବା ତେବେ ପାଇବା ଯେ ପ୍ରଥମ ସ୍କୁଲରୁ ବାହାରୁଥିବା ପିଲା ଆତ୍ମବିଶ୍ୱାସରେ ପୂର୍ଣ୍ଣଥିବା ଜଣାପଡିବ । ନିଜ ମୂଳ ସହିତ ଯୋଡି ହୋଇଥିବା ଏ ପିଲାର ମନରେ ନିଜ ଭାଷା ପ୍ରତି କୌଣସି ଲୁକାୟିତ ବା ହୀନ ଭାବନା ଆସିବନାହିଁ । ଏ ପ୍ରକାର ପିଲାର ପ୍ରାଦେଶିକ ଓ ଇଂରାଜୀ ଭାଷା ଉପରେ ବି ପର୍ଯ୍ୟାପ୍ତ ଅଧିକାର ଆସିବ। ହେଲେ ଦ୍ୱିତୀୟ ସ୍କୁଲରୁ ବାହାରୁଥିବା ପିଲାର ନିଜ ଭାଷାକୁ ବିରୋଧ କରିବାର କାରଣ ହେଉଛି ତାର ଆତ୍ମବିଶ୍ୱାସ କମ୍ ଥିବ ଓ ଦ୍ୱିତୀୟ ଭାଷାର ଫାନ୍ଦରେ ପଡି ତା'ର ଧ୍ୟାନ ଅଭିବ୍ୟକ୍ତି ଆଡକୁ ନଯାଇ ଠିକ ଉଚ୍ଚାରଣ ଓ ବ୍ୟାକରଣ ଆଡକୁ ଚାଲିଯିବ। ଆଗକୁ ଯାଇ ସେ ବିଚାରର ତାରତମ୍ୟକୁ ଛାଡ଼ି ଭାଷାକୁ ସଂଶୋଧନ କରିବାରେ ଲାଗିରହିବ ।

*ଦୁମକା କ୍ଷେତ୍ରରେ ସାକ୍ଷରତା ଅଭିଯାନ ସମୟରେ ହିନ୍ଦୀରେ ପାଠ୍ୟପୁସ୍ତକ (ପୌଢମାନଙ୍କ ପାଇଁ) ବିକଶିତ ହୋଇଛି। ପୁସ୍ତକ ବହୁତ ଭଲ ଥିଲା ତେବେ ତାକୁ କେହି ବୁଝିପାରୁନଥିଲେ। ପୁଣି ସ୍ଥାନୀୟ ଲୋକଙ୍କ ଚେଷ୍ଟାରେ ନୂଆ ପଠନ ସାମଗ୍ରୀ ବିକଶିତ କରାଗଲା ଏବଂ ତାହା ବହୁତ ଲୋକପ୍ରିୟ ସାବ୍ୟସ୍ତ ହେଲା। ଏ ପୁସ୍ତକ ସାନ୍ତାଳୀ ଭାଷାରେ ପ୍ରସ୍ତୁତ କରାଯାଇଥିଲା। କିଛି ଲୋକଙ୍କ ମତ ହେଲା ପ୍ରାରମ୍ଭିକ ଅବସ୍ଥାରେ ଏସବୁ ଠିକ୍‌ଠାକ୍ ତେବେ ପରେ ଏଥିରେ କାର୍ଯ୍ୟକାରୀ ଭାଷାକୁ ସାମିଲ କରିବା ଜରୁରୀ ହେବ। ଏ ପ୍ରକାର ଅନୁଭବକୁ ବିଦ୍ୟାଳୟ ଶିକ୍ଷାରେ କାର୍ଯ୍ୟକାରୀ କରାଯିବା ଉଚିତ ଅର୍ଥାତ ବୋଧଜ୍ଞାନ ସୃଷ୍ଟି ପାଇଁ ସେମାନଙ୍କ ନିଜ ଭାଷା ହେଉ ଓ ପୁଣି ଧୀରେଧୀରେ ଅଧିକ ଭାବେ ପ୍ରଚଳିତ ଭାଷା ବା ସମ୍ପର୍କର ଭାଷା ହେଉ।*

*-ଏକ ପ୍ରତିଯୋଗୀ*

ପିଲାମାନେ ନିଜ ଆଖପାଖରେ ପରିବେଶ ଓ ପୂରା ଦୁନିଆକୁ ବୁଝନ୍ତି ଓ ବିଦ୍ୟାଳୟକୁ ନିଜର ସଂପୂର୍ଣ୍ଣ ଅସ୍ମିତା ନେଇକରି ଆସିଥାନ୍ତି । ଯଦି ସ୍କୁଲରେ ସେମାନଙ୍କ ଘରର ଭାଷାକୁ ଅସ୍ୱୀକାର କରାଯାଏ ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ପିଲାଏ ଯେଉଁ ଭାଷାରେ ନିଜକୁ ଗଢିଛନ୍ତି, ତାକୁ ଅସ୍ୱୀକାର କରାଯାଉଛି ବୋଲି ଧରିନେବାକୁ ହେବ। ପିଲାମାନେ ଯେଉଁଭାଷାରେ ନିଜର ଅସ୍ମିତା ଗଠନ କରିଛନ୍ତି, ଯାହାଦ୍ୱାରା ଦୁନିଆ ବିଷୟରେ ଏକ ବୋଧଜ୍ଞାନ ସୃଷ୍ଟିହୋଇଛି, ତାକୁ ଅସ୍ୱୀକାର କରିବା ନା କେବଳ ମାତୃଭାଷାକୁ ଅସ୍ୱୀକାର କରିବା, ପରନ୍ତୁ ତାହାର ବୋଧଜ୍ଞାନର ଆଧାରକୁ ମଧ୍ୟ ଅସ୍ୱୀକାର କରିବା। ଏଣୁ ଆମକୁ ପିଲାର ଭାଷାକୁ ସ୍ୱୀକାର କରିବାକୁ ହେବ । ସେମାନଙ୍କ ଭାଷାର ସୀମା ମଧ୍ୟ ଥିବ, ତେଣୁ ଆମକୁ ସେସବୁକୁ ସ୍ୱୀକାର କରିବାକୁ ପଡିବ । ଆରମ୍ଭ ସମୟରେ ତାକୁ ନିଜ ଭାଷାରେ ପଢିବା(ବୁଝିବା)ର ସୁଯୋଗ ଦିଆଯିବା ଉଚିତ। ଧୀରେଧୀରେ ତାକୁ ରାଜ୍ୟ ସମ୍ବନ୍ଧରେ ବ୍ୟାପକ ଜ୍ଞାନ ସମ୍ବନ୍ଧିତ ଭାଷା ସହିତ ଯୋଡାଯିବା ଉଚିତ । ଏ ଚେଷ୍ଟାରେ ପ୍ରାଦେଶିକ ଭାଷାକୁ ତା ନିଜ ଭାଷା ଦ୍ୱାରା ପ୍ରଭାବିତ ହେବାରୁ ମୁକ୍ତି ଦେବାକୁ ହେବ । ଏହି ପ୍ରୟାସ ନୂଆ ଜିନିଷକୁ ସାର୍ଥକ ଢଙ୍ଗରେ ବୁଝିବାରେ ସାହାଯ୍ୟ କରିବ ଓ ପଠନ ଶିକ୍ଷଣରେ ଆତ୍ମନିର୍ଭରତା ଏବଂ ଆତ୍ମବିଶ୍ୱାସ ଆଣିବ । ପିଲା ପ୍ରଥମେ ଯେଉଁ ଭାଷାରେ କହିବା ଆରମ୍ଭ କରେ, ସେହି ଭାଷାରେ ତାର ବୋଧଜ୍ଞାନ ତିଆରି ହୋଇଥାଏ ଏବଂ ସେଇଥିରୁ ସେ ଅର୍ଥ ବାହାର କରିଥାଏ। ସେହି ଅର୍ଥ ପିଲା ପାଇଁ କେଉଁ ଗୁରୁତ୍ୱ ରଖୁଛି, ଆମକୁ ସେକଥା ବୁଝିବାକୁ ହେ ବ। ଏଥିପାଇଁ ଆମକୁ ଶ୍ରେଣୀ କକ୍ଷରେ ନୂତନ ପ୍ରସ୍ତୁତି କରିବାକୁ ପଡିବ ।

*ଏହା କେଡ଼େ ଦୁଃଖର କଥା ଯେ ଆମେ ସ୍ୱରାଜର କଥା ମଧ୍ୟ ପର ଭାଷାରେ କରୁଛୁ ? ଯେଉଁ ଶିକ୍ଷାକୁ ଇଂରେଜମାନେ ନାଡ୍ ମାରିଥିଲେ ତାହାକୁ ଆମେ ମଥାରେ ବସାଇଛୁ । ଏହା ଜାଣିବା କଥା । .......ସେସବୁ ଯାହା ଭୁଲରେ ଯାଇଛି, ତାକୁ ଆମେ ନିଜ ଅଜ୍ଞାନତା କାରଣରୁ ଜାବୁଡି ଧରିଛୁ, ସେଥିରେ ନିଜ ନିଜ ଭାଷାର ଉନ୍ନତି କରିବାର ଚେଷ୍ଟା ଚାଲୁ ରଖିଛୁ । ୱେଲ୍‌ସ ଇଂଲଣ୍ଡର ଏକ ଛୋଟ ପ୍ରଗଣା, ତା'ର ଭାଷା ଧୂଳି ପରି ନଗଣ୍ୟ। ଏହି ଭାଷାର ଜୀର୍ଣ୍ଣୋଦ୍ଧାର ହେଉଅଛି ।*

*ୱେଲ୍‌ସର ପିଲାମାନେ ୱେଲ୍‌ସ ଭାଷାରେ ହିଁ କଥାବାର୍ତ୍ତା କରିବେ, ଏ ପ୍ରକାର ଚେଷ୍ଟା ସେଠାରେ ଚାଲୁରହିଛି। ଏଥିରୁ ଇଂଲଣ୍ଡର ଖଜଣା ଅଧିକାରୀ ଲର୍ଡ ଜର୍ଜ ବଡ଼ ଅଂଶ ନେଇଥାନ୍ତି। ହେଲେ ଆମ ଦଶା କେମିତିକା? ଆମେ ଯେତେବେଳେ ଜଣେ ଅନ୍ୟ ଜଣକୁ ପତ୍ର ଲେଖୁ, ସେତେବେଳେ ଭୁଲ ଇଂରାଜୀରେ ଲେଖୁ ।.... ଆମର ଉତ୍ତମରୁ ଉତ୍ତମ ବିଚାର ପ୍ରକଟ କରିବାର ମାଧ୍ୟମ ହେଉଛି ଇଂରାଜୀ... ଯଦି ଏମିତି ଦୀର୍ଘ ଦିନ ଯାଏ ଚାଲେ ତେବେ ମୋର ଅନୁମାନ ହେଉଛି ଯେ ଭବିଷ୍ୟତର ପିଢି ଆମକୁ ତିରସ୍କାର କରିବ ଓ ସେମାନଙ୍କ ଅଭିଶାପ ଆମ ଆତ୍ମାକୁ ଲାଗିବ। ମୋତେ ଲାଗୁଛି କି ଆମେ ଆମର ସବୁ ଭାଷାକୁ ଉଜ୍ଜ୍ୱଳ ସୁନ୍ଦର କରିବା ଉଚିତ। ଆମେ ନିଜ ଭାଷାରେ ହିଁ ଶିକ୍ଷା ଗ୍ରହଣ କରିବା ଉଚିତ - ଏହାର କ'ଣ ମାନ୍ୟତା ରହିଛି, ଏହାକୁ ଅଧିକ ବୁଝାଇବାର ଆବଶ୍ୟକତା ନାହିଁ । ଯେଉଁ ଇଂରାଜୀ ପୁସ୍ତକର ଆବଶ୍ୟକତା ଅଛି ତାକୁ ଆମ ନିଜ ଭାଷାରେ ଅନୁବାଦ କରିବାକୁ ହେବ ।*

*-ହିନ୍ଦ୍ ସ୍ୱରାଜରୁ*

- ସମୟ, ଭାଷା ଓ ବୋଧଜ୍ଞାନ ପରିବର୍ତ୍ତନଶୀଳ ଅଟେ। ଆମେ ଏହି ପରିବର୍ତ୍ତନ ପ୍ରକ୍ରିୟାକୁ ଧ୍ୟାନରେ ରଖିତାର ଗୁରୁତ୍ୱ ବାହାର କରିବାର ଅବସର ଦେବାକୁ ହେବ ।
- ପିଲାମାନେ ସାରା ଦୁନିଆର ଭାଷାକୁ ଶିଖିବାର କ୍ଷମତା ନେଇ ଜନ୍ମ ହୋଇଥାନ୍ତି । ସେମାନଙ୍କର ଏ ପ୍ରକାର କ୍ଷମତାକୁ ଶ୍ରେଣୀଗୃହରେ ସମ୍ମାନ ଦେବାକୁ ହେବ ।
- ପିଲାଙ୍କ ଅବଧାରଣା, ସେମାନଙ୍କ ଅନୁଭୂତି ଓ ତାଙ୍କର ଦେଖିବାର ଭାଷାକୁ ଶ୍ରେଣୀରେ ସ୍ଥାନ ଦେବାକୁ ହେବ ।
- ଆମେ ସେମାନଙ୍କୁ ଧ୍ୱନି ଦ୍ୱାରା ଖେଳିବାର ସୁଯୋଗ ଦେବାକୁ ହେବ ।
- ଆମେ ସେମାନଙ୍କୁ ନିଜର ଅର୍ଥ ଗଠନ କରିବାର ସୁଯୋଗ ଦେବାକୁ ହେବ ।
- ଶିକ୍ଷକଙ୍କୁ ବିନା ପରିଭାଷାର ଅବଧାରଣା ପର୍ଯ୍ୟନ୍ତ ପହଞ୍ଚିବାର ନୀତି ତିଆରି କରିବାକୁ ହେବ।
- ପାଠ୍ୟ ସାମଗ୍ରୀର ସୀମାକୁ ବିସ୍ତୃତ ଭାବେ ବଦଳାଇବାକୁ ହେବ।
- ଅନୁବାଦର ଯାନ୍ତ୍ରିକତାକୁ ରଚନାତ୍ମକ କରିବାକୁ ହେବ । [ବିନା ସନ୍ଦର୍ଭରେ ବସା ଶିଖିବାର ପ୍ରଚେଷ୍ଟାକୁ ଛାଡିବାକୁ ହେବ । ଅର୍ଥାତ ଏ ଭ୍ରମକୁ ଦୂର କରିବାକୁ ହେବ ଯେ କ, ଖ, ଗ, ଘ କିମ୍ବା a, b, c, d ମଧ୍ୟ ଭାଷା ।]
- ଭାଷା ପିଲାଙ୍କ ଅସ୍ମିତା, ସଂସ୍କୃତି ଓ ବିକାଶ ସହିତ ଯୋଡିହୋଇ ରହିଛି ।
- ଭାଷା ତାର ଆଗକୁ ବଢିବାର ମାଧ୍ୟମ ଅଟେ।
- ପିଲା କୌଣସି ନୂଆ ଦ୍ରବ୍ୟକୁ ଦେଖିବା ବେଳେ ତାକୁ ଭାଷା ସହିତ ଯୋଡି ଦେଖିଥାଏ।
- ଭାଷା ଅନୁଭବକୁ ବ୍ୟାଖ୍ୟା କରିବା ଓ ବିଶ୍ଳେଷଣ କରିବାର ଆଧାର ଅଟେ ।
- ଯେଉଁ ପିଲା କଥାବାର୍ତ୍ତା କରିପାରେନି, ତା' ପାଖରେ ମଧ୍ୟ ଏକ ପ୍ରକାର ଭାଷା ଥାଏ।
- ଅଧ୍ୟାପକଙ୍କୁ ବି ଏହା କରିବାକୁ ହେବ ଯେ ଓଡ଼ିଆରେ ସ୍ଥାନୀୟ ଭାଷାର ପ୍ରଭାବକୁ ବିନାବାଧାରେ ଆଣିବାକୁ ହେବ। ତାହା ଉଚ୍ଚାରଣ ହେଉ, ବାକ୍ୟ ସଂରଚନା ହେଉ ବା ରୂଢି ହେଉ, ଏହା ଦ୍ୱାରା ଓଡ଼ିଆ ଆଉ ସ୍ଥାନୀୟ ସମୁଦାୟ ଦୁହିଁଙ୍କୁ ଶକ୍ତି ମିଳିବ ।

## ସାର୍ଥକ ଶିକ୍ଷାର ପ୍ରୟାସ

ଆମର ଶିକ୍ଷା ବ୍ୟବସ୍ଥା ପିଲା ଉପରେ ଦ୍ୱିତୀୟ ଭାଷା ବା କ୍ଷେତ୍ରୀୟ ଭାଷାକୁ ଲଦି ଦେଇ 'ନିରବତାର ସଂସ୍କୃତିକୁ' ଜନ୍ମ ଦେଇଛି। ପିଲାର ବୋଧଜ୍ଞାନର ସବୁ ଦରଜା ବନ୍ଦ କରିଦେବାର ଚେଷ୍ଟା କରିଛି। ଅନେକ ଦ୍ୱୀପର ଗୋଟିଏ ଛୋଟ ଦେଶ ହେଉଛି ପାପୁଆଗିନୀ। ଏହି ଦେଶ ନିଜ ଭାଷା ନୀତି ଦ୍ୱାରା ପ୍ରମାଣ କରିଦେଉଛି ଯେ ପ୍ରାଥମିକ ଶିକ୍ଷା ଚାରିଶହରୁ ଅଧିକ ଭାଷାରେ ମଧ୍ୟ ଦିଆଯାଇପାରେଓ୍ୱ । ଏଇ ଦେଶଟି ଭାଷାକୁ ବୋଧଜ୍ଞାନର ବାହନ ଭାବେ ସଜାଇବାର ପ୍ରୟାସ କରି ଆସିଛି । ପିଲା ନିଜ ଭାଷାର ବ୍ୟବହାର କରିବା ସହିତ ଇଂରାଜୀ ବା କୌଣସି ଅନ୍ୟଭାଷା ସହିତ ଯୋଡିବାକୁ ଚେଷ୍ଟା କରିଛି। ଆମକୁ ମଧ୍ୟ ଏ ଦିଗରେ ପ୍ରୟାସ କରିବାକୁ ହେବ। ଆମେ ପ୍ରାଥମିକ ଶିକ୍ଷାର ସନ୍ଦର୍ଭରେ ଜାପାନ, କୋରିଆ, କ୍ୟୁବା, ଫିନଲାଣ୍ଡ ଓ କାନାଡା ଭଳି ଦେଶର ଭାଷାନୀତିର ଅନୁସରଣ କରିବା ଉଚିତ। କାନାଡା ଏ ବିଷୟରେ ବିଶେଷ ଗୁରୁତ୍ୱ ଦେଇଛି ଯେ କୌଣସି ପିଲା ନିଜର ଭାଷା କାରଣରୁ ଯେମିତି ପଛରେ ପଡି ନଯାଏ। ଏଠାରେ "ଶିକ୍ଷା ଅଧିକାର" ନିୟମରେ ମାତୃଭାଷାରେ ଶିକ୍ଷାର ବିଷୟକୁ ଜୋରଦେଇ କୁହାଯାଇଛି। ପିଲାର ଉତ୍ତମ ଶିକ୍ଷା ପାଇଁ ଏହା ଜରୁରୀ ଯେ ତାହା ସାର୍ଥକ ହେଉ। ଆମକୁ ଏ ଦିଗରେ ଚେଷ୍ଟା କରିବାକୁ ହବ ଯେମିତି କି ପିଲାକୁ ତାହାରି କ୍ଷମତାର ବିଶ୍ୱାସ ଦିଆଯାଇପାରେ। ଏଇ ଶିକ୍ଷା କେବଳ ପ୍ରଥମ ଭାଷାରେ ଦିଆଯାଇପାରେ । ଭାଷା ବୈଜ୍ଞାନିକ ମଧ୍ୟ କହନ୍ତି ଯେ ପ୍ରଥମ ଭାଷା ସମୃଦ୍ଧ ହେଲେ ଦ୍ୱିତୀୟ ଭାଷା ଶିଖିବା ସହଜ ହୋଇଥାଏ ।



# 3

# ବହୁଭାଷିକତା

- ବହୁଭାଷିକତାର ଉଦ୍ଦେଶ୍ୟ
- ପିଲାଙ୍କ ଭାଷା କ୍ଷମତା
- ସାର୍ବଭୌମିକ ବ୍ୟାକରଣର ପରିକଳ୍ପନା
- ବହୁଭାଷିକତା ଓ ଅଳ୍ପ ସଂଖ୍ୟକ ତଥା ଆଦିବାସୀ ଭାଷା
- ବହୁଭାଷିକତା ଓ ଦକ୍ଷିଣଭାରତୀୟ ଭାଷା
- ବହୁଭାଷିକତା ଓ ଇଂରାଜୀ ଶ୍ରେଣୀ
- ବହୁଭାଷିକ ଶ୍ରେଣୀ
- ବହୁଭାଷିକତାର ଆହ୍ୱାନ

ଦିନେ ଗୋଟିଏ ଗାଁରେ ବହୁତ ପାଟିତୁଣ୍ଡ ହେଉଥିଲା। ମହାନ ମହାକାଶବିତ ଆସିଥିଲେ। ପଣ୍ଡିତମାନଙ୍କ ଭିତରେ ସେ ବହୁତ ବଡ ଜଣାଶୁଣା ବିଦ୍ୱାନ ଥିଲେ। ଦୁଇଦିନ ଧରି ସେ ଆତିଥ୍ୟ ଗ୍ରହଣ କରିଥିଲେ ଏବଂ ଆକାଶ ଆଡକୁ ଦେଖୁଥିଲେ। ତୃତୀୟ ଦିନରେ ସେ କାହାରି ନଜରକୁ ଆସିନଥିଲେ। ଲୋକେ ଖୋଜିବା ଆରମ୍ଭ କଲେ। କୌଠି ମିଳିଗଲେ ତ ଭଲକଥା, ଗୋଟିଏ କୂଅରେ ସେ ଲୁଚିଥିଲେ। ଲୋକେ କହୁଥିଲେ 'ଯାହାକୁ ମାଟିଉପରେ ଚାଲିବାର ରାସ୍ତା ଜଣାନାହିଁ ସେ ଆକାଶକୁ ଚାହିଁ କ'ଣ ଜାଣିବ?' ପିଲାଙ୍କ ନିଜ ଭାଷା ଶିକ୍ଷା ସମ୍ବନ୍ଧରେ ଏ କଥାଟି ବହୁତ ସାମଞ୍ଜସ୍ୟ ରଖିଥାଏ। ଆମକୁ ପିଲାଙ୍କ ନିଜ ଭିତ୍ତିଭୂମିକୁ ମଜବୁତ କରିବାକୁ ହେବ । ଆଉ ଏହି ପ୍ରକ୍ରିୟାରେ ସିଦ୍ଧାନ୍ତ କଥା ବି ଭାବିବା ଉଚିତ ଯାହାକୁ ଶିକ୍ଷାର ଦୁନିଆରେ କ୍ରିୟାନ୍ୱିତ କରାଯାଇପାରିବ । ଏଥିରୁ ଏହା ମଧ୍ୟ ସ୍ପଷ୍ଟ ଜଣାପଡୁଛି ଯେ ଆମକୁ ମୂଳ ଶିକ୍ଷାର ରାସ୍ତା ଖୋଜିବାକୁ ହେବ। ବହୁଭାଷିକତା ହେଉଛି ସେହିଭଳି ଏକ ରାସ୍ତା।

## ବହୁଭାଷିକତାର ଉଦ୍ଦେଶ୍ୟ

ବହୁଭାଷିକତା ଆମ ଜୀବନର ଏକ ଜରୁରୀ ଅଂଶ। ଆମ ସଂସ୍କୃତି, ଆମ ଅସ୍ମିତା ସହିତ ଯୋଡିହୋଇ ରହିଛି। ଆମେ ସମସ୍ତେ ହେଉଛୁ ବହୁଭାଷୀ ଓ ଆମେ ବହୁଭାଷୀ ହେବା କାରଣରୁ ଆମକୁ ଅନ୍ୟ ସହିତ ଯୋଡିହେବାରେ ଓ ବୁଝାଇବାରେ ଏହା ସାହାଯ୍ୟ କରିଥାଏ। ଆଜିକାଲି ଗୋଟିଏ ଦେଶ ସହିତ ଅନ୍ୟ ଗୋଟିଏ ଦେଶର ଲୋକଙ୍କର ଯାତାୟାତ ହେଉଅଛି ଏବଂ ସେଠାକାର ଆର୍ଥିକ, ସାମାଜିକ ଜୀବନରେ ମଧ୍ୟ ସ୍ଥାନ ଗ୍ରହଣ କରିନେଉଛି । ତେଣୁ ଏହି ସମୟରେ ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା, ଗୋଟିଏ ସଂସ୍କୃତିର ଅବଧାରଣାର କୌଣସି ସ୍ଥାନ ନାହିଁ । ଏକଥା ଭାବିବା କେବଳ ବେଇମାନୀ ହେବନାହିଁ ତା' ସହିତ ସାରା ଦୁନିଆର ଜ୍ଞାନପ୍ରତି ଆଖି ବୁଜିଲା ଭଳି ହେବ ।

ଏକଥା ଆମେ ବୁଝୁ ଆଉ ପୂର୍ଣ୍ଣମାତ୍ରାରେ ତା'ର ମଧ୍ୟ ପ୍ରୟୋଗ କରୁ । ଏହି କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ ଏହା ପିଲାର ଜୀବନ ସହିତ ଜଡ଼ିତ ହୋଇରହିଛି । ତାହେଲେ ଏଠାରୁ ପିଲାଙ୍କୁ କାହିଁକି ଦୂରେଇ ରଖାଯାଉଛି । ପିଲାମାନଙ୍କୁ ବୁଝିବା ପାଇଁ, ସେମାନଙ୍କ ସହିତ ସମ୍ପର୍କ ଦୃଢ କରିବା ପାଇଁ, ସେମାନଙ୍କୁ ସ୍କୁଲ ସହିତ ଯୋଡିବା ପାଇଁ, ସେମାନଙ୍କ ଘରର ଭାଷା ଓ ସ୍କୁଲ ଭାଷା ମଧ୍ୟରେ ଏକ ସେତୁ ତିଆରି ପାଇଁ ବହୁଭାଷିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ପିଲାମାନେ ମାତୃଭାଷାକୁ ଜାଣିଥାନ୍ତି। ଆଖପାଖ ପରିବେଶରେ ତାର ଉପଯୋଗ ହେଉଥିବା ଦେଖିଥାନ୍ତି। ଏବେ ଏହି କଥାଟି ଆବଶ୍ୟକ ହେଉଛି କି ସେମାନଙ୍କ ନିଜ ଭାଷାକୁ ମଜବୁତ ଆଧାର ଦେବା

ସହିତ ସେମାନଙ୍କ ଭାଷା ଓ ଅନ୍ୟ ଭାଷା ମଧ୍ୟରେ ଏକ ସେତୁ ନିର୍ମାଣ ଦରକାର। ଏହିପରି ଆଉ ଦୁଇତିନୋଟି ଭାଷାରେ ତାକୁ ପହଞ୍ଚା ଯାଇପାରିବ ଯାହାଦ୍ୱାରା ସହଜରେ ଶିକ୍ଷା ଗ୍ରହଣ କରାଯାଇପାରିବ ।

ମାତୃଭାଷାର ବ୍ୟବହାର ମେରୁଦଣ୍ଡର ଅସ୍ଥି ଭଳି ଚାଳିତ ହେବା ଉଚିତ । ଲେଖାପଢା ଆମେ ଗୋଟିଏ ଥର ମାତ୍ର ଶିଖିଥାଉ । ମାତୃଭାଷାରେ ଏହି କୌଶଳଟି ପକ୍କା ହୋଇଗଲେ ଅନ୍ୟ ଭାଷାରେ ଲେଖାପଢା ବହୁତ ସହଜ ହୋଇଯାଏ ।

## ପିଲାଙ୍କ ଭାଷା କ୍ଷମତା

ଅଧିକାଂଶ ପିଲା ସ୍କୁଲ ଆସିବା ପୂର୍ବରୁ କେବଳ ଗୋଟିଏ ଭାଷା ନୁହେଁ ବରଂ ଅନେକ ଭାଷା ଶିଖିଯାଇଥାନ୍ତି। ସ୍କୁଲ ଆସିବା ପୂର୍ବରୁ ପିଲା ପ୍ରାୟ ପାଞ୍ଚ ହଜାର ବା ତାହାଠାରୁ ଅଧିକ ଶବ୍ଦ ଜାଣିଥାଏ। ଏଣୁ ବହୁଭାଷିକତା ଆମର ପରିଚୟ ଅଥବା ଅସ୍ମିତାର ନିର୍ଦ୍ଧାରକ ଅଟେ। ଏ ଯାଏ ଦୂର ଦୁରାନ୍ତର ଗାଁର ତଥାକଥିତ ‘ଏକ ଭାଷୀ’ ମଧ୍ୟ ଅନେକ ସଂପ୍ରେକ୍ଷଣାତ୍ମକ ସ୍ଥିତିରେ ଠିକ୍ ଢଙ୍ଗରେ ଭାଷା ବ୍ୟବହାର କ୍ଷମତା ରଖିଥାଏ । ବିସ୍ତୃତ ଅଧ୍ୟୟନରୁ ଜଣାଯାଏ ଯେ ବହୁଭାଷିକତାର ସଜ୍ଞାନାତ୍ମକ ବିକାଶ, ସାମାଜିକ ସହନଶୀଳତା, ବିକେନ୍ଦ୍ରିତ ଚିନ୍ତନ ଏବଂ ଶୈକ୍ଷିକ ଉପଲବ୍ଧି ଦ୍ୱାରା ସକାରାତ୍ମକ ସମ୍ବନ୍ଧ ସ୍ଥାପିତ ହୋଇଥାଏ। ଭାଷା ବୈଜ୍ଞାନିକ ଦୃଷ୍ଟିରୁ ଯେଉଁ ଭାଷାକୁ ଆମେ ଆଦିବାସୀ ବା ଖେଚୁଡି ଭାଷା ବୋଲି କହୁ, ସେଗୁଡିକ ସମାନ ରୂପରେ ବୈଜ୍ଞାନିକ ହୋଇଥାନ୍ତି । ଗୋଟିଏ ଭାଷା ଅନ୍ୟଟିର ସାନ୍ନିଧରେ ବିକଶିତ ହୋଇଥାଏ । ତା ସହିତ ନିଜର ଏକ ବିଶେଷ ପରିଚୟ ମଧ୍ୟ ସୃଷ୍ଟି କରିଥାଏ । ବହୁଭାଷିକ ଶ୍ରେଣୀରେ ଏହା ପୂରାପୂରି ଅନିବାର୍ଯ୍ୟ ହେବା ଉଚିତ ଯେ ପ୍ରତ୍ୟେକ ପିଲାର ଭାଷାକୁ ସମ୍ମାନ ଦିଆଯିବା ସହ ତାହାର ଭାଷାର ବିଭିନ୍ନତାକୁ ଶିକ୍ଷଣ ବିଧିର ଅଂଶବିଶେଷ ମାନିକରି ଶିଖାଯିବା ଉଚିତ ।

## ସାର୍ବଭୌମିକ ବ୍ୟାକରଣର ପରିକଳ୍ପନା

ଭାଷାବିଦ ମଧ୍ୟ ଭାଷା ଶିକ୍ଷଣ ସନ୍ଦର୍ଭରେ ଏହିପରି କଥା କହିଥାନ୍ତି । ପ୍ରତ୍ୟେକ ଭାଷାରେ ସ୍ୱର ଓ ବ୍ୟଞ୍ଜନ ରହିଛି । ପ୍ରତୀଟି ଭାଷାର ନିଜର ଏକ ବିଶେଷତ୍ୱ ରହିଛି ଏବଂ ଗୋଟିଏ ଅନ୍ୟଟି ସହିତ ସମାନ ହୋଇପାରିବନି । ତାହା ନିଜକୁ ନିଜେ ହିଁ ‘ଅଦ୍ୱିତୀୟ’ କହିଥାଏ । ଉଦାହରଣ ସ୍ୱରୂପ "ମୁଁ ମୋ କଥା କହିବାର ଚେଷ୍ଟା କରୁଛି", "ଟ୍ରାଇ କରୁଛି", "ଆପଣ ଖାଇବାର ଚେଷ୍ଟା କରନ୍ତୁ", "ଟ୍ରାଇ କରି ତ ଦେଖ"। ଏଠି ସବୁ ବାକ୍ୟରେ "ଟ୍ରାଇ"ର ପ୍ରସଙ୍ଗ ବଦଳିଯାଉଛି। ଉଦାହରଣରୁ ସ୍ପଷ୍ଟ ହେଉଛି ଯେ ପର୍ଯ୍ୟାୟବାଚୀ ଶବ୍ଦ ସଦାବେଳେ ଗୋଟିଏ ପ୍ରକାର ଅର୍ଥ ଦେଇ ନଥାଏ। ଯେଉଁ ବ୍ୟକ୍ତି ଦୁଇ ବା ଦୁଇରୁ ଅଧିକ ଭାଷା ଜାଣନ୍ତି, ତାଙ୍କ ପାଖରେ ଏକ ଭାଷା ବ୍ୟବସ୍ଥାର ଦୁଇଟି ଅଂଶ ଥାଏ ଏବଂ ଭିନ୍ନଭିନ୍ନ ଭାଷାର ମଧ୍ୟ ଭିନ୍ନଭିନ୍ନ ‘ବ୍ୟବସ୍ଥା’ ଥାଏ । "ପିଲାଏ ବୋତଲ ଭାଙ୍ଗିଛନ୍ତି"| ଏହା ଉର୍ଦ୍ଦୁ, ପଞ୍ଜାବୀ, ହିନ୍ଦୀ କେଉଁ ଭାଷା ବ୍ୟବସ୍ଥାର ବାକ୍ୟ ? ତିନୋଟିର ମଧ୍ୟ ହୋଇପାରେ। "ମୁଣ୍ଡେ ନାଲ ମେ ନିଜା ସକଦୀ" (ବାଳକଟି ସହିତ ମୁଁ ଯାଇପାରିବିନି) ପଞ୍ଜାବୀରେ "ମୁଣ୍ଡେ" ସହିତ ‘ଦେ’ ଲଗାଇବାର ଦରକାର ନାହିଁ । ଏଣୁ ସବୁ ଭାଷାର ନିଜସ୍ୱ ବ୍ୟବସ୍ଥା ରହିଛି । ପିଲା ନିଜ ଆଖପାଖରେ ଚାଲିଥିବା କଥାବାର୍ତ୍ତାରୁ ଭାଷାର ଧ୍ୱନି, ବାକ୍ୟରଚନା ଓ ଶବ୍ଦ ଜାଣିଥାଏ। ଦୁଇଟି ଭାଷା ମଧ୍ୟରେ ଥିବା ଫରକକୁ ମଧ୍ୟ ବୁଝିଥାଏ, ଭାଷାର ଢାଞ୍ଚାଗତ ଗଢଣକୁ ମଧ୍ୟ ଜାଣିଥାଏ। ଉଦାହରଣ ସ୍ୱରୂପ ମହୀଶୂରର ଲୋକ ‘କଙ୍ଘୀ’କୁ ‘କାଙ୍ଘୀ’ କହିବ। ଯଦି ଆମେ ଭାଷାର ବ୍ୟବସ୍ଥା ସହ ପରିଚିତ ହେବା ତେବେ ଶିଖିବାରେ ଆସୁଥିବା କଠିନତାକୁ ସହଜରେ ବୁଝିପାରିବ । ଯାହାଙ୍କ ପାଖରେ ଦୁଇ ବା ଦୁଇରୁ ଅଧିକ ଭାଷା ରହିଛି,

*ସବୁପିଲା ଚାରିବର୍ଷ ବୟସରୁ କିଛିଭାଷା ଶିଖିବାର କ୍ଷମତା ରଖିଥାନ୍ତି।*

*X X X*

*ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 29 କହେ "ନିଜ ଭାଷା ସଂସ୍କୃତିକୁ ବଞ୍ଚାଇ ରଖିବାର ଅଧିକାର ରହିଛି।" ଅନୁଚ୍ଛେଦ 30 ଏବଂ 350 ମଧ୍ୟ ଏ ସମ୍ବନ୍ଧରେ ମତ ଦେବାକୁ ଯାଇ ନିଜ ଭାଷାର ସଂରକ୍ଷଣ ସମ୍ଭାଳିବା, ତଦାରଖ ଓ ସୁଲଭତାର କଥା କହିଥାଏ ।*

ତାହାଙ୍କ ପାଖରେ ଗୋଟିଏ ଶରୀର ଦୁଇଟି ଆତ୍ମା ରହିଛି । ଏହା ହେଉଛି ବିକାଶର ଏକ ଅଂଶ । ଗୋଟିଏ କଥା ଧ୍ୟାନ ରଖିବା ଜରୁରୀ ଯେ ଭାଷା ଲୋପ ପାଇଲେ ତା ସାଥିରେ ସଂସ୍କୃତି ମଧ୍ୟ ଲୋପ ପାଇଯିବ । ଆଫ୍ରିକାରେ ଭାଷା ଲୋପ ପାଇବାର କାରଣ, ସେଠାରେ ଏକ ସଂସ୍କୃତି ନଷ୍ଟ ହେବାର ସ୍ଥିତିରେ ପହଞ୍ଚି ଯାଇଥିଲା, ହେଲେ ଲୋକେ ଠିକ୍ ସମୟରେ ସଚେତନ ହୋଇଗଲେ।

## ବହୁଭାଷିକତା ଓ ଅଳ୍ପ ସଂଖ୍ୟକ ତଥା ଆଦିବାସୀ ଭାଷା

ବହୁଭାଷିକତାକୁ ସମ୍ମାନ ଦେଇ ସବୁ ପିଲାଙ୍କୁ ଶିକ୍ଷାର ପରିଧି ଭିତରକୁ ଆଣିପାରିବା। ବହୁଭାଷିକତା ସନ୍ଦର୍ଭରେ ଭାଷା ହେଉଛି ଅଳ୍ପସଂଖ୍ୟକଙ୍କର ଅଧିକାର ।ଅର୍ଥାତ ସେମାନଙ୍କୁ ନିଜ ଭାଷାରେ ପ୍ରାଥମିକ ଶିକ୍ଷା ମିଳିବା ଉଚିତ । ଭାଷା ସଂରକ୍ଷଣ ପାଇଁ ଗୋଟିଏ ଏଜେନ୍ସି ମଧ୍ୟ ଗଠନ କରାଯାଇଛି । ଗୋଟିଏ ଅଳ୍ପସଂଖ୍ୟକ ଭାଷା ଆୟୋଗ ମଧ୍ୟ ଗଠିତ ହୋଇଛି ଯାହା ଅନୁସାରେ ଆଜି ଏପରି ସ୍ଥିତି ହୋଇଛି କି କିଛି ଭାଷା ଅଛନ୍ତି ଯାହା ଅଳ୍ପସଂଖ୍ୟକ ନୁହନ୍ତି, କିନ୍ତୁ ଶିକ୍ଷାର ପରିସରରୁ ବାହାରେ ରହିଛନ୍ତି ।

*ନାଗାଲାଣ୍ଡରେ ଯଦିଓ ଇଂରାଜୀକୁ ସରକାରୀ କାମଚଳା ଭାଷା କରାଯାଇଛି, ତେବେ ଆବଶ୍ୟକତା ଅନୁସାରେ 17ଆଦିବାସୀ ଭାଷାକୁ ମଧ୍ୟ ପ୍ରାଥମିକ ସ୍ତର(ଶିକ୍ଷା)ରେ ସ୍ୱୀକାର କରାଯାଇଛି। ଗୋଟିଏ ଭାଷା ମଧ୍ୟ ଏମ.ଏ ଯାଏ ପଢାଯାଉଛି । ସର୍ବଶିକ୍ଷା ଅଭିଯାନ ଦ୍ୱାରା ଚେଷ୍ଟା କରାଯାଉଛି କି ପିଲାମାନଙ୍କୁ ସେମାନଙ୍କ ଭାଷାରେ ପଢାଯିବା ଉଚିତ ।*

ଗବେଷଣା ଏକଥା ମଧ୍ୟ କହୁଛି ଯେ ଆଦିବାସୀ ପିଲାଙ୍କୁ ଆଣିବା ପାଇଁ ହିଁ ବହୁଭାଷିକତାର କଥା କୁହାଯାଉଛି । ଆଦିବାସୀ ପିଲା ଯେତେବେଳେ ବିଦ୍ୟାଳୟ ଆସନ୍ତି, ସେମାନଙ୍କୁ ନୂଆ ଭାଷା ମିଳିଥାଏ । ତାହା ଅସମୀୟା ବା ଅନ୍ୟ କୌଣସି ଭାଷା ହେଉ । ସେମାନଙ୍କୁ ଏହି ଉଦ୍ଦେଶ୍ୟରେ ସ୍କୁଲ ଅଣାଯାଉଛି କି ସେମାନଙ୍କୁ ମଧ୍ୟ ମୁଖ୍ୟ ଧାରା ସହିତ ଯୋଡାଯିବ । ସେମାନଙ୍କ ଭାଷା ଚେନ୍ଜ୍ ବା ଅନ୍ୟ କୌଣସି ହୋଇଥାଉ ପଛକେ ଫଳାଫଳ ଏୟା ହୁଏ କି ଯେଉଁ ଭାଷାରେ ସେମାନଙ୍କ ନିଜ ସଂସ୍କୃତିର ବୋଧଜ୍ଞାନ ରହିଛି, ସେଠାରୁ ହିଁ ସେ ଦୂରେଇ ଯାଏ।

## ବହୁଭାଷିକତା ଓ ଦକ୍ଷିଣ ଭାରତୀୟ ଭାଷା

ଏକଥା ବି ଜଣା ଯେ ଦକ୍ଷିଣ ଭାରତରେ ବୁଝିବା ପାଇଁ ସେଠାକାର ଭାଷା ତାମିଲ, କନ୍ନଡ, ତେଲୁଗୁ ବା ମାଲୟାଲମ ଏବଂ ଇଂରାଜୀ ହିଁ ପର୍ଯ୍ୟାପ୍ତ । ତ୍ରିଭାଷା ସୂତ୍ର ଅନୁସାରେ ତୃତୀୟ ଭାଷା ହିନ୍ଦୀ ପଢିବା ସେମାନଙ୍କ ପାଇଁ ବୋଝ ହୋଇପାରେ। ସବୁ ରାଜ୍ୟରେ ନିଜର ସରକାରୀ ଭାଷା ରହିଛି। ପିଲାମାନଙ୍କର ନିଜ ନିଜର ମଧ୍ୟ ଭାଷା ରହିଛି ଏବଂ ତୃତୀୟ ଭାଷା ଇଂରାଜୀ ମଧ୍ୟ ରହିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଏତେ ଭାଷା ଥାଇ ମଧ୍ୟ ପ୍ରାଥମିକ ଶିକ୍ଷା ମାତୃଭାଷାରେ କ'ଣ ପାଇଁ ?

ଏ ବିଷୟରେ ଧ୍ୟାନ ଦେବାର କଥା ଯେ ବହୁତ ପିଲା ପଞ୍ଚମ ଶ୍ରେଣୀ ପରେ ପଢାଲେଖା ଛାଡିଦେଉଛନ୍ତି । ସେମାନେ ପ୍ରଥମରୁ ମାତୃଭାଷା ଜାଣନ୍ତି। ଏଣୁ ପଞ୍ଚମ ଶ୍ରେଣୀ ଯାଏଁ ପଢାଲେଖା ସେମାନଙ୍କ ମାତୃଭାଷାରେ ହେଲେ ପାଠପଢା ସହଜ ହୋଇଯିବ ନଚେତ୍ ପାଞ୍ଚବର୍ଷ କାଳ ଅନ୍ୟ ଭାଷା ଶିଖୁଶିଖୁ ଚାଲିଯିବ ଏବଂ ସେ ସେଥିରେ 'ପାରଦର୍ଶିତା' ଲାଭ କରିପାରିବନି । ତ୍ରିଭାଷା ସୂତ୍ର ବହୁଭାଷିକ ଅବଧାରଣା ନୁହେଁ, କିମ୍ବା କୌଣସି ନୀତି ନୁହେଁ। ଏହାକୁ ଏକ କାର୍ଯ୍ୟକ୍ରମ କୁହାଯାଇପାରେ । ଏଥିରେ ଭାଷାର ବିବିଧତାର କଥା ପୁଣି ଉଠିବ । ଏହାକୁ କେବଳ ବହୁଭାଷିକତା ଦ୍ୱାରା ହିଁ ଦୂର କରାଯାଇପାରିବ ।

## ବହୁଭାଷିକତା ଓ ଇଂରାଜୀ ଶିକ୍ଷା

ଇଂରାଜୀ ଶିକ୍ଷଣର ଉଦ୍ଦେଶ୍ୟ ଏମିତି ବହୁଭାଷୀମାନଙ୍କୁ ପ୍ରସ୍ତୁତ କରିବାକୁ ହେବ ଯାହା ଆମର ସବୁ ଭାଷାକୁ ସମୃଦ୍ଧ କରିପାରିବ, ଏହା ସ୍ୱୀକୃତ ତଥା ରାଷ୍ଟ୍ରୀୟ ଉଦାହରଣ ହୋଇରହିଛି । ଏଣୁ ଇଂରାଜୀ ଯେଉଁ ଶ୍ରେଣୀ (I-III ବା IV ବା V ବା VI)ରେ ଆରମ୍ଭ ହେଉ ପଛେ, ତାହାକୁ ଅର୍ଥଯୁକ୍ତ ସ୍ଥିତିରେ ଶିଖାଯାଉ । କିନ୍ତୁ ସାଧାରଣରେ

ଇଂରାଜୀ ଶ୍ରେଣୀରେ ମାତୃଭାଷାର ପ୍ରବେଶ ଗୁପ୍ତ, ଅବୈଧ ଅନୁପ୍ରବେଶକାରୀ ଭଳି ହୋଇଥାଏ । ଉତ୍ତର ଲେଖାଇବା ବେଳେ ଶିକ୍ଷକ ପାଠର "ସାଙ୍ଗେ ସାଙ୍ଗେ ଅନୁବାଦ ଓ ବ୍ୟାଖ୍ୟା" କରି ଚାଲନ୍ତି। ବୋଧଶକ୍ତି ସୃଷ୍ଟିରେ ପିଲାର ମାତୃଭାଷାକୁ ଯଥାସମ୍ଭବ ଉପଯୋଗରେ ଆଣିକରି କିମ୍ବା ଇଂରାଜୀ ସହ ସମ୍ବୋଧିତ କରି ଠିକ୍ ଜାଗା ଦିଆଯାଇପାରେ । ପ୍ରଭୁ (1987) ଏହାର ଏକ ଉଦାହରଣ ଦିଅନ୍ତି-"ବାଙ୍ଗାଲୋର(ବେଙ୍ଗାଲୁରୁ)ପ୍ରୋଜେକ୍ଟରେ ମାତୃଭାଷା ପ୍ରୟୋଗର ସୀମା କାର୍ଯ୍ୟର ଆବଶ୍ୟକତା ଠାରୁ ସହଜ ବୋଲି ମନେ କରାଯାଇଥିଲା । ସେଠାରେ ସାମଗ୍ରୀ ଇଂରାଜୀରେ ଥିଲେ ମଧ୍ୟ ପ୍ରଶ୍ନପତ୍ର ଇଂରାଜୀରେ ଆସୁଥିଲା । ଆବଶ୍ୟକ ପଡୁଥିଲେ ମାତୃଭାଷା ଇଂରାଜୀ ଭାଷାକୁ ବୋଧଗମ୍ୟ କରାଉଥିଲା। ଯଦି ଇଂରାଜୀରେ ବିବିଧ ପ୍ରକାର ସାମଗ୍ରୀ ଉପଲବ୍ଧ ହୁଏ ଓ ତାକୁ ବୁଝିବାର ଉଚିତ ପ୍ରୟାସ କରାଯାଏ ତେବେ ମାତୃଭାଷା ହସ୍ତକ୍ଷେପ କରେନାହିଁ ବରଂ ସହାୟକ ହୋଇଥାଏ। "କ୍ରେଶନ(1985: 94)କହେ "ସାଙ୍ଗେ ସାଙ୍ଗେ" କରାଯାଉଥିବା ଅନୁବାଦ ପ୍ରଭାବଶାଳୀ ହୋଇନଥାଏ ।" ଶ୍ରେଣୀରେ ଦୁଇଭାଷାର ଉପଯୋଗରେ ପ୍ରଥମ ଭାଷାକୁ ପୃଷ୍ଠଭୂମିରେ ବ୍ୟବହାର କରିବା ସହିତ ଲକ୍ଷ୍ୟ ଭାଷାର ସାମଗ୍ରୀକୁ ବୋଧଗମ୍ୟ କରିବା ପାଇଁ ପ୍ରଯତ୍ନ କରାଯାଏ ।

ଇଂରାଜୀ ଭାଷା ଶିକ୍ଷଣ ସାମଗ୍ରୀ ତିଆରି କରିବା ପାଇଁ ମାତୃଭାଷାର ଉପଯୁକ୍ତ ପ୍ରୟୋଗର ସହିତ ବୋଧଜ୍ଞାନ ସୃଷ୍ଟିରେ ଶିକ୍ଷକମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ଆବଶ୍ୟକ । ଭାଷା ଶିକ୍ଷଣର ଉପଯୁକ୍ତ ସ୍ତର କ'ଣ ହୋଇପାରେ, ଏହି ବିଷୟ ଉପରେ ଶିକ୍ଷକଙ୍କ ମାନସିକତାକୁ ସମ୍ବୋଧିତ ଆରିବା ଆବଶ୍ୟକ।

## କିଛି ସମ୍ଭାବନା

- ପ୍ରାଥମିକ ସ୍କୁଲରେ ଭାଷାଗୁଡିକ ଭିତରେ ତଥା 'ଭାଷା' ଓ 'ବିଷୟ'ମଧ୍ୟରେ ଥିବା ବ୍ୟବଧାନକୁ ହଟାଇବାପାଇଁ ଚେଷ୍ଟାକରିବାକୁ ହେବ । ନିମ୍ନ ପ୍ରାଥମିକ ସ୍ତରରେ କିଂବା ଅତିକମରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ଗତିବିଧି ପିଲାକୁ ନିଜ ଆଖପାଖର ଜଗତ ପ୍ରତି ସଚେତନ କରାଇଥାଏ, ତାହା ଇଂରାଜୀ ସହିତ ମାତୃଭାଷାରେ ମଧ୍ୟ ଦିଆଯାଇପାରିବ (ଦାସ 2005) । ଏହି ପ୍ରକାର ବହୁଭାଷୀ ଗତିବିଧିର ବିକାଶ ପାଇଁ ସାମଗ୍ରୀ ପ୍ରସ୍ତୁତ କରିବା ଓ ଶିକ୍ଷକଙ୍କ ସହଯୋଗରେ ଗୋଟିଏ ସ୍ୱଷ୍ଟ ନୀତି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ଆବଶ୍ୟକ । ଯେଉଁଥିରେ ଏକାଧିକ ଭାଷାର ଉଦାହରଣ ରହିବ । ସେଥିରେ କୋଡ଼ ପରିବର୍ତ୍ତନର ଉଦାରତା ମଧ୍ୟ ରହିବା ଉଚିତ।
- ଏକାଧିକ ଭାଷାରେ ସମାନ୍ତର ପାଠ ଲାଗୁ କରିବା ଉଚିତ । ଏହା ଏକ କାହାଣୀ ବି ହୋଇପାରେ। ଯେପରି ଏନ.ବି.ଟି ଇଂରାଜୀ ସହିତ ଭାରତୀୟ ଭାଷାରେ ମଧ୍ୟ କାହାଣୀ ଛାପିଛି (ଦେଖ-ଅମୃତାବଲ୍ଲୀ ଓ ରାମେଶ୍ୱର ରାଓ, 2001)। ପ୍ରମିସ ଫାଉଣ୍ଡେସନ ଚାରୋଟି ଭାରତୀୟ ଭାଷା ଓ ଇଂରାଜୀରେ ବଡବଡ ପୁସ୍ତକ ମଧ୍ୟ ତିଆରି କରିଛି । ସି.ଆଇ.ଇ.ଏଫ.ଏଲ.ର ସମ୍ପୂର୍ଣ୍ଣ ଭାଷା ମଧ୍ୟ ଦ୍ୱିଭାଷୀ ପୁସ୍ତକ ପ୍ରସ୍ତୁତ କରିଛି । ଏପରି ସମାନ୍ତର ପାଠ ଗୋଟିଏ ଅନ୍ୟଟି ପରି ଯଥାର୍ଥ ଅନୁବାଦ ହେବା ଉଚିତ, ଏହା ଜରୁରୀ ନୁହେଁ । ତେବେ ତାହା ସମାନ ଅର୍ଥ ବିଶିଷ୍ଟ ହେବ ଓ ସେଥିରେ ଏକାପରି ଭାଷିକ ଗତିବିଧି ଯେପରି ଧ୍ୱନିମେଳ, ଧ୍ୱନିଖେଳ ଆଦି ସାମିଲ ହେଲେ ପିଲା ଭାଷାର ଧ୍ୱନି ଓ ସଂରଚନା ପ୍ରତି ସଚେତନ ହୋଇପାରିବ । ପଢିବା ହେଉଛି ଏକ ସଂଚରଣଶୀଳ କୁଶଳତା। ଗୋଟିଏ ଭାଷାରେ ପଢିବାର କୁଶଳତା ଅନ୍ୟ ଭାଷା ଶିଖିବାରେ ସାହାଯ୍ୟ କରିଥାଏ (ୱେଷ୍ଟ 1941)। ଏହା କେବଳ ସମାନ ଲିପିର ଭାଷାରେ ନୁହେଁ, ଅଲଗା ଲିପିର ଭାଷାରେ ମଧ୍ୟ କାର୍ଯ୍ୟକାରୀ ହୋଇଥାଏ ।( ୱେଷ୍ଟ, ଉଭୟ ବଙ୍ଗଳା ଓ ଇଂରାଜୀରେ କାମ କରିଛନ୍ତି, ଦୁଇ ଲିପିର ସ୍ଥିତି ଓ ପଠନର ସଂଚରଣୀୟତା ଉପରେ ଅଳ୍ପ ବହୁତ ଜାଣିଛନ୍ତି ) ।
- ଉପରେ ଦିଆଯାଇଥିବା ପରାମର୍ଶ ସମାନ୍ତର ବା ଏକା ସାଥିରେ କାମ କରୁଥିବା ଭାଷାଗୁଡିକ ବିଷୟରେ । ସେଠାରେ ଦ୍ୱିଭାଷୀ ପଢିବା-ପଢାଇବା ବ୍ୟକ୍ତିମାନଙ୍କପାଇଁ ଅର୍ଥାତ୍ ମିଶ୍ରିତ ବୋର୍ଡର ଦ୍ୱିଭାଷୀ ପାଠ ବିଷୟରେ ମଧ୍ୟ ପ୍ରୟୋଗାତ୍ମକ କାର୍ଯ୍ୟ ଉପଲବ୍ଧ ହେଉଛି (ଦେଖ-ଡୋବେରା 2005, ଫେଲିକ୍ସ 1998) ଏହାର ଶୈକ୍ଷଣିକ ସମ୍ଭାବନାକୁ ଖୋଜାଯାଇ ପାରେ।

*-ଇଂରାଜୀ ଶିକ୍ଷଣ- ଆଧାର ପତ୍ର,ପୃଷ୍ଠା 13-14*

## ବହୁଭାଷିକ ଶ୍ରେଣୀ

*ୟୁନେସ୍କୋର ଶୈକ୍ଷଣିକ ଆଧାରପତ୍ର (2003) ଅନୁସାରେ ପ୍ରାରମ୍ଭିକ ଶିକ୍ଷଣ ପାଇଁ ମାତୃଭାଷା ଅତ୍ୟନ୍ତ ଆବଶ୍ୟକ ଓ ଏହାକୁ ଯେତେବେଳ ଯାଏ ଅକ୍ଷୁଣ୍ଣ ରଖାଯାଇପାରିବ, ରଖାଯିବା ଆବଶ୍ୟକ । କିଛି ଅଧ୍ୟୟନ (ଯେପରି ସହଗଲ୍ 1983) ଦୃଷ୍ଟିପାତ କରିଛି କି ଯେଉଁପିଲା ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରାପ୍ତ କରେ ସେ ଭାଷିକ ବା ବିଦବତ୍ତା ସ୍ତରରେ ଇଂରାଜୀ ମାଧ୍ୟମରେ ପଢୁଥିବା ସମାନ ସ୍ତରର ବିଦ୍ୟାର୍ଥୀ ତୁଳନାରେ କୌଣସି ପ୍ରକାରେ ବି କମ ହୋଇନଥାଏ । 15-17 ବର୍ଷ ବୟସର 78 ପିଲାଙ୍କ ଉପରେ କରାଯାଇଥିବା ଗବେଷଣା ପରେ ଗୁପ୍ତା (1995)ଙ୍କ କହିବା କଥା ହେଲା ପ୍ରାରମ୍ଭିକ ଅଞ୍ଚାରେ ଦୁଇବର୍ଷ ଯାଏ ମାତୃଭାଷା ମାଧ୍ୟମରେ ବ୍ୟବହାର, ପିଲାଙ୍କ ଭିତରେ ମାତୃଭାଷା ଓ ଦ୍ୱିତୀୟ ଭାଷାରେ ବହୁତ ଅଧିକ ଭଲ ଦକ୍ଷତା ଉତ୍ପନ୍ନ କରିଥାଏ।*

*- ଭାରତୀୟ ଭାଷା ଶିକ୍ଷଣ, ରାଷ୍ଟ୍ରୀୟ ଫୋକସ୍ ସମୂହ ଆଧାରପତ୍ର ସ 1.3, ପୃ. 15*

କୌଣସି ଭାଷାକୁ କେମିତି ପଢାଯାଏ? ଏଥିପାଇଁ ଆମକୁ ପ୍ରଥମେ ଲିଖନର ବିଜ୍ଞାନକୁ ବୁଝିବାକୁ ହେବ । ଏଠି ମସ୍ତିଷ୍କ ଆଉ ହାତର ସଂଯୋଜକ/ସମନ୍ୱୟ ଦରକାର । 5-6 ବର୍ଷ ପର୍ଯ୍ୟନ୍ତ ଏ ବିକାଶ ଯଥେଷ୍ଟ ହୋଇନଥାଏ। ଏଥିପାଇଁ ଲେଖନରେ ସମସ୍ୟା ଦେଖାଯାଇଥାଏ। ତେବେ ଗବେଷଣା ଏହା ମଧ୍ୟ କହିଥାଏ ଯେ ପିଲାର ମନରେ ପ୍ରିଣ୍ଟର ଅବଧାରଣା ବା ବୋଧଜ୍ଞାନ ସୃଷ୍ଟି ପାଇଁ ପଢା ସହିତ ଲେଖା ମଧ୍ୟ ଆରମ୍ଭ କାରାଯିବା ଆବଶ୍ୟକ । ଏହି ଲିଖନକୁ ରେଖା ଦ୍ୱାରା ମଧ୍ୟ କରାଯାଇପାରେ। ଏକଥା ବୁଝିବା ମଧ୍ୟ ଜରୁରୀ ଅଟେ । ଶୁଣିବା ଓ କହିବା ବହୁତ ମହତ୍ତ୍ୱପୂର୍ଣ୍ଣ । ଗଣିତ ଶିଖାଇବା କଥା ଉଠିବତ, ପିଲାଏ ପ୍ରଥମରୁ ହିଁ ଗଣିତ ଜାଣିଥାନ୍ତି । ଚକୋଲେଟ୍ ବାଣ୍ଟିବା ଶିଖାଇବାକୁ ପଡେ ନାହିଁ । ଏହିପରି ପାଣିର ତିନିରୂପ କଠିନ, ତରଳ ଓ ବାଷ୍ପୀୟ ମାତୃଭାଷା ସାହାଯ୍ୟରେ ଭଲଭାବେ ବୁଝାଯାଇପାରେ – ତେବେ ପିଲାର ମନରେ ଅବଧାରଣା ସ୍ୱଷ୍ଟ ହେବା ପରେ ଯାଇଁ ମାତୃଭାଷା ମାଧ୍ୟମରେ ପାରିଭାଷିକ ଶବ୍ଦର ଆଦାନପ୍ରଦାନ ମଧ୍ୟ ହୋଇପାରେ। ଦ୍ୱିତୀୟ-ତୃତୀୟ ଭାଷା ଯେତେ ଭଲା ଭାବେ ଯୋଡି ହୁଅନ୍ତୁ ପଛକେ ମାତୃଭାଷାର ପ୍ରୟୋଗ ଚାଲୁ ରହିବା ଉଚିତ । ସେ ନିଜ ମାତୃଭାଷା ଜରିଆରେ ଅନ୍ୟ ଭାଷାକୁ ବୁଝିବାକୁ ସକ୍ଷମ ହୋଇଥାଏ । ଆମକୁ କେବଳ ଶିକ୍ଷାର ନଦୀ ଉପରେ ସୁଦୃଢ଼ ସେତୁ ତିଆରି କରିବାକୁ ହେବ ।

ଏହା ମଧ୍ୟ ଧ୍ୟାନଦେବା ଅବଶ୍ୟକ ଯେ ଆମେ ସେଇକଥା ଶୁଣୁଛୁ ଆଉ ବୁଝୁଛୁ ଯାହା ପ୍ରଥମରୁ ଆମକୁ ଜଣାନାହିଁ । ବାକି ସବୁ ମାମୁଲି କଥା ଭଳି ଲାଗେ । ଆମେ ତାକୁ ଛାଡି ଦେବା, ଆବଶ୍ୟକତାକୁ ଧ୍ୟାନରେ ରଖି ଯେଉଁ ଶ୍ରମିକ ବିହାରରୁ ଆସାମ, ପଞ୍ଜାବ ଆଦି ଜାଗାକୁ ଯାଏ, ସେ ସେଠାକାର ଭାଷା ମଧ୍ୟ ଶିଖିଯାଏ ।

## ବହୁଭାଷିକତାର ଆହ୍ୱାନ

- ସବୁଠାରୁ ପ୍ରଥମ କଥା ହେଉଛି ଯେ ଭାଷା ରୂପରେ ଭାଷାକୁ ପଢାଇବା ଆଲଗା କଥା, ଆଉ ମାଧ୍ୟମର ଭାଷାରୂପ ମଧ୍ୟ ଅଲଗା କଥା । ଭାଷା ପଢାଇବା କେବଳ ଭାଷା ଶିକ୍ଷକର କାମ ନୁହେଁ। ଅନ୍ୟ ବିଷୟକୁ ପଢିବା-ପଢାଇବା ଭାଷାର ତତ୍ତ୍ୱ ବିନା ସମ୍ଭବ ନୁହେଁ। ବିଜ୍ଞାନରେ ମଧ୍ୟ କ୍ରିୟା, ସଞ୍ଜ୍ଞା ଓ ସର୍ବନାମ ଥାଏ। ହିନ୍ଦୀ ବା ଯେ କୌଣସି ଭାଷିକ ସଂରଚନା ଓ ବିଜ୍ଞାନର ଅବଧାରଣା ଏକା ସାଙ୍ଗରେ ଚାଲିବା ଦରକାର।
- ବହୁଭାଷିକତାରେ ଦ୍ୱିତୀୟ ସମସ୍ୟା ହେଉଛି ଲିପି । ଉଦାହରଣ ସ୍ୱରୂପ ଜେମୀରେ (ଆସାମ ଓ ନାଗାଲାଣ୍ଡରେ) ରୋମାନ ଲିପି ବ୍ୟବହାର ହେଉଛି । ଏ ପ୍ରକ୍ରିୟାରେ ପିଲାଙ୍କୁ 'ଏ' ଠାରୁ 'ଜେଡ' ପର୍ଯ୍ୟନ୍ତ ଶିଖାଯିବ । କିନ୍ତୁ ବାସ୍ତବରେ ଜେମୀରେ ଏ ସବୁ ଅକ୍ଷର ବ୍ୟବହାରରେ ଆସୁନାହିଁ ।
- ତୃତୀୟ ସମସ୍ୟା ହେଉଛି ସ୍କୁଲରେ ଲେଖା-ପଢ଼ା ଉପରେ ବହୁତ ଜୋର ଦିଆଯାଉଛି- କହିବା ଓ ଶୁଣିବା ଉପରେ ଆଦୌ ନାହିଁ ।

*ଆଜିକାଲି ଶ୍ରେଣୀରେ ପଢାଯାଉଥିବା ଇଂରାଜୀକୁ ଦେଖି ବେଳେବେଳେ ଏମିତି ଖିଆଲ ଆସୁଛି ଯେ ଆଗରୁ ତ ଲୋକେ ହୀରା ମଣିମୁକ୍ତା ଲୁଟୁଥିଲେ, ହେଲେ ଏବେ ଭାଷା ମାଧ୍ୟମରେ ହୃଦୟ ଆଉ ମସ୍ତିଷ୍କକୁ ଲୁଟୁଛନ୍ତି ।*

*- ଏକ ପ୍ରତିଭାଗୀ*

- ଶିକ୍ଷଣ-ଜ୍ଞାନ ସାମଗ୍ରୀର ଉପଯୋଗ ମଧ୍ୟ ଆଉ ଏକ ସମସ୍ୟା । ତାହା ରୁଚିକର ହୋଇପାରୁନି କି ସଂସ୍କୃତି ସହିତ ମେଳ ଖାଉନି । ଓଡିଶାର ଜନଜାତିଙ୍କ ଭିତରେ ଜନ୍ମଦିନରେ ଉପହାର ଦେବାର ପ୍ରଥା ପ୍ରଚଳନ ନାହିଁ, କିନ୍ତୁ ଏହିପରି ଉଦାହରଣକୁ ମଧ୍ୟ ସାମିଲ କରିଦିଆଯାଉଛି ।
- ଆଉ ଏକ ସମସ୍ୟା ଭାଷା ଶିକ୍ଷକ ନିଯୁକ୍ତିକୁ ନେଇ । ଭାଷା ଶିକ୍ଷକ ନିଯୁକ୍ତି କରାଯାଇନଥାଏ। ଯେ କୌଣସି ବ୍ୟକ୍ତି ବା ଯେ କୌଣସି ବିଷୟର ଅଧ୍ୟାପକଙ୍କୁ ଏ କାମ ଦିଆଯାଉଛି। ଯାହା ହେଲେ ଭାଷା ତ ପଢାଇବାକୁ ହେବ।
- ସମୁଦାୟକୁ ଯେ କୌଣସି ସ୍ତରରେ ଯୋଡିବାର ଉପକ୍ରମ କରାଯିବା ଉଚିତ ନୁହେଁ । ପ୍ରାଥମିକ ସ୍ତରରେ ମାତୃଭାଷା ରହିବା ଜରୁରୀ ଏବଂ ପରେ ଏହା ସହିତ ଆହୁରି ଭାଷା ଯୋଡ଼ାଯାଇପାରେ । ପ୍ରତିବନ୍ଧକ ତ ନିଶ୍ଚୟ ଆସିବ, ସେଥିପାଇଁ ସମାଧାନ ଖୋଜାଯିବା ଆବଶ୍ୟକ ।
- ଆମେ ଯେତେବେଳେ ଶ୍ରେଣୀରେ ପଢାଉ ସେତେବେଳେ ଗୋଟିଏ ଭାଷାର ସମ୍ବନ୍ଧକୁ ଅନ୍ୟ ଭାଷା ସହ ଯୋଡିଥାଉ । ଏକୁଟିଆ ଗୋଟିଏ ଭାଷାକୁ ନେଇକରି ଶ୍ରେଣୀ ଚାଲିବା କଥା ସମ୍ଭବ ହୋଇପାରିବନି । ତେବେ ଦୁଃଖର କଥା ମଈ, ଖଳାବାଡ଼ି, ଜନ୍ଦା ଆଦି ଭଳି ଶବ୍ଦ ଲୋପ ହେବାପରି ଏବେ ବହୁତ ଶବ୍ଦ ମଧ୍ୟ ଲୋପ ହୋଇଗଲାଣି । ଓଡ଼ିଆ ଭାଷାର `ଓଳିଆ, କଳେଇ, ଗଉଣି, ମାଣ, ଗୋଛା, ଜରିବ' ଆଦି ଶବ୍ଦର ଆଉ ପ୍ରୟୋଗ ନାହିଁ କହିଲେ ଚଳେ ।

ସାହିତ୍ୟକାରକୁ ମଧ୍ୟ ଏ ଦିଗରେ ଧ୍ୟାନଦେବାକୁ ପଡିବ ଯେ ବହୁଭାଷିକତା କାରଣରୁ ଆମେ ଆହୁରି ଅନ୍ୟ ଭାଷାକୁ ଜାଣିପାରୁଛୁ । କବୀର ବହୁଭାଷୀ ସନ୍ଥ କବି ଥିଲେ । ସେ ଲୋକଙ୍କୁ ବୁଝାଇବା ପାଇଁ `ସଧୁକ୍କଡ଼ୀ' ଭାଷାକୁ ଆପଣେଇ ନେଇଥିଲେ । ହବିବ୍ ତନବୀରଙ୍କ 'ଆଗ୍ରାବଜାର' ଓ ଭିକାରୀ ଠାକୁରଙ୍କ ବହୁ ଚର୍ଚ୍ଚିତ ନାଟକ 'ବିଦେଶୀୟା' ବହୁଭାଷିକତାର ଏକ ନମୁନା ଅଟେ।

*ବର୍ଲିଟଜ ଭାଷା ସ୍କୁଲ.......କରି ଶୁଖୁଥିବା ଲୋକଙ୍କ ପାଇଁ ସଂସାଧନର ଏକ ଭଲ ଉଦାହରଣ । ଏ ସ୍କୁଲ ନିୟମ ତିଆରି କରି ବାଧ୍ୟ କରୁନି କି ଆମକୁ ଆଉ ଏକ ଭାଷା ଶିଖିବାକୁ ପଡିବ, ଏକଥା ମଧ୍ୟ କହୁନି ଯେ ଆଉ ଏକ ଭାଷା ଶିଖିଗଲେ ଆମକୁ ଭଲ ଚାକିରି ମିଳିଯିବ ବା ଆମେ ସଫଳ ଓ ସମ୍ପନ୍ନ ହୋଇଯିବୁ । ଏମିତି ମଧ୍ୟ କହୁନି ଯେ ଏହାକୁ ନଶିଖିଲେ ଆମେ ଅସଫଳ ଆଉ ଗରିବ ହୋଇଯିବୁ । ସେ ଏଭଳି କୌଣସି ଜବାବ ଦେଉନି କି ଧମକ ବି ଦେଉନି। ସେ କେବଳ ଏତିକି କହୁଛି ଯେ ଯଦି ଆମେ ଆଉ ଏକ ଭାଷା କହିପାରିବା ତେବେ ଆମେ ଜୀବନର ଆନନ୍ଦ ଉଠାଇପାରିବା ।*

*-ଶିକ୍ଷା କୀ ଓ୍ୱଜାୟ, ଜନ୍ ହୋଲ୍ଟ*

ଆମ ଦେଶ ବହୁଭାଷୀ । ଏଥିପାଇଁ ବହୁଭାଷାକୁ ଜାଣିବା । କେବଳ ଆମେ ଜଣକୁ ଅନ୍ୟ ଜଣଙ୍କ ସହ ଯୋଡିବା ନାହିଁ ବରଂ ଗୋଟିଏ ଭାଷାକୁ ଅନ୍ୟ ଗୋଟିଏ ଭାଷା ସହ ଯୋଡିବା। ଭାଷା ବିଚାରର ଚକ୍ର ରହିଛି, ଆଉ ଦ୍ୱିଭାଷୀ ହେବା ମଣିଷର ସ୍ୱଭାବ । ଆମେ ଏପରି ଏକ ସମାଜ ଗଠନ କରିବାକୁ ଚାହୁଁଛୁ, ଯେଉଁଠି ଏକାଧିକ ଭାଷା ଆମର ଜିଭ ଆଗରେ ରହିବ । ସମସ୍ତଙ୍କୁ ଲାଗିବ କି ପ୍ରତ୍ୟେକ କଥା ଅନ୍ତତଃ ତାହାର ଭାଷାରେ କୁହାଯାଉଛି । ଜର୍ଜ ଷ୍ଟାଇନର ତାଙ୍କ ପୁସ୍ତକ 'ଦି ମଡର୍ଣ୍ଣ ଭର୍ସ ଇନ ଟ୍ରାନ୍ସଲେସନ' ନିଜ ମା'ଙ୍କୁ ସମର୍ପଣ କରି ଲେଖିଥିଲେ - 'ଟୁ ମାଇଁ ମଦର ହୁ ସ୍ପିକ୍ସ ସେଭେରାଲ ଲାଙ୍ଗୁଏଜ ବଟ ଇନ ହର ଓନ ଟଙ୍ଗ'(ମା'ଙ୍କ ପାଇଁ, ଯାହାଙ୍କ ଜିଭ ଅଗରେ ବହୁତ ଭାଷା ଥିଲା)।

## ସାଥିରେ ଚାଲିଗଲା ବୋ ଭାଷା, ଆଗକୁ ବି ବିପଦ



ଆଣ୍ଡାମାନରେ 85ବର୍ଷୀୟ ଜଣେ ବୋ ସିନିୟର ମହିଳା ଯାହାଙ୍କ ନିଧନରେ ପ୍ରାଚୀନ ବୋ ଭାଷାକୁ ଆଗକୁ ନେଇଯାଉଥିବା କଡି ଚିର ଦିନ ପାଇଁ ଭାଙ୍ଗିଗଲା। ଭାଷା ବିଜ୍ଞାନ କ୍ଷେତ୍ରରେ ଏହା ଦ୍ୱାରା ଅପୂରଣୀୟ କ୍ଷତି ହେଲାବୋଲି କୁହାଯାଇଛି କାରଣ ଦୁନିଆର ପ୍ରାଚୀନତମ ଭାଷାମାନଙ୍କ ମଧ୍ୟରେ ସେ ଥିଲେ ଭାଷା ଜାଣିଥିବା ଏକମାତ୍ର ଶେଷ ବ୍ୟକ୍ତି। ଉଲ୍ଲେଖନୀୟ ହେଉଛି ଯେ ଆଣ୍ଡାମାନର ପ୍ରାଚୀନ ଭାଷାଗୁଡିକର ସ୍ରୋତ ଭାବେ ଆଫ୍ରିକାକୁ ହିଁ ଗଣାଯାଇଥାଏ। କେତେକ ଆଣ୍ଡାମାନ ଭାଷାକୁ 70 ହଜାର ବର୍ଷର ପୁରୁଣା ବୋଲି ମନେକରାଯାଏ। ଅଗ୍ରଣୀ ଭାଷାବିଦ ପ୍ର. ଅନ୍ୱିତା ଅବ୍‌ବିଙ୍କ କହିବା ହେଉଛି ଯେ ନିଜ ମାତା-ପିତାଙ୍କ ମୃତ୍ୟୁ ପରେ 30-40ବର୍ଷ ତଳୁ ବୋଆ ଥିଲେ । 'ବୋ' ଭାଷା କହୁଥିବା ଅନ୍ତିମ ବ୍ୟକ୍ତି, ବୋଆ ପ୍ରାୟତଃ ନିଜକୁ ବହୁତ ଏକାକୀ ଅନୁଭବ କରୁଥିଲେ । ଅନ୍ୟ ଲୋକଙ୍କ ସହ କଥାବାର୍ତ୍ତା କରିବା ପାଇଁ ତାଙ୍କୁ ଆଣ୍ଡାମାନୀ ହିନ୍ଦୀ ଶିଖିବାକୁ ପଡିଥିଲା ।

ଚୁଙ୍କି ଆଣ୍ଡାମାନୀ ଭାଷା ମଧ୍ୟରେ ପ୍ରସ୍ତରଯୁଗରୁ ଚାଲିଆସୁଥିବା ଭାଷାର ଅନ୍ତିମ ଅବଶେଷ ବୋଲି ମନେକରାଯାଇଥାଏ। ଏଥିପାଇଁ କୁହାଯାଇପାରେ ଯେ ବୋଆ ସିନିୟରଙ୍କ ନିଧନରେ ଭାଷା ଗ୍ରନ୍ଥିର ଏକ ଶିରା ସବୁଦିନପାଇଁ ଲୋପପାଇଗଲା। ଆଣ୍ଡାମାନର ଜନଜାତିଙ୍କୁ ଚାରୋଟି ସମୂହରେ ବିଭକ୍ତ କରାଯାଇଛି -ଗ୍ରେଟ ଆଣ୍ଡାମାନୀ, ଜାରୱା, ଓନ୍‌ଗୀ ଓ ସେଣ୍ଟିନଲୀ । ବୋଆ ସିନିୟର ଗ୍ରେଟ ଆଣ୍ଡାମାନୀ ସମୂହର ଥିଲେ। ଏବେ ଏଇ ଜନଜାତିର 50 ପାଖାପାଖି ଲୋକ ମାତ୍ର ଅଛନ୍ତି, ଯେଉଁମାନଙ୍କ ଭିତରେ ଅଧିକ ମାତ୍ରାରେ ପିଲା ରହିଛନ୍ତି ।

- ଆଧାର ବି.ବି.ସି. ସମାଚାର

# 4

## ବିଷୟ କେନ୍ଦ୍ରରେ ଭାଷା

- ଇତିହାସର ଝରକାରେ
- ସବୁ ବିଷୟର ଅଧ୍ୟାପକ ଭାଷା ଅଧ୍ୟାପକ
- ଚିନ୍ତନର ସ୍ୱାଧୀନତା ଓ ମୌଳିକତାର ପ୍ରଶ୍ନ
- ଭାଷା ଓ ଅନ୍ୟ ବିଷୟ
- ବୈଷୟିକ ଶବ୍ଦାବଳୀ ଓ ପିଲାଙ୍କ ବୋଧଜ୍ଞାନ
- ଉଚ୍ଚ ଶିକ୍ଷା ଓ ଅନ୍ୟ ବିଷୟ



ଭାଷା ହେଉଛି ଏଭଳି ଏକ ଉପକରଣ ଯାହାର ବ୍ୟବହାର ଆମ ଜୀବନକୁ ବୁଝିବାଲାଗି, ତା ସହ ଯୋଡି ହେବାପାଇଁ ଓ ଜୀବନ ଜଗତକୁ ପ୍ରସ୍ତୁତ କରିବା ପାଇଁ କରିଥାଉ ।

ଭାଷା କେବଳ ସଂପ୍ରେକ୍ଷଣର ସାଧନ ନୁହେଁ। ମାତ୍ର ଏହା ଏପରି ଏକ ମାଧ୍ୟମ ଯାହା ଦ୍ୱାରା ଅଧିକାଂଶ ସୂଚନା ଆମେ ପାଇଥାଉ । ଏହା ହେଉଛି ଏପରି ଏକ ବ୍ୟବସ୍ଥା ଯାହା ଦୀର୍ଘକାଳ ପର୍ଯ୍ୟନ୍ତ ଆମ ପରିପାର୍ଶ୍ୱର ବାସ୍ତବିକତା ଓ ଘଟଣାକୁ ଆମ ମସ୍ତିଷ୍କରେ ବ୍ୟବସ୍ଥିତ କରିଥାଏ । ଏହା ମଧ୍ୟ କେତେକ ଦିଗରୁ ଆମ ପରିଚୟର ଏକ ଚିହ୍ନ। ଏହା ସମାଜ, ସତ୍ତା ଓ ଶକ୍ତି ସହ ଅତି ନିକଟରୁ ଯୋଡିହୋଇ ରହିଛି । ଏକଥା ବି ମନେରଖିବାକୁ ହେବ ଯେ ଆମେ କେବଳ ଅନ୍ୟ ସହିତ କଥାବାର୍ତ୍ତା ପାଇଁ ନୁହେଁ ବରଂ ନିଜ ସହିତ କଥାବାର୍ତ୍ତା କରିବା ପାଇଁ ମଧ୍ୟ ଭାଷା ବ୍ୟବହାର କରିଥାଉ । ବାସ୍ତବରେ ଏହା ହେଉଛି ଭାଷାର ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ । ଆମେ ଯେତେବେଳ ଯାଏ ପ୍ରଥମେ ନିଜ ସହ କଥାବାର୍ତ୍ତା କରିବା ନଶିଖିଛେ ସେତେବେଳ ପର୍ଯ୍ୟନ୍ତ ଆମେ ନିଜ ବିଚାରକୁ ସ୍ପଷ୍ଟ ଭାବେ ପ୍ରତିପାଦନ କରିପାରିବା ନାହିଁ ।

ବିଭିନ୍ନ ବିଷୟ-କ୍ଷେତ୍ର ଯଥା- ଇତିହାସ, ଭୌତିକ ବିଜ୍ଞାନ ଅଥବା ଗଣିତ ଆଦି କ୍ଷେତ୍ରର ବିଷୟରେ କଥାହେଲାବେଳେ ବା ବୁଝିବା ପାଇଁ ମଧ୍ୟ ଆମକୁ ଭାଷାର ଆବଶ୍ୟକତା ପଡିଥାଏ। ଦରକାର ହେଲେ ଆମେ ପ୍ରକୃତିକୁ ଦେଖୁ ଅଥବା ସମାଜକୁ ଦୀର୍ଘକାଳଯାଏ ନିଜ ଭାଷାର ସଂରଚନା ମାଧ୍ୟମରେ ହିଁ ଦେଖିଥାଉ।

ଗରିବ ସ୍ତରରୁ ଯେଉଁ ପିଲାଏ ଇଂରାଜୀ ମାଧ୍ୟମ ସ୍କୁଲରେ ଦାଖଲ ହୁଅନ୍ତି ସେମାନଙ୍କ କଥା ପ୍ରାୟ ଏକାପରି। ଭାଷା ସହିତ ତାଳମେଳ ରଖିପାରନ୍ତି ନାହିଁ ଓ ଧୀରେଧୀରେ ସେମାନେ ନିମ୍ନଗାମୀ ହୁଅନ୍ତି। ସ୍କୁଲରେ ନାମଲେଖାଇବା ପାଇଁ ସରକାରଙ୍କର ନାନାପ୍ରକାର ଯୋଜନା ରହିଛି । ବୁଝା ପଡୁନି ଶିକ୍ଷଣ ବ୍ୟବସ୍ଥାରେ ଏହା ଉପରେ କାହିଁକି ଚିନ୍ତା କରାଯାଉନାହିଁ ଯେ, ଭାଷାର ଭିନ୍ନତା ସେମାନଙ୍କୁ କେଉଁ କୂଳର କରିଛାଡ଼ିବନି ।

*ଜଣେ ପିଲାର ଅଭିଭାବକଙ୍କ ଇଚ୍ଛା ଥିଲା ଯେ ତାଙ୍କ ପିଲା ଇଂରାଜୀ ମାଧ୍ୟମ ସ୍କୁଲରେ ଶିକ୍ଷାଗ୍ରହଣ କରୁ। ସେହି ପିଲାର ଘର ନିକଟରେ ଇଂରାଜୀ ଭାଷାରେ କଥାବାର୍ତ୍ତା କରିବାର କୌଣସି ଉପଯୁକ୍ତ ବାତାବରଣ ଉପଲବ୍ଧ ନଥିଲା। ଏଣୁ ସେହି ପିଲା ଧୀରେଧୀରେ ଇଂରାଜୀ ଭାଷାରେ କଥା କହିବାରେ ଦୁର୍ବଳ ହେଉଥିଲା । ସପ୍ତମ ଓ ଅଷ୍ଟମ ଶ୍ରେଣୀ ଯାଏଁ ପହଞ୍ଚୁ ପହଞ୍ଚୁ ସେ କିଛି ବିଷୟରେ ଫେଲ୍ ହେବାକୁ ଲାଗିଲା ଏବଂ ଏହି କାରଣରୁ ତା'ର ଆତ୍ମସମ୍ମାନ ଓ ସୃଜନଶୀଳତା କ୍ରମେ କ୍ରମେ ଶୂନ୍ୟ ହେବାକୁ ଲାଗିଲା । ଏଭଳି ସ୍ଥିତି ଦେଖି  ସେହି ପିଲାକୁ ହିନ୍ଦୀ ମାଧ୍ୟମ ସ୍କୁଲରେ ଭର୍ତ୍ତି କରାଗଲା, କାରଣ ଇଂରାଜୀ ମାଧ୍ୟମର ସ୍କୁଲ ତାକୁ ନବମ ଶ୍ରେଣୀ ପାଇଁ ମନା କରିଦେଇଥିଲେ । ପ୍ରଥମ ତିନି ଚାରି ମାସ ପିଲାକୁ ନୂଆ ପରିବେଶକୁ ବୁଝିବାକୁ ପଡିଲା, କିନ୍ତୁ ତା' ପରେ ପିଲା ଆଉ ପଛକୁ ଫେରି ଚାହିଁନି । କାରଣ ଏବେ ଠାରୁ ସବୁ ବିଷୟ ସେ 'ନିଜ ଭାଷାରେ' ବୁଝି ପାରୁଥିଲା । ସେ ନିଜ ବୋଧଜ୍ଞାନକୁ ନିଜର ଆଖପାଖ ପରିବେଶ ସହ ଯୋଡିଲା ଏବଂ ଦେଖୁଦେଖୁ ସେ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ପ୍ରଥମ ହେଲା।*

*-ଏକ ପ୍ରତିଯୋଗୀ*

## ଇତିହାସର ଝରକାରେ

*500ବର୍ଷ ଖ୍ରୀଷ୍ଟପୂର୍ବରେ ବାରଣାସୀରେ ଗୋଟିଏ ଘଟଣା ଘଟିଥିଲା। ଭଗବାନ ବୁଦ୍ଧ ପ୍ରଥମ ଉପଦେଶ ଲୋକ ଭାଷାରେ ଦେଇଥିଲେ । ଆଉ ସେହି ଉପଦେଶ ଭାଷାର ସୀମାକୁ ପାରି କରୁକରୁ ସମଗ୍ର ଭାରତ ଓ ସମଗ୍ର ଏସିଆରେ ଏକ ଜ୍ୟୋତି ଜଳାଇଥିଲା। ମଧ୍ୟକାଳରେ ବାରଣାସୀରେ ଯେତେବେଳେ କବୀର କହିଲେ କି 'ସଂସ୍କୃତ ହେଉଛି କୂପଜଳ, ଭାଷା ହେଉଛି ବହୁଥିବା ପାଣି' ସେ ସମୟରେ ମଧ୍ୟ ବହୁତ ଭାଷା ଥିଲା। କିନ୍ତୁ ଭାରତର ସବୁ ଭାଷାରେ ଏ ସନ୍ଦେସ ପହଞ୍ଚିଥିଲା। ଭକ୍ତି ଆନ୍ଦୋଳନ ସାରା ଦେଶକୁ ଏକତା ସୂତ୍ରରେ ବାନ୍ଧିଥିଲା ଓ ଏକ ସନ୍ଦେଶ ମଧ୍ୟ ଦେଇଥିଲା*

*- ଏକ ପ୍ରତିଯୋଗୀ*

ସୂଚନାଯୋଗ୍ୟ ଯେ ମଧ୍ୟକାଳରେ ବା ତା' ପରବର୍ତ୍ତୀ ସମୟରେ ବିକଶିତ ହୋଇଥିବା ହସ୍ତକଳା ତତ୍‌ସମୟର ନିଜସ୍ୱ ଭାଷାରେ ବିକଶିତ ହୋଇଥିଲା । ଶିଳ୍ପ ପାଇଁ ତାହାର ଅଲଗା ଅଲଗା କେନ୍ଦ୍ର ଥିଲା । ସେତେବେଳେ ବିଦ୍ୟାର୍ଥୀ ନିଜ ନିଜ ଭାଷାରେ ଜ୍ଞାନ ଓ ନିପୁଣତା ହାସଲ କରୁଥିଲେ ଏବଂ ପିଢି ପରେ ପିଢି ସେହି ନିପୁଣତା ଚାଲି ଆସୁଥିଲା । ଏବେ ତାହା ବି ସମାପ୍ତ ହୋଇଗଲା। କାରଣ ପୁଞ୍ଜିବାଦର ବିକାଶ ସେହିସବୁ ଶିଳ୍ପକୁ ବି ନଷ୍ଟ କରିଦେଲା। ଆଉ ତା' ସହିତ ସେହି ଶିଳ୍ପ ସହ ଯୋଡି ହୋଇଥିବା ଭାଷାର ବାକରୀତି ବି ନଷ୍ଟ ହୋଇଗଲା। ଦିନେ ବୋଧଜ୍ଞାନର ଏକ ମାଧ୍ୟମ ଥିବା ଶିଳ୍ପ ମଧ୍ୟ ସମାପ୍ତ ହୋଇଗଲା। ଏହିକ୍ରମେ ଆଦିବାସୀଙ୍କ ପାଖରେ ଥିବା ଜ୍ଞାନର ଏକ ବୃହତ ଭଣ୍ଡାର, ତଥାକଥିତ ଆଦିବାସୀ ଭାଷା ଏବେ ଅବକ୍ଷୟ ହେବାରେ ଲାଗିଛି ।

ଏବେ ଯେଉଁ ଆଦିବାସୀ କ୍ଷେତ୍ର ରହିଛି, ସେଥିରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ ଅଥବା ହିନ୍ଦୀ। ବିଶେଷ କରି କରି ସେଠାରେ ମଧ୍ୟ ଏବେ ଇଂରାଜୀ ଭାଷାପ୍ରତି ଆଗ୍ରହ ବଢ଼ିଛି ଏବଂ ନିଜ ଭାଷାରେ ପଢ଼ାପଢିକୁ ଅଣଦେଖା କରାଯାଉଛି । ଏହାଦ୍ୱାରା ଦେଶୀ ଲୋକକଳା ଓ ଶିଳ୍ପ ବିଲୁପ୍ତିର ସଙ୍କଟ ବଢିବାରେ ଲାଗିଛି । ହସ୍ତକଳା ଓ ଶିଳ୍ପ ତଥା ସଙ୍ଗୀତକୁ ବଞ୍ଚାଇବାକୁ ହେଲେ ଆମ ପାଖରେ ଗୋଟିଏ ମାତ୍ର ରାସ୍ତା ରହିଛି, ତାହା ହେଉଛି ନିଜ ଭାଷାକୁ ଦୃଢତାର ସହ ବ୍ୟବହାର କରିବା।

## ସବୁ ବିଷୟର ଅଧ୍ୟାପକ ଭାଷାର ଅଧ୍ୟାପକ

ମସ୍ତିସ୍କରେ ଭାଷା ସାଥିରେ ସମସ୍ୟା ଦୂରୀକରଣ ପ୍ରକ୍ରିୟା କୌଣସି ପ୍ରକାରେ ଚାଲୁରହିଛି ଓ ଏହା ବିଚାରଧାରାକୁ ବିକାଶ ଆଡକୁ ଘେନି ଯାଉଛି । ଯଦି ଏକଥା ଆମେ ବୁଝି ପାରିବା ତେବେ ବୋଧଜ୍ଞାନର ମାଧ୍ୟମ ସ୍ଥିର କରିବା ଆହୁରି ସହଜ ହୋଇଯିବ ।

ଅବଧାରଣାର ବିକାଶ ଅବଧାରଣା ପ୍ରଦାନଦ୍ୱାରା ହୋଇନଥାଏ । ସାହିତ୍ୟ ଅମୂର୍ତ୍ତ ହେଲେ ବି ସେଥିରେ ଅବଧାରଣାର ବିକାଶ ଘଟୁଛି । ସାମାଜିକ ଅଧ୍ୟୟନର ଅନେକ ଅବଧାରଣା ନକ୍ସା ଆଧାରରେ ସୃଷ୍ଟି ହେଉଛି ଓ ଅଭିବ୍ୟକ୍ତ ହେଉଛି । ନକ୍ସାକୁ ଗଣିତ ସାହାଯ୍ୟରେ ବୁଝାଯାଇପାରିବ । ଗଣିତ ମଧ୍ୟ ନକ୍ସାକୁ ବୁଝାଇବା ପାଇଁ ବିଶେଷ ପ୍ରକାରର ବୋଧଜ୍ଞାନ ବିକଶିତ କରିଛି । ଏହି ନକ୍ସାଗୁଡିକ ଇତିହାସ ଉପରେ ଦୃଷ୍ଟିପାତ କରିବାରେ ସାହାଯ୍ୟ କରୁଛି । ଗଣିତର ଅବଧାରଣା ସ୍ଥାୟୀ ଅଟେ । ଏଥିପାଇଁ ତାର ଗଠନ କଳା ବୁଝି ହୋଇଯାଏ । ହେଲେ ସାମାଜିକ ଅଧ୍ୟୟନର ଗଠନକଳା ବଦଳି ଚାଲିଥାଏ ଯାହା ନିଜ ଭାଷା ମାଧ୍ୟମରେ ଆମେ ବୁଝିଥାଉ।

*ପ୍ରାଥମିକ ଶିକ୍ଷାର ପୂରା ପାଠ୍ୟଚର୍ଯ୍ୟାରେ ଭାଷା ପରିପ୍ରେକ୍ଷୀ ଏକ ବିଶେଷ ମହତ୍ତ୍ୱ ରଖିଥାଏ। ବିଭିନ୍ନ ଅର୍ଥପୂର୍ଣ୍ଣ ପ୍ରସଙ୍ଗ ମାଧ୍ୟମରେ ଭାଷା ସବୁଠୁଁ ଭଲ ଉପାୟରେ ଶିଖାଯାଇପାରେ । ଏଣୁ ପ୍ରତିଟି ବିଷୟର ଶିକ୍ଷଣ ହେଉଛି ଗୋଟିଏ ଅର୍ଥରେ ଭାଷା ଶିକ୍ଷଣ । ଏ ପରିପ୍ରେକ୍ଷୀରେ ମାଧ୍ୟମିକ ଶିକ୍ଷାର ଅମୂର୍ତ୍ତ ବିଚାର ପ୍ରସଙ୍ଗରେ ଭାଷାର କେନ୍ଦ୍ରୀୟତାକୁ ରେଖାଙ୍କିତ କରିଥାଏ । ଯେଉଁଠି ପ୍ରାରମ୍ଭିକ ସ୍ତରରେ ପ୍ରାସଙ୍ଗିକ ଅର୍ଥ ଭାଷା ପ୍ରୟୋଗକୁ ଆଗକୁ ବଢାଇଥାଏ, ସେଠାରେ ପରବର୍ତ୍ତୀ ସ୍ତରରେ କେବଳ ଭାଷା ଜରିଆରେ ଅର୍ଥ ପ୍ରାପ୍ତ ହୋଇଥାଏ । ଭାଷା ଶିକ୍ଷାର କେନ୍ଦ୍ରରେ ରହିଛି ଓ ପ୍ରତ୍ୟେକ ଅଧ୍ୟାପକ ପ୍ରଥମେ ଭାଷାର ଓ ପରେ ବିଷୟର ଅଧ୍ୟାପକ ହୋଇଥାନ୍ତି।*

*- ଏକ ପ୍ରତିଯୋଗୀ*

## ଚିନ୍ତନର ସ୍ୱାଧୀନତା ଓ ମୌଳିକତାର ପ୍ରଶ୍ନ

ଗାନ୍ଧୀ ନୂଆ ତାଲିମ ଯୋଜନା ବନାଇବାକୁ ଯାଇ ଜଣେ ମିତ୍ରର ପାଠଶାଳାରେ ପିଲାଙ୍କୁ ପ୍ରଶ୍ନ କଲେ- ”ଜଣେ ବ୍ୟକ୍ତି ଗୋଟିଏ ସେଓକୁ ଚାରି ଅଣାରେ କିଣି ଏକ ଟଙ୍କାରେ ବିକେ, ତେବେ ତାକୁ କେତେ ମିଳିବ?” ଗାନ୍ଧିଜୀଙ୍କର ଧାରଣା ଥିଲା  ପିଲା ଯଦି ଉତ୍ତରରେ ଏପରି କହିବନି 'ତାକୁ ଜେଲ ମିଳିବ', କାରଣ ଭାଷାକୁ ଗଣିତ ସହ ସମତାଳରେ ଦେଖୁଥିବା ପିଲାଟି ନିଶ୍ଚିତଭାବେ ସ୍ୱାଧୀନ ଭାରତର ପିଲା ହେବାର ଯୋଗ୍ୟ ନୁହେଁ । ଆମେ ଆମ ପିଲାଙ୍କୁ ଏପରି ସ୍ୱାଧୀନତା ଦେବା ଯେଉଁଥିରେ ସେ ନିଜ ଭାଷାରେ ନିଜକଥା ଅଭିବ୍ୟକ୍ତ କରିପାରୁଥିବ । ଏହା କେବଳ ନିଜ ଭାଷା ଶିକ୍ଷା ଦ୍ୱାରା ହିଁ ସମ୍ଭବ ।

ବିଜ୍ଞାନର ବିଦ୍ୟାର୍ଥୀଙ୍କ ଉପରେ ଦୁଇଟି ଦାୟିତ୍ୱ ରହିଛି । ସେମାନେ ଏକାବେଳେ ଦୁଇଭାଷାର ଜ୍ଞାନ ଜାଣିଥାନ୍ତି । ଗୋଟିଏ ବୁଝିବାର ଭାଷା, ଅନ୍ୟଟି ବିଜ୍ଞାନର । ବିଜ୍ଞାନ ବିମ୍ବରେ କଥାବାର୍ତ୍ତା କାରେନି । ତାହା ସିଧାସଳଖ ଶୈଳୀ ଦାବି କରିଥାଏ। ତାହା ସ୍ପଷ୍ଟ ଅବିବ୍ୟକ୍ତି ରଖିଥାଏ। ବିଜ୍ଞାନର ବିଦ୍ୟାର୍ଥୀକୁ 'ନନ-କନ୍‌ଫର୍‌ମିଷ୍ଟ' ମଧ୍ୟ ହେବାକୁ ପଡେ । ବୁଦ୍ଧ କହିଥିଲେ ଯେ, 'ବୟସ୍କମାନେ କହିଛନ୍ତି ବୋଲି ତାଙ୍କକଥା ମାନିବାକୁ ପଡିବ, ତାହା ନୁହେଁ । ତାକୁ ଯାଞ୍ଚ କର, ପରଖ ତା ପରେ ମାନି ନିଅ ।' ଏ ସବୁକିଛି ନିଜ ଭାଷାର ସ୍ୱାଧୀନତା ବ୍ୟତୀତ ସମ୍ଭବ ନୁହେଁ । ଏ ସ୍ୱାଧୀନତା ଶିକ୍ଷକଙ୍କୁ ଦେବାକୁ ପଡିବ । ପ୍ରତ୍ୟେକ ଶିକ୍ଷକ ଗଣିତର ହୁଅନ୍ତୁ କି ବିଜ୍ଞାନର, ସେ ହେଉଛନ୍ତି ଭାଷାର ଶିକ୍ଷକ । ଭାଷା ପଢାଇବା ସମସ୍ତଙ୍କ ଦାୟିତ୍ୱ ଅଟେ, କେବଳ ଭାଷା ଶିକ୍ଷକର ନୁହେଁ। ଗଣିତ, ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର ଭଳି ବିଷୟର ମୌଳିକ ଚିନ୍ତନ ମଧ୍ୟ ନିଜ ଭାଷାରେ ଶିକ୍ଷା ଦ୍ୱାରା ହିଁ ସମ୍ଭବ ହୋଇଥାଏ।

## ଭାଷା ଓ ଅନ୍ୟ ବିଷୟ

ଭାଷା ଆମ ସମସ୍ତଙ୍କ ମାନସପଟରେ ରହିଛି । ବିଚାରଧାରାର ଢାଞ୍ଚା ଏଇ ଭାଷାରୁ ହିଁ ସୃଷ୍ଟି । ନିଜ ଅନୁଭବ ଆଧାରରେ ଆମେ ନିଜ ମାନସପଟରେ ଆସୁଥିବା ଚିତ୍ରକୁ ଜୀବନ୍ତ ରୂପଦେଇ ଜ୍ଞାନକୁ ଆଗକୁ ବଢାଇଥାଉ । ଗଣିତ, ବିଜ୍ଞାନ ସବୁଥିରେ ଏ ପ୍ରକାର ବିଚାର ରହିଛି ଯାହା ଭିନ୍ନ ଭିନ୍ନ ବସ୍ତୁର ସ୍ୱରୂପକୁ ଆମ ଆଗରେ ଠିକ ସେହି ରୂପେ ରଖିଥାଏ। ଯେମିତି ପୃଥିବୀ ଗୋଲ, ଏଠାରେ ଗୋଲର ସ୍ୱରୂପ ଆମ ଆଗରେ ସ୍ୱତଃ ଆସିଯାଇଥାଏ। ଦୁଇଟି ରୁଟି, ତିନି ଭାଇ । ଆମେ ରୁଟିକୁ 'ଦୁଇ'ରେ, ଭାଇକୁ 'ତିନି'ରେ ଯୋଡିପାରୁ । ଚାରିବର୍ଷର ପିଲା ଏସବୁ କରିନେଇଥାଏ । 'ଚେୟାର'ର ପରିଭାଷା ସମସ୍ତଙ୍କଠାରେ ନିଜ ନିଜ ଦୃଷ୍ଟିକୋଣରୁ ଅଲଗା ଅଲଗା ହୋଇଥାଏ । କୌଣସି ପ୍ରକାରେ ଗୋଟିଏ ଧାରଣା ସହ ଅନ୍ୟ ଧାରଣାର ସମ୍ବନ୍ଧ ସୃଷ୍ଟିହୁଏ, ଏକଥା ପିଲାଏ ଜାଣନ୍ତି, ଆଉ ସ୍କୁଲରେ ଯେଉଁ ପରିଭାଷା ଦିଆଯାଇଥାଏ, ଯେଭଳି ଦିଆଯାଇଥାଏ, ତାହା ଦ୍ୱାରା ସମ୍ଭବତଃ ସନ୍ଦେହ ଉପୁଜିଥାଏ । ପିଲାଙ୍କର ନିଜସ୍ୱ ଭାଷା ରହିଛି, ଯେଉଁଥିରେ ସେ ନିଜ ବ୍ୟକ୍ତିତ୍ୱ ଗଢିଥାନ୍ତି । ଏ ସମାଜରେ ଭାଷା ଥାଏ, ପୁଣି ବିଷୟର ଭାଷା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଯେଉଁଥିରେ ତାକୁ ସୂଚନା ହାସଲ କରିବାକୁ ପଡେ । ଯେଉଁ ଭାଷା ପିଲାଏ ଜାଣନ୍ତି, ସେଥିରେ ପଢା-ଲେଖା, କଥାକୁ ବୁଝିବା ସହଜ ହୋଇଥାଏ। ଏହାର କ୍ରିୟାନ୍ୱୟନ କିପରିହେବ, ତାହା ଆମକୁ ସ୍ଥିର କରିବାକୁ ହେବ । ଯଦି ପଢା-ଲେଖା ଆରମ୍ଭ ସମୟରେ ନିଜ ବୋଧଜ୍ଞାନ ସୃଷ୍ଟି କରିବା ବା ବଢାଇବା ପାଇଁ ଶବ୍ଦ ମିଳିଯାଏ, ତେବେ ତାହା ସହଜ ହୋଇଥାଏ । ଛବି ତିଆରି କରିବା ସହଜ ହୋଇଥାଏ।

ସ୍କୁଲରେ ଗଣିତରେ 'ସିଲିଣ୍ଡ୍ରିକାଲ; ପାଇଁ ବେଲଣାକାର' ଶବ୍ଦ ଶିଖାଯାଏ। ଏ ଶବ୍ଦ ପିଲାର ମସ୍ତିଷ୍କରେ ଭିନ୍ନଭିନ୍ନ ପ୍ରକାର ଛବି ଅଙ୍କନ କରେଚ ଯଥା- ସର୍କଲ, ଗୋଲ, ବୃତ୍ତାକାର, ଗୋଲାକାର, ପେଣ୍ଡୁ ଇତ୍ୟାଦି ।

## ବୈଷୟିକ ଶବ୍ଦାବଳୀ ଓ ପିଲାଙ୍କ ବୋଧଜ୍ଞାନ

ଏଠାରେ ଆମେ ପିଲାଙ୍କ ପୂର୍ବ ଜ୍ଞାନର ନୂତନ ଜ୍ଞାନ ଓ ନୂଆ ଶବ୍ଦାବଳୀ ସହିତ ସମ୍ବନ୍ଧ ରଖିବାକୁ ଚାହୁଁଛୁ। ବେଲଣାକାର ଜାଗାରେ'ଚୁଡିଆକାର', 'ପେଣ୍ଡୁଆକାର' ପରି ଶବ୍ଦକୁ କାହିଁକି ଅଣାଯାଇପାରିବନି। ଚୁମ୍ବକ ପାଇଁ ଆକର୍ଷଣ-ବିକର୍ଷଣ ଶବ୍ଦ ବ୍ୟବହାର କରାଯାଏ। ଏ ଶବ୍ଦ ସାଧାରଣ ଭାବେ ବ୍ୟବହାର କରାଯାଉନି ତ ଅଜଣା

ଶବ୍ଦର ବୋଝ କାହିଁକି ବଢାଯିବ । ଏଣୁ ପିଲାଙ୍କ ସ୍ଥିତି ଏପରି ହୋଇଯାଇଛି କି ଶକ୍ତି, ତାକତ୍, ବଳ, ଊର୍ଜା ଏହି ସବୁ ଶବ୍ଦ ଏକାପରି ବ୍ୟବହାର କରିଥାନ୍ତି । ମାତ୍ର ବୈଷୟିକ ବ୍ୟବହାରରେ ତାହାର ଅର୍ଥ ବଦଳିଯାଇଥାଏ । ଆମେ ପିଲାଙ୍କ ବୁଦ୍ଧିକୁ ବ୍ୟବହାରରେ ଲଗାଇପାରିବା? କିଛି ଉଦାହରଣ ଏନ.ସି.ଇ.ଆର.ଟି ପୁସ୍ତକରୁ-

**ସୀମାର ଶତକ**

ସୀମା ଭିନ୍ନ ଭିନ୍ନ ପ୍ରକାରର ବିନ୍ଦି(ଟିକିଲି) ଦ୍ୱାରା ଗୋଟିଏ ଡିଜାଇନ ତିଆରି କରିଛି।



- ଭିନ୍ନ ଭିନ୍ନ ପ୍ରକାରର ସମୂହକୁ ଧ୍ୟାନପୂର୍ବକ ଦେଖ ଏବଂ ବିନ୍ଦିର ପୂର୍ଣ୍ଣ ସଂଖ୍ୟାକୁ ଅନୁମାନ କର ।
- ଆଉକିଛି ସମୂହର ଚିତ୍ର ତିଆରି କର ଯେମିତିକି 100 ବିନ୍ଦି ପୂରଣ ହୋଇଯିବ। ତମକୁ ଆଉ କେତେ ବିନ୍ଦି ତିଆରି କରିବାକୁ ପଡିବ ?.......

*ସ୍ରୋତ: ଗଣିତ୍ କା ଯାଦୁ, ପୁସ୍ତକ2, ଶ୍ରେଣୀ2, ଏନ.ସି.ଇ.ଆର.ଟି*

*କେତେ ସହଜ ରୂପେ ପିଲାଏ ଗଣିତ ଶିଖୁଛନ୍ତି ଆଉ ନିଜ ଆଖପାଖର ଜୀବନ ସହ ଯୋଡି ହେଉଛନ୍ତି।*

### ପତ୍ର

*କଣ ସବୁ ପତ୍ରର ରଙ୍ଗ, ଆକାର ଆଉ ଧାର ଏକାପରି ?*
*ଦୟାରାମ କହିଲା-ମତେ ତ ଜଣା ନଥିଲା ଯେ ପତ୍ର ଏତେ ପ୍ରକାରର ରହିଛି।*
*ଦେଖିବାକୁ କେଉଁଟି ଗୋଲ, କେଉଁଟି ଲମ୍ବା ଆଉ କେଉଁଟି ତ୍ରିକୋଣାକାର !*
*ଅମୁ କହିଲା- ଏ ସବୁର ରଙ୍ଗ କେତେ ଅଲଗା ଅଲଗା- କେଉଁଟି ହାଲୁକା ସବୁଜ ତ ଅନ୍ୟ କେଉଁଟି ଗାଢ ସବୁଜ । ପୁଣି କେଉଁଟି ହଳଦିଆ, ଲାଲ ବା ବାଇଗଣୀ।*
*ଗୋଟିଏ ପତ୍ର ହେଉଛି ସବୁଜ, ତେବେ ସେଥିରେ ଧଳା ଚିହ୍ନ ରହିଛି।*
*ଶବନମ କହିଲା- ଦେଖ, ପତ୍ର ଗୁଡିକର ଧାର ବି କେତେ ଅଲଗା-ଅଲଗା। କେଉଁ ପତ୍ରର ଧାର ସିଧା ତ କେଉଁ ପତ୍ରର ଧାର କଟା ଫଟା। କେତେକର ଧାର ମଧ୍ୟ ଆରି ପରି ହୋଇଥାଏ। ଏବେ ମୁଁ ହେବି 'ବୃକ୍ଷର ପରି', ଅମୁ ଆଉ ଶବନମ ଏକାଠି କହିଲେ।*
*କିଛି ପତ୍ରକୁ ଏକାଠି କର ଯେପରି- ଲେମ୍ବୁ, ଆମ୍ବ, ନିମ୍ବ, ତୁଳସୀ,ପୋଦିନା, ସବୁଜ ଧନିଆ। ଏସବୁ ପତ୍ରକୁ କାଟିଦିଅ ଆଉ ତାହାର ବାସନା ଶୁଙ୍ଘ । ସବୁ ପତ୍ରର ବାସନା କ'ଣ ଏକା ପରି? ତମେ କ'ଣ କେବଳ ବାସନାଦ୍ୱାରା ଏସବୁ ପତ୍ରକୁ ଚିହ୍ନି ପାରିବ?*
*ଦେଖ, କେତେ ସୁନ୍ଦର ଚିତ୍ର ହୋଇଛି। ହଁ ଏହା ଶୁଖିଲା ପତ୍ରରେ ହୋଇଛି । ତମେ ଏବେ ଶୁଖିଲା ପତ୍ରରେ ଅଲଗା ଅଲଗା ପଶୁଙ୍କ ଚିତ୍ର ନିଜ ଖାତାରେ ତିଆରି କର ।*

*ସ୍ରୋତ: ଆସ୍-ପାସ, ପର୍ଯ୍ୟାବରଣ ଅଧ୍ୟୟନ, ଶ୍ରେଣୀ 3*

*ମରୁଭୂମିର ଲୋକେ ନିଜ ଅନୁଭବକୁ ବ୍ୟବହାର କରି ଏକ ଶାସ୍ତ୍ର ବିକଶିତ କରିଛନ୍ତି । ଏହି ଶାସ୍ତ୍ର ସମାଜ ପାଇଁ ଉପଲବ୍ଧ ପାଣିକୁ ତିନୋଟି ରୂପରେ ବାଣ୍ଟିଛି । ପ୍ରଥମ ରୂପ ହେଉଛି 'ପାଲର ପାନି' ଅର୍ଥାତ୍ ସିଧାସଳଖ ବର୍ଷାରୁ ମିଳୁଥିବା ପାଣି । ଏହା ଧରାତଳରେ ବହୁଥାଏ ଓ ଏହାକୁ ନଦୀ, ପୋଖରୀ ଆଦିରେ ଆବଦ୍ଧ କରାଯାଇଥାଏ । ପାଣିର ଦ୍ୱିତୀୟ ରୂପ ହେଉଛି 'ପାତାଲ୍ ପାନି' । ଏହା ସେହି ଭୂ ଜଳ ଯାହା କୂଅରୁ ମିଳିଥାଏ । 'ପାଲର ପାନି' ଓ 'ପାତାଲ୍ ପାନି'ର ମଧ୍ୟବର୍ତ୍ତୀ ପାଣି ହେଉଛି ପାଣିର ତୃତୀୟ ରୂପ- 'ରେଜାଣୀ ପାନି' । ଏହି ଜଳ ଧରାତଳର ନିମ୍ନରେ ପ୍ରବାହିତ ହେଉଥାଏ କିନ୍ତୁ ଭୂତଳର ନିମ୍ନଜଳରାଶି (ପାତାଳ) ରେ ମିଶିପାରୁ ନଥାଏ ।*

*ସ୍ରୋତ: ବିତାନ ଭାଗ, ଶ୍ରେଣୀ1, ହିନ୍ଦୀ, ଏନ୍.ସି.ଇ.ଆର.ଟି*

*ଏହି ଦୁଇ ଉଦାହରଣ ପର୍ଯ୍ୟାବରଣକୁ ସହଜ ଶବ୍ଦାବଳୀରେ ପ୍ରସ୍ତୁତ କରିଛି । ଖାଲି ବୈଷୟିକ ଶବ୍ଦାବଳୀରେ ନୁହେଁ ବରଂ ଅନ୍ୟ ଶବ୍ଦାବଳୀରେ ବି 'ପାଲର ପାନି, ପାତାଲ ପାନି, ରେଜାଣୀ ପାନି' ଆଦି ଭଳି ଲୋକମୁଖର ଶବ୍ଦକୁ ସହଜରେ କୁହାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ପିଲାମାନେ ଏହି ପ୍ରକ୍ରିୟାକୁ ନଘୋଷି ସହଜରେ ବୁଝିପିବେ ।*

## ଅନ୍ୟ କିଛି ଉଦାହରଣ —

ଆଜି ସୁଗନ୍ଧା ବହୁତ ଖୁସି । ତା ସ୍କୁଲର ସବୁପିଲା ଶିକ୍ଷକଙ୍କ ସହିତ ଭୋପାଳ ବୁଲିବାକୁ ଯାଉଛନ୍ତି । ମିନାକ୍ଷୀ ମାଡାମ ଆଉ ରାକେଶ ସାର୍ କଥା ହେଉଛନ୍ତି କି ସବୁ ପିଲାଙ୍କ ପାଇଁ ସମୁଦାୟ କେତୋଟି ବସ୍ ଦରକାର ହେବ ।



ମିନାକ୍ଷୀ ମାଡାମ୍ - ଆମକୁ ଚାରିଟା ବସ୍ ଦରକାର ।

ରାକେଶ ସାର୍ - ମତେ ଲାଗୁଛି ପାଞ୍ଚଟା ଦରକାର ହବ ।

ମିନାକ୍ଷୀ ମାଡାମ୍ - ପ୍ରତି ବସରେ 50 ସିଟ୍ ଅଛି।

ରାକେଶ ସାର୍ - ଆଗ ନିଶ୍ଚିତ କର, କେତେ ପିଲା ଯାଉଛନ୍ତି।

| ଶ୍ରେଣୀ | ପିଲାସଂଖ୍ୟା |
|---|---|
| I | 33 |
| II | 32 |
| III | 42 |
| IV | 50 |
| V | 53 |
| ମୋଟ | 210 |




- ତେବେ ସବୁ ମିଶାଇ........ପିଲା ଯାଉଛନ୍ତି ।
- ଯଦି ସେମାନଙ୍କୁ 4ଟା ବସ୍ ମିଳେ ତେବେ କେତେ ପିଲା ବସିପାରିବେ ?
- କୌଣସି ପିଲା କ'ଣ ନବସି ରହିଯିବ ?




*— ଗଣିତ୍‌କା ଯାଦୁ, ପୁସ୍ତକ 2, ଶ୍ରେଣୀ 2. ଏନ୍.ସି.ଇ.ଆର.ଟି*

## ଜଲ୍‌ଦି ଜଲ୍‌ଦି ଫଟାଫଟ୍

ପିଲାମାନେ ଶ୍ରେଣୀ ଭିତରେ ଗୋଲେଇ ହେଇ ବସିଛନ୍ତି।

ଏମାନେ ଗୋଟେ ପ୍ରକାର ଖେଳ ଖେଳୁଛନ୍ତି ଆଉ ଗାଉଛନ୍ତି ।

କ'ଣ ଲମ୍ବା, କ'ଣ ଗୋଲ ?

ଜଲ୍‌ଦି ବୋଲ୍, ଜଲ୍‌ଦି ବୋଲ୍ ।

ରୀନା କହୁଛି-




ସବୁ ପିଲା ଗାଉଛନ୍ତି,

କ'ଣ ଲମ୍ବା, କ'ଣ ଗୋଲ ?

ଜଲ୍‌ଦି ବୋଲ୍, ଜଲ୍‌ଦି ବୋଲ୍ ।

ମୋନୁ କହୁଛି -




'ଆଉ ଏହି ଭଳି ଖେଳ ଚାଲିଥିଲା'

- ତମେ ବି ଏଇ ଖେଳକୁ ନିଜ ଶ୍ରେଣୀରେ ଖେଳ, ପାଳି କି ପାଳି ଗୋଟିଏ ଲମ୍ବା ଆଉ ଗୋଟିଏ ଗୋଲ ଜିନିଷର ନାମ କୁହ। ଖେଳରେ ଯେଉଁ ଜିନିଷର ନାମ ଏଠାରେ କୁହାଯାଇଛି, ତାକୁ ପୁଣିଥରେ କୁହାଯିବନି ।

*– ଗଣିତ୍‌କା ଯାଦୁ, ପୁସ୍ତକ 2, ଶ୍ରେଣୀ 2. ଏନ୍.ସି.ଇ.ଆର.ଟି*

### ଭୀମ ବେଟକା ଆଡକୁ

ବସ୍‌ରେ ଡିଜେଲ ଭରିବା ପରେ, ଯାତ୍ରା ପୁଣିଥରେ ଆରମ୍ଭ ହୋଇଗଲା। ଏବେ ପିଲାଙ୍କୁ କୁହାଗଲା କି ସେମାନେ ପ୍ରଥମେ ଭୀମ ବେଟକାରେ ପହଞ୍ଚିବେ ।

ଅଞ୍ଜନ - ଭୀମ ବେଟକା କ'ଣ ?

ରୀନା ମାଡାମ - ଏହା ଏମିତି ଏକ ଜାଗା ଯେଉଁଠି ବହୁତ ଗୁମ୍ଫା, ଆଉ ଗୁମ୍ଫାରେ ଚିତ୍ରକଳା ରହିଛି ଯାହାକୁ ଦଶ ହଜାର ବର୍ଷ ତଳେ ତିଆରି କରାଯାଇଥିଲା।

ସୁମନ୍ତ - ଦଶ ହ.......ଜା.......ର ବର୍ଷ! ମୁଁ ତ ଏକ ହଜାର ବର୍ଷ ପୂର୍ବକଥା ଭାବି ପାରୁନି ।

ଗୋପୀ - ଓଃ! ଏକ ହଜାର ବର୍ଷ ତ ବହୁତ । ମୁଁ ତ ଶହେ ବର୍ଷ ପୂର୍ବର କଥା ଭାବି ପାରୁନି ।

ଗୌରୀ - ମୁଁ 100 ବର୍ଷ ବିଷୟରେ ଭାବିପାରୁଛି । କାରଣ ମୋ ପିତାଙ୍କ ଜେଜେମା 100 ବର୍ଷ ବୟସର ।

ମଞ୍ଜିତ୍ - ଏହାର ଅର୍ଥ ଏ ଗୁମ୍ଫା ପ୍ରାୟ ଶହେ ବର୍ଷ, ଅର୍ଥାତ୍ ଜେଜେମା ଯେତିକି ପୂର୍ବର !!

ସମସ୍ତେ ଜୋର ଜୋର ହସିବାକୁ ଲାଗିଲେ । ହାଃ!ହାଃ!ହାଃ

ପିଲାଏ ଗୁମ୍ଫାରେ କରାଯାଇଥିବା ଚିତ୍ରକଳାକୁ ଦେଖିବାକୁ ଚାହୁଁଥିଲେ । ପ୍ରାୟ 11ଟା ବେଳକୁ ସେମାନେ ଭୀମ ବେଟକାରେ ପହଞ୍ଚିଲେ ।




*– ସ୍ରୋତ: ଗଣିତ୍ କା ଯାଦୁ, ପୁସ୍ତକ2, ଶ୍ରେଣୀ2, ଏନ.ସି.ଇ.ଆର.ଟି*

ଶଙ୍କର - ଏ ଚିତ୍ରରେ ବହୁତ ବଡ ବଡ ଶଣ୍ଢ ତିଆରି କରାଯାଇଛି । ଆରେ! ମୁଁ ଗୋଟିଏ କଥା ଭାବୁଛି । ଏ ଚିତ୍ରରେ ମୁଁ ଶଣ୍ଢ ଗଣୁଛି, ଆଉ ତୁ ହରିଣକୁ ଗଣ ।.

ବନମାଳି - ମୁଁ ଲୋକଙ୍କୁ ଗଣୁଛି । ଦେଖିବା କିଏ ଅଧିକ - ଷଣ୍ଢ, ହରିଣ ନା ଲୋକ ।




- ଏଠି ଷଣ୍ଢଠାରୁ ହରିଣ କେତେ ଅଧିକ ?.........

  ହେଲେ ବନମାଳି ସବୁଠୁ ଅଧିକ ଖୁସିଥିଲା ।କାରଣ ଲୋକଙ୍କ ସଂଖ୍ୟା ଷଣ୍ଢ ଆଉ ହରିଣ ଦୁହିଁଙ୍କର ସଂଖ୍ୟା ମିଶାଇଲେ ବି ତା ଠାରୁ ଅଧିକ ଥିଲା। କିନ୍ତୁ ତା'ର ଗଣତି 200ରୁ କମ୍ ଥିଲା।

- ସେ କେତେ ଲୋକଙ୍କୁ ଗଣିଥିବ ?

  214, 154, 134, 177

  ଗାଇଡ୍‌ଙ୍କ କହିବା ଅନୁସାରେ ଏଠାରେ ସବୁ ମିଶାଇଲେ 600 ଗୁମ୍ଫା ଚିତ୍ର ହେବ ।

*– ସ୍ରୋତ: ଗଣିତ୍ କା ଯାଦୁ, ପୁସ୍ତକ2, ଶ୍ରେଣୀ2, ଏନ.ସି.ଇ.ଆର.ଟି*

*(ଉପରୋକ୍ତ ସବୁ ଉଦାହରଣ ବିଷୟର ଭାଷାକୁ ସହଜରେ ବୁଝିବାପାଇଁ ଏକ ଉତ୍ତମ ପ୍ରୟାସ ।)*

## ଉଚ୍ଚ ଶିକ୍ଷା ଓ ଅନ୍ୟ ବିଷୟ

ଦ୍ୱିତୀୟ ପ୍ରଶ୍ନଟିକୁ ଏହା ସହିତ ଯୋଡ଼ାଯାଇଛି . ଯଦି ପ୍ରାରମ୍ଭିକ ସ୍ତରରେ ନିମ୍ନସ୍ଥ ଭାଷାର ଉପଯୋଗ ହୁଏ ଆଉ ତାକୁ ଏଇ ଭାଷାରେ ପ୍ରାରମ୍ଭିକ ଶିକ୍ଷା ଦିଆଯାଏ, ତେବେ ଆଗକୁ କ'ଣ ଘଟିବ । ଧରିନିଆଯାଉ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏଇଭଳି ଭାବେ ପଢି ପୁଣି ଆଗକୁ ପଢାପଢି ସେ କେଉଁ ଭାଷାରେ କରିବ । ସେ ଦଶମ ଶ୍ରେଣୀ ଯାଏଁ ସାନ୍ତାଳୀରେ ପଢିଥାଏ, ତେବେ ସେ ଏକାଦଶକୁ ଗଲାବେଳେ ବା ଇଞ୍ଜିନିୟରିଂ ବା ମେଡିକାଲ ପଢିବାକୁ ଯିବାବେଳେ ପଢାପଢି କେଉଁ ଭାଷାରେ ହେବ ? ଯଦି ସେ କେବଳ ବି.ଏ ବା ଏମ.ଏ କରେ ତେବେ କେଉଁ ଭାଷାରେ ପଢିବ? ଯଦି ସେ ସାନ୍ତାଳୀ ଭଳି ଆଦିବାସୀ ଭାଷାରେ ପଢେ, ତେବେ କ'ଣ ଆମ ବିଶ୍ୱବିଦ୍ୟାଳୟ ଏହିସବୁ ଭାଷା ପଢାଇବାକୁ ସକ୍ଷମହେବ? ଯଦି ପିଲାଟି କେବଳ ସାନ୍ତାଳୀରେ ପଢେ ତେବେ ତୃତୀୟ ପ୍ରଶ୍ନ ଏମିତି ହେବ କି କ'ଣ ତାକୁ ଚାକିରି ମିଳିବ? ଯଦି ଚାକିରି ମିଳିବନି ତେବେ କାହିଁକି ମିଳିବନି ? ଇଏ କେମିତିକା ବ୍ୟବସ୍ଥା ଯାହା ନିଜ ଭାଷାରେ ପଢୁଥିବା ନାଗରିକକୁ ଚାକିରି ଦେଇପାରିବନି ।

ଏଠି ଚାକିରି ପାଇବା ପାଇଁ ଇଂରାଜୀ ଜ୍ଞାନ ଅନିବାର୍ଯ୍ୟ ହୋଇଯାଇଛି । ମାତ୍ର ଭିନ୍ନ ଦୃଷ୍ଟିରୁ ଦେଖିଲେ ସାଂପ୍ରତିକ ପରିସ୍ଥିତିରେ ବିଶ୍ୱରେ କ୍ରମାଗତ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟିହୋଇଛି ଏବଂ ଏହି ମାନ୍ଦାବସ୍ଥାକୁ ଦେଖି ସାରା ଦୁନିଆକୁ ଲାଗୁଛି ଯେ କେବଳ ଇଂରାଜୀ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ । ଏଣୁ ଆମକୁ ପିଲା ଓ ସମାଜକୁ ଏଇ ବିଶ୍ୱାସ ଦେବାକୁ ହେବ ।

> *ଉଚ୍ଚଶିକ୍ଷାରେ ଏଇ ବୋଧଶକ୍ତିକୁ ନେଇ ଆଗକୁ ବଢିବା ଦରକାର । ତେବେ କିଛି ଜିନିଷ ଉପରେ ବିଚାର କରିବାକୁ ହେବ । କ'ଣ ସବୁ ଭାଷାରେ ଏତେ ସାମଗ୍ରୀ ଉପଲବ୍ଧ? ଦୁନିଆରେ ଶିକ୍ଷା ଉପରେ ଯେଉଁସବୁ ଚିନ୍ତନ ହେଲା, ତାହା କଣ ସବୁ ଭାଷାରେ ଉପଲବ୍ଧ?*
>
> *- ଏକ ପ୍ରତିଯୋଗୀ*

ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଦେଶର ଅର୍ଥବ୍ୟବସ୍ଥା ପର୍ଯ୍ୟନ୍ତ ଏହି ତନ୍ତ୍ର ବିଛେଇ ହୋଇଯାଇଛି । କେବଳ ବୋଧଶକ୍ତିର ମାଧ୍ୟମ କଥା ନୁହେଁ, ପ୍ରଶ୍ନ ଏହା ମଧ୍ୟ ହୋଇପାରେ ଯେ ବୋଧଶକ୍ତିର ମାଧ୍ୟମକୁ ପାଇବା ପରେ ଜୀବିତ ରହିବାର ମାଧ୍ୟମ କ'ଣ ହେବ ଅର୍ଥାତ ବୋଧଜ୍ଞାନ ତ ଆମକୁ ମିଳିଯିବ, କିନ୍ତୁ ଆମେ ଜୀବିତ କେମିତି ରହିବା? ଯେ ପର୍ଯ୍ୟନ୍ତ ଏଭଳି ଅର୍ଥବ୍ୟବସ୍ଥା ଓ ସାମାଜିକ ବ୍ୟବସ୍ଥା ତିଆରି ହୋଇନି ସେ ଯାଏ ବୋଧ ଶକ୍ତିର ମାଧ୍ୟମ ରୂପେ ମାତୃଭାଷା ଆଉ ଦେଶର ହଜାର ଭାଷାର କୌଣସି ଭବିଷ୍ୟତ ନଜର ଆସୁନାହିଁ । ଏଣୁ ବାଧ୍ୟବାଧକତାରେ ଆମର ଲକ୍ଷ ଲକ୍ଷ ଗାଁରେ ହୀନ୍ଦିର ଉପହାସ କରାଯାଉଛି ବା ଆମେ ଇଂରାଜୀର ମଜା ଉଡାଇଲାବେଳେ ଅନ୍ତତଃ ବାଧ୍ୟହୋଇ ପ୍ରତ୍ୟେକ ମତାପିତାଙ୍କୁ ନିଜ ପିଲାଙ୍କୁ ହିନ୍ଦୀ ବା ଇଂରାଜୀରେ ପଢାଇବାକୁ ପଡୁଛି । ସବୁଠାରୁ ଭଲ ହେଉଛି ଇଂରାଜୀରେ ପଢାଇବା। ସେ ନିଶ୍ଚିତ ହୋଇଯାଏ କି ଯାହା ପଛେ ହେଇଯାଉ ତାକୁ ପ୍ରତିଦିନ ଖାଦ୍ୟ ଗଣ୍ଡିଏ ତ ମିଳିଯିବ । ଯେଉଁ ସମାଜକୁ ଆମେ ତିଆରି କରିଛୁ, ପ୍ରଶ୍ନ ଉଠୁଛି- ସେହି ସମାଜରେ ବୋଧଶକ୍ତିର ମାଧ୍ୟମ ନିଜ ଭାଷା ନ ହେବା ପର୍ଯ୍ୟନ୍ତ ଆମେ ଆମର ସମାଜକୁ ବଦଳାଇପାରିବା ନାହିଁ ।

ରୁଷ ଠାରୁ ଆରମ୍ଭ କରି ବିଶ୍ୱର ଅନ୍ୟ ଦେଶ ଯଥା- ଜାପାନ, ଚୀନ ଆଦି ଦେଶ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ନିଜ ଭାଷାରେ ଶିକ୍ଷା ପ୍ରଦାନ କରୁଛନ୍ତି । ଜର୍ମାନୀ ତାହା ହିଁ କରୁଛି । ଚୀନ ତାହା କରୁଛି । ନିଜର ଇଂରାଜୀ ଲୋଭ ଛଡା ସେଠାରେ ପ୍ରାଥମିକ ସ୍ତରରୁ ଆରମ୍ଭ କରି ଉଚ୍ଚ ସ୍ତର ପର୍ଯ୍ୟନ୍ତ ଚୀନୀ ଭାଷା ରହିଛି । କିନ୍ତୁ ଆମର ଏଠାରେ ଏପରି ହେଉନି । ଏହା ଏକ ବହୁତ ବଡ ପରିଣାମ । ଏଣୁ ଆମର ଭାଷା ଜ୍ଞାନର ଭାଷା ହୋଇପାରୁନି । ସ୍ୱାଧୀନତା ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ଯେଉଁ ବିଦ୍ୱାନ ବାହାରୁଥିଲେ, ମୌଳିକ ଚିନ୍ତକ ଥିଲେ, ସେସବୁ ପରେ କମ୍ ହୋଇଗଲେ । ଜଗଦୀଶ ଚନ୍ଦ୍ର ବୋସ୍ ନିଜର ବହୁତ ପୁସ୍ତକ ବଙ୍ଗଳାରେ ଲେଖିଛନ୍ତି । ପରବର୍ତ୍ତୀ କାଳରେ ସେହି ସଂସ୍କାର ଦ୍ୱାରା ପ୍ରେରିତ ହୋଇ ମହାନ ବୈଜ୍ଞାନିକ ଜୟନ୍ତ ନାର୍ଲିକର ମରାଠୀ ଓ ହିନ୍ଦୀରେ ମଧ୍ୟ ଲେଖିଛନ୍ତି । ମେଘନାଦ ଶାହା ନିଜ ପୁସ୍ତକ ବଙ୍ଗଳାରେ ଲେଖିଛନ୍ତି। ଏହିପରି ଜ୍ଞାନର ବିଭିନ୍ନ କ୍ଷେତ୍ରରେ ଲୋକେ ଆସିଛନ୍ତି, ଏବଂ ସେମାନେ ନିଜ ଭାଷା ମରାଠୀ, ବଙ୍ଗଳା, ତେଲୁଗୁ,

ତାମିଲ, ମାଲୟାଲମ ଜ୍ଞାନକୁ ଆଗକୁ ବଢାଇଛନ୍ତି । ଏହି ପ୍ରକ୍ରିୟା ବଢିବା ଉଚିତ, ହେଲେ ତାହା ଘାଟିଯାଇଛି, ତେଣୁ ଆମର ଲକ୍ଷ୍ୟ କେବଳ ଉପାଦେୟତା ହୋଇ ରହିଯାଇଛି । ଏଣୁ ଆମକୁ ଆଗକୁ ଆତ୍ମନିର୍ଭରଶୀଳ ହୋଇପାରୁଥିବା ଉପଯୋଗୀ ଲୋକଙ୍କୁ ସୃଷ୍ଟି କରିବାକୁ ହେବ । ଆଗରୁ ସମଗ୍ର  ଦେଶ ଏହିଭଳି ଲୋକଙ୍କୁ ଉତ୍ପନ୍ନ କରୁଥିଲା, ଯେଉଁମାନେ ସାମଗ୍ରୀ ବିକି ପାରିବେ, ସାମଗ୍ରୀ ବିକୁଥିବା ଲୋକଙ୍କ ସେବା କରିପାରିବେ, ଆଉ ଯିଏ ସାମଗ୍ରୀ ବିକିବା ପାଇଁ ବାହାରୁ ସାମଗ୍ରୀ ଆଣିପାରିବେ । ଏଠି ସ୍ଥିତିର ସାମ୍ନା କରିବାପାଇଁ ନିଜ ଭାଷାରେ ଶିକ୍ଷା ଦେବା ଉପରେ ଜୋର ଦେବାକୁ ପଡିବ। ନିଜ ଭାଷାକୁ ଜ୍ଞାନର ଭାଷା କରିବାକୁ ହେବ ଆଉ ଏସବୁ ପାଇଁ ବିଭିନ୍ନ ଭାଷା, ବିଭିନ୍ନ ଜ୍ଞାନ ମଧ୍ୟରେ ବିଚାର ଆଲୋଚନା କରିବାକୁ ହେବ । ବର୍ତ୍ତମାନ ଜ୍ଞାନର ଭାଷା ଇଂରାଜୀରେ ମଧ୍ୟ କେତେକ ସ୍ତରରେ ବିଚାର ବିମର୍ଶ ଜାରି ରଖିବାକୁ ହେବ।

*ସୂଚନାଯୋଗ୍ୟ ଯେ 1917 ପରେ ସୃଷ୍ଟି ହୋଇଥିବା ରୁଷର ସମାଜ ଏପରି ଏକ ସମାଜ ଥିଲା ଯେଉଁଥିରେ ଛୋଟରୁ ଛୋଟ ଭାଷା ପାଇଁ ମଧ୍ୟ ଉପଯୁକ୍ତ ସ୍ଥାନଟିଏ ଥିଲା । ଦାଗିସ୍ତାନର ଅଧିବାସୀ ମହମ୍ମଦ ରସୁଲ ଇଜମାତୋବ ପରି ଲେଖକ, ଯିଏ ନିଜ ଖାନଦାନରେ ପ୍ରଥମ ବ୍ୟକ୍ତି ଥିଲେ ଯିଏ ପାଠ ପଢି ଜାଣିଥିଲେ। ତାଙ୍କ ଭାଷା ଆୱାର ଥିଲା । ସେତେବେଳେ ଅତି ବେଶିରେ ଆୱାର ଭାଷା କହୁଥିବା ଲୋକଙ୍କ ସଂଖ୍ୟା  2 ରୁ 4 ଲକ୍ଷ ଥିଲା । ବର୍ତ୍ତମାନ ସମ୍ଭବତଃ ଏହି ସଂଖ୍ୟା କମ ହୋଇଯାଇଥିବ । ତେବେ ଏଇ 2-4 ଲକ୍ଷ ଲୋକଙ୍କ ପାଇଁ ସେମାନଙ୍କ ଭାଷାରେ ପଢାପଢିର ଯେଉଁ ବ୍ୟବସ୍ଥା ସେଠାରେ ନିଶ୍ଚିତ ହୋଇଥିଲା, ତାରି ଫଳ ସ୍ୱରୂପ ରସୁଲ ଭଳି ବିଶ୍ୱବିଖ୍ୟାତ ଲେଖକ ବାହାରିଲେ । ଆଉ ମୋ 'ଦାଗିସ୍ତାନ' ତାଙ୍କର ଅସାଧାରଣ ପୁସ୍ତକ । ବୋଧହୁଏ ବିଶ୍ୱର କୌଣସି ଭାଷାରେ ଏମିତି ଦ୍ୱିତୀୟ ପୁସ୍ତକ ଲେଖାଯାଇନାହିଁ । ତାହା ବିଶ୍ୱର ଅନ୍ୟ ଭାଷାରେ ମଧ୍ୟ ଅନୁବାଦ ହୋଇଛି । କେବଳ ଦୁଇଲକ୍ଷ ଲୋକଙ୍କ ଭାଷାରେ ଲିଖିତ ଏଇ ପୁସ୍ତକ ବିଶ୍ୱର ମହାନ ପୁସ୍ତକମାନଙ୍କ ମଧ୍ୟରେ ଗଣାଯାଏ। ଅନ୍ୟପଟେ ଆଫ୍ରିକାରେ ଏପରି ହେଉନାହିଁ । ସେଠାକାର ଭାଷାରେ ଜ୍ଞାନର ରଚନା ହୁଏ ନାହିଁ। କେନିଆର ଲେଖକ ଅଙ୍ଗୁଗୀ ଇଂରାଜୀରେ ମହାନ ହୋଇଥିଲେ । ମାତ୍ର ସେ ନିଜ ଭାଷା କିକିୟୁରେ ଲେଖିବାକୁ ଚାହିଁଲା ବେଳେ ତାକୁ ବହିଷ୍କାର କରାଗଲା । ଆଉ ଆଜି ବି ସେ ନିର୍ବାସିତ ଜୀବନ ବିତାଉଛନ୍ତି । ଆମ ଦେଶ ମଧ୍ୟ ଆଜି ଏପରି ସମସ୍ୟାର ସାମ୍ନା କରୁଛି । ନିଜ ଭାଷାରେ ଭଲରୁ ଭଲ ଲେଖକ କାହିଁ କେଉଁ କୋଣରେ ପଡିରହିଛନ୍ତି । ଏହି ସଙ୍କଟରୁ ଉଦ୍ଧାରର ରାସ୍ତା ଖୋଜୁଖୋଜୁ ଆମେ ରୁଷ, ଜର୍ମାନୀ, ଚୀନ, ଜାପାନ ଇତ୍ୟାଦି ଦେଶଠାରୁ ଶିଖିବାକୁ ହେବ ଆଉ ନିଜ ଭାଷାକୁ ଜ୍ଞାନ ବିଜ୍ଞାନ ସହ ଯୋଡିବାକୁ ହେବ।*

*- ଏକ ପ୍ରତିଯୋଗୀ*

## ମୋ ଅନୁଭବ

*ମାତୃଭାଷା ପାଇଁ ମୋର ଏତେ ପ୍ରେମ ଥାଇ ମଧ୍ୟ ମୁଁ ଆଜିଯାଏ ଭୂମିତି, ବୀଜଗଣିତ ଆଦିର ଗୁଜୁରାଟି ପାରିଭାଷିକ ଶବ୍ଦ ଜାଣିନାହିଁ । ଏବେ ମୁଁ ବୁଝିପାରୁଛି ଯେ ଯଦି ଇଂରାଜୀ ବଦଳରେ ମୁଁ ଗୁଜୁରାଟିରେ ଶିଖିଥାନ୍ତି ତେବେ ଅଙ୍କ ଗଣିତ, ଭୂମିତି, ବୀଜଗଣିତ, ରସାୟନ ଶାସ୍ତ୍ର ଓ ମହାକାଶ ବିଦ୍ୟା ବିଷୟରେ ଯା ଶିଖିବାକୁ ମତେ ଚାରିବର୍ଷ ଲାଗିଲା, ତାକୁ ସହଜରେ ମୁଁ ଗୋଟିଏ ବର୍ଷରେ ଶିଖିଯାଇଥାନ୍ତି । ସେହିସବୁ ବିଷୟର ଜ୍ଞାନ ମତେ ଅଧିକ ସହଜ ଆଉ ଅଧିକ ସ୍ପଷ୍ଟ ହୋଇଥାନ୍ତା, ମୋ ଗୁଜୁରାଟି ଶବ୍ଦ ଭଣ୍ଡାର ଅଧିକ ସମ୍ପନ୍ନ ହୋଇଯାଇଥାନ୍ତା। ଏଇ ଜ୍ଞାନକୁ ମୁଁ ନିଜ ଘରେ ଉପଯୋଗ କରିଥାନ୍ତି।*

X X X

*ମୁଁ ଚାହୁଁଛି କି ସେହି ଭାଷା (ଇଂରାଜୀ)ର ରତ୍ନକୁ ଖାଲି ତାହା କାହିଁକି, ବିଶ୍ୱର ଅନ୍ୟ ଭାଷାର ରତ୍ନକୁ ମଧ୍ୟ ନିଜ ଦେଶୀ ଭାଷାରେ ଜୁଟାଇ ପାରନ୍ତି । ରବୀନ୍ଦ୍ରନାଥଙ୍କ ଅଦ୍ୱିତୀୟ ରଚନାର ବିଶେଷତ୍ୱ ଜାଣିବା ପାଇଁ ମତେ ବଙ୍ଗଳା ଶିଖିବାର ଆବଶ୍ୟକ ନାହିଁ। ମତେ ତାହା ଭଲ ଅନୁବାଦଦ୍ୱାରା ମିଳିଯାଇ ପାରିବ । ଗୁଜୁରାଟି ପୁଅଝିଅଙ୍କୁ ଟଲଷ୍ଟୟଙ୍କ କାହାଣୀର ରସାସ୍ୱାଦନ କରିବା ପାଇଁ ରୁଷ ଭାଷା ପଢିବାର ଦରକାର ନାହିଁ। ସେ ସବୁ ଭଲ ଅନୁବାଦ ଦ୍ୱାରା ପଢାଯାଇପାରିବ।*

X X X

*ଶିକ୍ଷାର ମାଧ୍ୟମ ତୁରନ୍ତ ଓ ଯେକୌଣସି ମୂଲ୍ୟରେ ବଦଳାଯିବା ଆବଶ୍ୟକ ଓ ପ୍ରାନ୍ତୀୟ ଭାଷାକୁ ସେମାନଙ୍କର ଯଥାର୍ଥ ସ୍ଥାନ ମିଳିବା ଉଚିତ ।*

*-ହରିଜନ 9.7.38, ପୃ ସଂଖ୍ୟା 177, 'ମହାତ୍ମା ଗାନ୍ଧୀଙ୍କେ ଚୟନିତ କାର୍ଯ୍ୟ (ପଞ୍ଚମ ଖଣ୍ଡ )*

5

# ଭାଷାରେ ସମ୍ବାଦ

**(ପ୍ରସଙ୍ଗ: ଇଂରାଜୀ ଓ ହିନ୍ଦୀ )**

- ଇଂରାଜୀ ଓ ହିନ୍ଦୀର ସମ୍ବନ୍ଧ
- ସନ 1967 ପରେ
- ସନ 1987 ସମୟରେ
- ପରିବର୍ତ୍ତନର ନୂଆ ଯୁଗରେ
- ଇଂରାଜୀ ବିକାଶର ଇତିହାସ
- ନୂଆଶବ୍ଦ ଗଢିବାର ଆବଶ୍ୟକତା



## ଇଂରାଜୀ ଓ ହିନ୍ଦୀର ସମ୍ବନ୍ଧ

ସ୍ୱାଧୀନତା ଆନ୍ଦୋଳନ ସମୟରେ ଓ ତାହା ପରେ ଦେଶ ନିର୍ମାଣର ଯେଉଁ କାମ ହୋଇଛି ସେଥିରେ ଇଂରାଜୀ ଆଉ ଅନ୍ୟ ଭାଷାମାନଙ୍କର ସମ୍ବନ୍ଧ କେତେବେଳେ ଭଲ ତ କେତେବେଳେ ସମସ୍ୟାମୂଳକ ହୋଇଛି । 1947 ପର୍ଯ୍ୟନ୍ତ ଏହା ମଧ୍ୟରେ ଏକ ବିଶେଷ ସମ୍ବନ୍ଧ ରହିଛି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏମିତି ବହୁତ କାର୍ଯ୍ୟ ହିନ୍ଦୀ ପାଇଁ ଓ ସ୍ୱାଧୀନତା ପାଇଁ ସମର୍ପିତ ଥିଲା । ସେହି ସମୟରେ ନିଜ ଭାଷା ପ୍ରତି ଭଲପାଇବା ଥିଲା ଓ ସେଥିପାଇଁ କାମ କରାଯାଇଥିଲା, ତେବେ ଇଂରାଜୀ ପାଇଁ ଘୃଣା ନଥିଲା। ସ୍ୱାଧୀନତା ସମୟରେ ଗୋଟିଏ କଥା ସାମନାକୁ ଆସିଲା। ମହାନ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବସୁ ନିଜର ବହୁ ରଚନାକୁ ବଙ୍ଗଳାରେ ଲେଖିଲେ। ଲକ୍ଷ୍ମଣ ଶାସ୍ତ୍ରୀ ନିଜ ଭାଷାରେ ଓ ଇଂରାଜୀରେ ମଧ୍ୟ ଲେଖୁଥିଲେ, କିନ୍ତୁ 1947 ପରେ ପରିସ୍ଥିତି ବଦଳିଗଲା। ତାହାପରେ ଇଂରାଜୀର ବ୍ୟବହାର ଆରମ୍ଭ ହୋଇଗଲା। ତତ୍କାଳୀନ ସମୟର ବହୁ ଐତିହାସିକ ହିନ୍ଦୀ ବିକାଶର ଇତିହାସ ହିନ୍ଦୀରେ ନଲେଖି ଇଂରାଜୀରେ ଲେଖିଲେ । ବର୍ତ୍ତମାନର ସମାଜଶାସ୍ତ୍ରୀମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଯୋଶୀଙ୍କୁ ଛାଡିଦେଲେ ପ୍ରାୟ ସମସ୍ତଙ୍କର ଲେଖା ମୂଳତଃ ଇଂରାଜୀରେ ରହିଛି।

## ସନ 1967 ପରେ :

ସନ 1967ରୁ ଏକ ପରିବର୍ତ୍ତନ ଆସିଛି । ଯଦି ଧ୍ୟାନପୂର୍ବକ ଦେଖିବା ତେବେ 20 ବର୍ଷ ଅନ୍ତରାଳରେ ଏହି ଭାଷାଗୁଡିକ ସମ୍ବନ୍ଧରେ ବ୍ୟବଧାନ ବଢିଛି । ସନ 1967 ବେଳକୁ ଇଂରାଜୀର ବିରୋଧ ବା ଘୃଣାର ସମୟ କୁହାଯାଇପାରିବ । କାର୍‌ର ଫଳକ ଓ ଜାଗାଜାଗାରେ ବୋର୍ଡ ବଦଳିଗଲା। ବିହାର ଓ ଉତ୍ତରପ୍ରଦେଶ ଆଦିରେ ଏହି ବିରୋଧ କିଛି ଅଧିକ ହୋଇଥିଲା। ଯେଉଁ ଲୋକେ ଇଂରାଜୀ ବିରୁଦ୍ଧରେ ଆନ୍ଦୋଳନ ଚଳାଉଥିଲେ ସେମାନେ ଭୁଲିଗଲେ କି ସେମାନଙ୍କ ପିଲା କେଉଁଠି ଓ କିପରି ଶିକ୍ଷା ପାଉଛନ୍ତି। ଏଣୁ ଏହାର ଅନୁସନ୍ଧାନ କରାଯିବା ଉଚିତ ଯେ ସେହିଦିନ ଦିନମାନଙ୍କରେ ଇଂରାଜୀ ମାଧ୍ୟମରେ ଶିକ୍ଷା-ଦୀକ୍ଷା ନେଉଥିବା ପିଲାଙ୍କ ଉପରେ ଏହାର କି ପ୍ରଭାବ ପଡୁଥିଲା। ଅନ୍ୟପଟେ ଏହା ମଧ୍ୟ ଧ୍ୟାନଦେବା କଥା ଯେ ଏପରି ଲୋକମଧ୍ୟ ଥିଲେ ଯେଉଁମାନେ ନପଢି ମଧ୍ୟ ଆଗକୁ ବଢିଥିଲେ । ସେମାନଙ୍କ ସହ କିଛି ଭୁଲ କି ଠିକ୍ ହୋଇଥିଲା, ଏହା ଉପରେ ମଧ୍ୟ ଅନୁସନ୍ଧାନ କରାଯାଇପାରେ। ଏହି ବିଷୟର ଆରମ୍ଭ ବହୁତ ପୂର୍ବରୁ ହୋଇସାରିଥିଲା, ଯାହାକୁ ନେହେରୁ 'ଡିସକଭରୀ ଅଫ ଇଣ୍ଡିଆ'ରେ ମଧ୍ୟ ରେଖାଙ୍କିତ କରିଥିଲେ- ପ୍ରଶ୍ନ ଉଠୁଛି ଯେ "ଇଙ୍ଗ୍ଲଣ୍ଡର ଦୁଇ ରୂପରୁ କେଉଁ ଇଙ୍ଗ୍ଲଣ୍ଡଟି ହିନ୍ଦୁସ୍ଥାନରେ ଆସିଲା ? ସେକ୍ସପିଅର ଓ ମିଲଟନ ବାଲା; ଉଦାରବାଦୀ ଓ ସାହସିକତାପୂର୍ଣ୍ଣ ଲେଖା; ରାଜନୈତିକ କ୍ରାନ୍ତି ଓ ସ୍ୱାଧୀନତାର ଅଧିକାର ପାଇଁ ଲଢେଇ କରିବାବାଲା; ବିଜ୍ଞାନ ଓ ଉଦ୍ୟୋଗର ବିକାଶକୁ ଆଗକୁ ବଢାଉଥିବା ଇଙ୍ଗ୍ଲଣ୍ଡ ଏଠାକୁ ଆସିଲା ଅଥବା ବହଶିୟାନା ଯାବତା ଫୌଜଦାରୀବାଲା,

ବର୍ବର ବ୍ୟବହାର କରିବାବାଲା ଓ ସାମନ୍ତବାଦୀ ଓ ପ୍ରତିକ୍ରିୟାବାଦୀ ଇଙ୍ଗ୍ଲିସ୍ତାନ ଆସିଲା ?" (ହିନ୍ଦୁସ୍ତାନ କୀ କାହାନୀ, ପୃଷ୍ଠା 333) - ଏହି ବ୍ୟବସାୟୀ ସ୍ପେନର ହୁଅନ୍ତୁ ବା ପର୍ତ୍ତୁଗାଲର, ଗୋଟେ ବଡ ପ୍ରଶ୍ନ ଉଠୁଛି ତ ? ଏହିପରି ସୃଷ୍ଟି ହୋଇଥିଲା କି ଅଳ୍ପ ସମୁଦାୟରୁ ଏକ ଅଲଗା ବର୍ଗ ରୂପନେଲା। ସେମାନେ ନିଜ କାମ ଇଂରାଜୀରେ କଲେ। ସେମାନଙ୍କୁ ସବୁ ସୁବିଧା ମିଳୁଥିଲା ଓ ସେମାନେ ଆଗକୁ ବଢୁଥିଲେ। ସନ୍ତୁଳନ ସ୍ଥିର ହୋଇପାରୁନଥିଲା। ବହୁସଂଖ୍ୟକ ଲୋକ ପଛରେ ପଡିଗଲେ।

ବିଦ୍ୟାଳୟ ସ୍ତରୀୟ ଶିକ୍ଷାରେ ହିନ୍ଦୀ ଓ ଇଂରାଜୀ ପରିଦୃଶ୍ୟ କିଛି ଅଲଗା ଭାବେ ସୃଷ୍ଟିହେଲା। ସେଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଇଂରାଜୀ ନଥିଲା। ଷଷ୍ଠରୁ ଇଂରାଜୀ ପାଠପଢା ଆରମ୍ଭ ହେଉଥିଲା। ଶିକ୍ଷକଙ୍କ ଇଂରାଜୀ ସମ୍ବନ୍ଧୀୟ ବ୍ୟାକରଣ ଓ ଜ୍ଞାନ ବହୁତ ଭଲ ଥିଲା, ତେବେ ସେମାନେ କହିପାରୁନଥିଲେ। ଯଦିଓ ଲିଖନରେ ସମସ୍ତଙ୍କ ଇଂରାଜୀ ବହୁତ ଭଲ ଥିଲା କିନ୍ତୁ କହିବାରେ ଶୈଳୀ ନଥିଲା। ଏଭଳି ସମୟରେ ଲୋକଙ୍କୁ ଦୁଇଟି ବର୍ଗରେ ବାଣ୍ଟି ଦିଆଯାଇଥିଲା- ଗୋଟିଏ ବର୍ଗରେ ଥିଲେ ଇଂରାଜୀରେ କାମ କରୁଥିବା ଲୋକ, ଆଉ ଅନ୍ୟ ବର୍ଗରେ ଥିଲେ ତାହାର ବିରୁଦ୍ଧାଚରଣ କରୁଥିବା ଲୋକେ ।

## ସନ 1987 ସମୟରେ

ଏବେ ଯଦି ସନ 1987 ସମୟକୁ ଆସିବା ତେବେ ଆମକୁ ମିଳିବ ସାମ୍ନାରେ ଇଲେକ୍ଟ୍ରିକ ଓ ନିୟୁ ମିଡିଆର ବିଶାଳ ଦୁନିଆ। ଏହି ଥିଲା ସଂଚାର କ୍ରାନ୍ତିର ସମୟ । ଗୋଟିଏ ଭିନ୍ନ ଦୁନିଆର ଅନୁଭବ ଆସିଲା । ଅର୍ଥାତ୍ ଏମିତି ଅନୁଭବ ହେଲା ଯେ ଇଂରାଜୀ ବିନା ଆମ ପିଲାଏ ପଛରେ ପଡିଯିବେ । ଗାଁରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଖୋଲିବାକୁ ଲାଗିଲା। ସମସ୍ତଙ୍କର ଧାରଣା ହେଲା ଇଂରାଜୀ ବିନା ସେମାନଙ୍କ ପିଲା ପଛରେ ରହିଯିବେ । ଏବେ ମଧ୍ୟ ସେହି ପରିସ୍ଥିତି ଚାଲୁ ରହିଛି । ଭୁଲ ହେଉ କି ଠିକ୍ ହେଉ, ସ୍ପଷ୍ଟଭାବେ ଇଂରାଜୀ କହୁଥିବା ଲୋକର ପ୍ରଭାବ ମଧ୍ୟ ପଡିବ ଆଉ କାମ ବି ମିଳିଯିବ । ଆଜି ଯେଉଁ ସମାଜ ଆମ ସାମ୍ନାରେ ଅଛି, ଯେଉଁ ଆର୍ଥିକ ଓ ସାମାଜିକ ସଂରଚନା ଠିଆହୋଇଛି ତାହା ଇଂରାଜୀର । ପ୍ରଶ୍ନ ଏଠି ଉଠୁଛି ଯେ ଏହା ପରେ କ'ଣ ହେବ ? ଏ ବିଷୟରେ କଣ ଆମେ କିଛି ଭାବିପାରିବା ନାଁ ଆଗକୁ ଦଉଡି ପଳାଇବା । ଏହା ଭାବିବା ବା ଏହାର ଅନୁସନ୍ଧାନ କରିବାକୁ କାହାରିକୁ ଫୁରସତ ନାହିଁ କି ପିଲାର ବୋଧଶକ୍ତିଟି କେଉଁ ଭାଷାରେ ହେବ ଉଚିତ୍ ସେ ସଂପର୍କରେ ଅବକାଶ ନାହିଁ । ଜୀବିକା ତ ଅନ୍ୟ ଭାଷା ମାଧ୍ୟମରେ ମିଳିପାରିବ କିନ୍ତୁ ବୋଧଶକ୍ତିର ବିକାଶ ତ ନିଜ ଭାଷାରେ ହିଁ ହୋଇଥାଏ । ଆମକୁ ଏହା ମଧ୍ୟ ଦେଖିବାକୁ ପଡିବ ଯେ ସ୍ୱାଧୀନତା ପରେ ଭାରତ କେତେ ବୈଜ୍ଞାନିକ, ଅର୍ଥଶାସ୍ତ୍ରୀ ବା ସମାଜଶାସ୍ତ୍ରୀ ଦେଇଛି । ଆରମ୍ଭ ସମୟରେ ନିଜ ଭାଷାରେ ଶିକ୍ଷା ନମିଳିବା ନିଶ୍ଚୟ ଏହାର କାରଣ ହୋଇପାରେ ।

## ପରିବର୍ତ୍ତନର ନୂଆ ଯୁଗରେ

ଏଠାରେ ଭାଷା ବିଷୟରେ ପୁଣି ପରିବର୍ତ୍ତନର ସମୟ ଆସୁଛି। ଫ୍ରାନ୍ସ, ଚୀନ, ରୁଷ, ଜାପାନ ଭାଷା ବିଷୟରେ ନୂତନ ଢଙ୍ଗରେ ଚିନ୍ତନ ଆରମ୍ଭ କରିଛନ୍ତି । ଏବେ ସେମାନେ ନିଜ ଭାଷାରେ କହିବା ପସନ୍ଦ କରିଛନ୍ତି। ତେବେ ଭାରତର ସ୍ଥିତିରେ କିଛିଟା ଫରକ ରହିଛି। ଆମେ ଏବେ ମଧ୍ୟ ହୀନମନ୍ୟତାର ଶିକାର। ନିଜ ଭାଷା ପ୍ରତି ସମାଜର ଚିନ୍ତନ ବହୁତ ସକାରାତ୍ମକ ନୁହେଁ । ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ଯେ ଆତ୍ମସମ୍ମାନ ହରାଇ ମଧ୍ୟ ଆମେ ଆମ ପିଲାଙ୍କୁ ଇଂରାଜୀରେ ପଢାଇବାକୁ ଚାହୁଁଛୁ ।

ଇଂରାଜୀ-ହିନ୍ଦୀ ସମ୍ବନ୍ଧକୁ ଆମେ ଏମିତି ଢଙ୍ଗରେ ଭାବିବା ଯେ ଦୁନିଆର କେତେକ ଦେଶ ନିଜ ଭାଷାକୁ ଜୀବିତ ରଖିବାକୁ ଯାଇ ଓ ତାହା ପ୍ରତି ସମ୍ମାନ ଦେବାକୁ ଯାଇ ଅନ୍ୟ ବୃହତ୍ ଦେଶଙ୍କ ସମକକ୍ଷ ହୋଇଛନ୍ତି, ଆଉ ବିକାଶ ମାର୍ଗରେ ଆଗକୁ ବଢିଛନ୍ତି। ଆମକୁ ଆମର ନିଜ ଲୋକଙ୍କୁ ବିଶ୍ୱାସ ଦେବାକୁ ହେବ ଯେ ନିଜ ଭାଷାର ସମ୍ମାନ ଦେବା ସହିତ ଅନ୍ୟ ଭାଷାକୁ ମଧ୍ୟ ସମ୍ମାନ ଦିଆଯାଇପାରିବ ।

ନିଜ ଭାଷାର ସମ୍ମାନରେ କେନିୟାର ପ୍ରତିଷ୍ଠିତ ଇଂରାଜୀ ଲେଖକ ଅଙ୍ଗୁଗୀ ଇଂରାଜୀରେ ଲେଖିବା ଛାଡି ନିଜ ଭାଷା କିକିୟୁକୁ ଆପଣେଇ ନେଇଛନ୍ତି । ପାବ୍ଲୋ ନେରୁଦାଙ୍କ ଇଚ୍ଛାଥିଲା କି ନିଜ ଭାଷାରେ ପଢିବା ପାଇଁ ବିଶ୍ୱବିଦ୍ୟାଳୟ ଖୋଲୁ । ଏହାସହିତ ଅନ୍ୟ ଭାଷା ବି ସ୍ଥାନିତ ହେଉ ।

## ଇଂରାଜୀ ବିକାଶର ଇତିହାସ

ଆମେ ଆହୁରିଧ୍ୟାନ ଦେବା ଉଚିତ ଯେ ଇଂରାଜୀ ଭାଷା ମଧ୍ୟ ଏକ ଲମ୍ବା ସଂଘର୍ଷ କଲାପରେ ଆଜି ଏ ସ୍ଥାନରେ ପହଞ୍ଚିଛି । ପ୍ରଥମେ ଇଂରାଜୀ ଇଂଲଣ୍ଡ ଓ ଆମେରିକାରେ କୁଲି, ଚାଷୀ ଆଉ ଶ୍ରମିକମାନଙ୍କ ଭାଷାଥିଲା ଏବଂ ସେକ୍ସପିଅର ମଧ୍ୟ ଏହି ଭାଷାର ଥିଲେ । ଅର୍ଥାତ ଇଂରାଜୀ କେବଳ ପ୍ରଭୁତ୍ୱର ଭାଷା ନୁହେଁ ।

ଯଦି ଏଇ ଭାଷାର ବିକାଶ ଉପରେ ଦୃଷ୍ଟି ଦେବା ତେବେ ପାଇବା ଯେ ଯେଉଁ ସଂଘର୍ଷ ଆମ ଭାଷା ଲଢୁଛି, ତାହା ମଧ୍ୟ ଇଂରାଜୀ ଭାଷା ଲଢିଛି । 16ଶ-17ଶ ଶତାବ୍ଦୀ ଯାଏ ଇଂରାଜୀ, ଜ୍ଞାନର ଭାଷା ହୋଇନଥିଲା। ନିଜର ଉଚିତ ସ୍ଥାନ ପାଇବା ପାଇଁ ତାକୁ ବହୁତ ସଂଘର୍ଷ କରିବାକୁ ପଡିଲା। ପରିସ୍ଥିତି ଏପରି ଥିଲା କି କେତେକ ସମ୍ଭ୍ରାନ୍ତ ସ୍କୁଲର ଚତୁଃସୀମାରେ କେହି ଇଂରାଜୀ କହିପାରୁନଥିଲେ। ଫ୍ରାନସିସ ବେକନ ଦୋସ୍ତି ବା ପ୍ରେମ ବିଷୟକ ଲେଖା ଇଂରାଜୀରେ ଲେଖିଲେ, ତେବେ ନ୍ୟାୟ ଦର୍ଶନ, ଗଣିତ ପୁସ୍ତକ ଜ୍ଞାନର କଥା ଲାଟିନରେ ହିଁ ଲେଖାଯାଇଥିଲା। ଇଂଲଣ୍ଡର ବୈଜ୍ଞାନିକ ଲାଟିନରେ ଲେଖୁଥିଲେ। ନିଉଟନଙ୍କ ମାତୃଭାଷା ଇଂରାଜୀ ଥିଲା ହେଲେ ସେ ନିଜର ମୁଖ୍ୟ ପୁସ୍ତକ ଲାଟିନରେ ହିଁ ଲେଖିଥିଲେ । ସେ ମଧ୍ୟ ସେହି ସମୟରେ ଲାଟିନର ବ୍ୟବହାର କରିଥିଲେ । ଯେତେବେଳେ ବୈଜ୍ଞାନିକ ନିମ୍ନ ବର୍ଗରୁ ଆସିବାକୁ ଲାଗିଲେ, ସେତେବେଳେ ଇଂରାଜୀରେ ଲେଖା ଆରମ୍ଭ ହେଲା ଏବଂ ଊନବିଂଶ ଶତାବ୍ଦୀ ବେଳକୁ ଇଂରାଜୀ ଛାଇ ହୋଇଗଲା । ଶିକ୍ଷାରେ ଇଂରାଜୀର ଶକ୍ତି ବଢିଗଲା। ଆଜି ଜ୍ଞାନର ସବୁଠାରୁ ବଡ ଭାଷା ହେଉଛି ଇଂରାଜୀ।

## ନୂଆ ଶବ୍ଦ ଗଢିବାର ମାଧ୍ୟମ

ଗୋଟିଏ ପଟେ ବିଶ୍ୱର ସବୁ ଭାଷା ଏକ ହେଉଛନ୍ତି । ଅନ୍ୟ ପଟେ ଭାଷା ଶାସ୍ତ୍ରୀମାନଙ୍କର ଚିନ୍ତା ଯେ ଭାଷାଗୁଡିକ ସୀମାଭିତରେ ଆବଦ୍ଧହୋଇ ରହୁନାହିଁ।

ବଜାର, ରସିଆନ, ଇଂରାଜୀ, ଜର୍ମାନୀ ଆଦି ସବୁ ଭାଷାକୁ ଏକାପରି କରିଦେଉଛି । ବାସ୍ତବିକ ଭାଷାଗୁଡିକ ଗୋଟିଏ ଅନ୍ୟ ସହିତ ସଂଘର୍ଷରେ ଆସି ତିଆରି ହୋଇଥାଏ । ହିନ୍ଦୀ ମଧ୍ୟ ବହୁ ଶବ୍ଦ ଇଂରାଜୀ ଓ ଅନ୍ୟ ଭାଷାରୁ ଅବିକଳ ଭାବେ ଗ୍ରହଣ କରିଛି । ତେବେ ପ୍ରତ୍ୟେକ ଭାଷାର ନିଜର ଏକ ଚରିତ୍ର ଥାଏ, ନିଜର ଏକ ସ୍ୱଭାବ ଥାଏ, ନିଜର ଏକ ଦୃଷ୍ଟିଭଙ୍ଗୀ ରହିଥାଏ । ସେହି ଭାଷା ଅନ୍ୟ ଭାଷାରୁ ସଂଘର୍ଷ କରି ନିଜସ୍ୱ ଢଙ୍ଗରେ ନୂଆ ଶବ୍ଦ ଗଢିଛି ।

ଯେମିତି ହିନ୍ଦୀ 'ଅଫିସର'ରୁ 'ଅଫସର' ତିଆରି କରିଛି, 'ରିପୋର୍ଟ'ରୁ 'ରପଟ', 'ସିମେଣ୍ଟ'ରୁ 'ସିଲମିଟ' କରିଛି; କିନ୍ତୁ ଆଜି ହିନ୍ଦୀରେ ଇଂରାଜୀ ସଂଘର୍ଷ କରିବାକୁ ଯାଇ ନୂଆ ଶବ୍ଦ ଗଠନର ଆତ୍ମବିଶ୍ୱାସ ନିରନ୍ତର କମ୍ ହୋଇଯାଉଛି । ଅଧିକାଂଶ ଇଂରାଜୀ ଶବ୍ଦକୁ ଅବିକଳ ଭାବେ ତାର ଉଚ୍ଚାରଣ ସହିତ ସ୍ୱୀକାର କରିବାର ଚାପ ଲଗାତର ବଢୁଛି । ଯେମିତିକି ହିନ୍ଦୀରେ 'କେନେଡା'କୁ 'କନାଡା' କୁହାଯାଏ, 'ଅଲିମ୍ପିକ୍ସ'କୁ 'ଅଲିମ୍ପିକ' କୁହାଯାଏ ବା ଚାଇନାକୁ 'ଚୀନ', 'ରଷିଆ'କୁ 'ରୁଷ' ଲେଖିବାର ଚଳଣି କମି ଯାଉଛି । ଆମେ ଏଇ ଶବ୍ଦକୁ ତାର ମୂଳ ଉଚ୍ଚାରଣ ସହିତ ରଖିବାର ଅଭ୍ୟସ୍ତ ହେଉଛୁ । ଏଇ ପ୍ରବୃତ୍ତି ଏ କଥାର ସଂକେତ ଦେଉଛି ଯେ ସାଂପ୍ରତିକ ସମୟରେ ହିନ୍ଦୀ ଏକ ଆତ୍ମହୀନତାର ଶିକାର ହୋଇଛି । ଏହାର ସମ୍ପର୍କ ସମାଜର ଶକ୍ତିଠାରୁ ଅଧିକ, ଭାଷାର ଶକ୍ତି ଠାରୁ କମ୍ । ଡାକ୍ତର ରାମ ମନୋହର ଲୋହିୟା ଭାଷା ଉପରେ ବହୁତ କାମ କରିଥିଲେ । ସେ କହୁଥିଲେ

> *ଭାଷା ଶବ୍ଦ ଓ ଅର୍ଥରରୁ ତିଆରି ହୁଏନା । ବରଂ ଶବ୍ଦ ଛବି ଗୁଡ଼ିକରୁ ହିଁ ଆସିଥାଏ। ଧରାଯାଉ ଆମେ ଯଦି 'କମଳ' ଶବ୍ଦକୁ ନବା, ତାହାଲେ ଆମ ସମସ୍ତଙ୍କ ଭିତରେ ଏକ ବିକଶିତ କମଳର ରୁଚି ଆସିଯିବ । ଯାହା 'କମଳ' ଶବ୍ଦ ଠାରୁ ଭିନ୍ନ ପ୍ରକାରର ଅଟେ । ଅର୍ଥାତ ଆମେ ସମସ୍ତେ କମଳକୁ ଯେଉଁ ରୂପରେ ଦେଖୁଛୁ ଆମ ପାଇଁ ତାହା ହିଁ କମଳ ଅଟେ। ଉଦାହରଣ ସ୍ୱରୂପ 'ବାଲକୋନୀରେ ଠିଆ ହୋଇଥିବା ଝିଅଟି ଉଦାସୀ ଅଟେ। ତେବେ ଆମ ସମସ୍ତଙ୍କ ଭିତରେ ଏକ ପ୍ରକାର ବାଲକୋନୀ ରୂପ ନେବ । ଆଜିର ପ୍ରତିଯୋଗିତାମୂଳକ ପରିସ୍ଥିତିରେ ଏଇ ଅର୍ଥ ଛବି ପାଇଁ ଅବକାଶ ରଖୁନାହିଁ।*
>
> *- ଏକ ପ୍ରତିଯୋଗୀ*

ଶବ୍ଦ ମାଜିବାରୁ ହିଁ ଆସିଥାଏ। ଶବ୍ଦକୁ ମାଜିବା ଉଚିତ । ଶବ୍ଦକୁ ମାଜିକରି ନୂଆ ଶବ୍ଦ ତିଆରି କରିବାର କୌଶଳ ହିନ୍ଦୀ ବା ଅନ୍ୟ ଭାଷାରେ ମଧ୍ୟ ଥିଲା । ତାହା ଧୀରେଧୀରେ ଇଂରାଜୀ ସାମ୍ନାରେ ପରାଜିତ ହେଉଛି। ଏହା ଏକ ବଡ ସଙ୍କଟ । ଇଂରାଜୀ ମଧ୍ୟ ହିନ୍ଦୀ ଠାରୁ ବହୁତ ଶବ୍ଦ ନେଇଛି ଆଉ ତାକୁ ନେଇ ନିଜସ୍ୱ ଢଙ୍ଗରେ ଗଢିବାର ପ୍ରଯତ୍ନ କରିଛି, ଅର୍ଥାତ ହିନ୍ଦୀ ଓ ଇଂରାଜୀ ମଧ୍ୟରେ ଆଦାନପ୍ରଦାନ ବଢି ଚାଲିଛି । ହିନ୍ଦୀ ବା ଯେକୌଣସି ଭାଷାରେ ପ୍ରତ୍ୟେକ ଭାଷାର ଶବ୍ଦକୁ ମୁକ୍ତ ବାୟୁ ପରି ନିର୍ବିଘ୍ନରେ ଆସିବାକୁ ଦେବା ଦରକାର । କିନ୍ତୁ ଆମେ ଏ ଦିଗରେ ମଧ୍ୟ ଧ୍ୟାନଦେବା ଉଚିତ ଯେ ହିନ୍ଦୀ ନିରନ୍ତର ନିଜ ଦରଜା ବନ୍ଦ କରିବାର ଚେଷ୍ଟା କରିଚାଲିଛି । ଏହାର ସାଂସ୍କୃତିକ ବା ଐତିହାସିକ କାରଣ ଥାଇପାରେ। ତେବେ ଆମେ ଏକଥା ବି ଚିନ୍ତା କରିବା କି ଯେଉଁ ଭାଷା ନିଜ ଦରଜା ଖୋଲା ରଖିଛନ୍ତି, ସେମାନେ ବିକଶିତ ହୋଇଛନ୍ତି । ଧ୍ୱନି, ବିଚାର, ଶବ୍ଦ ଓ ବାକ୍ୟ ସଂରଚନା ସ୍ତରରେ ଭାଷାଗୁଡିକର ନିରନ୍ତର ମିଳାମିଶା ଚାଲିଥାଏ।

ଭାଷା ଆମ ସମ୍ବନ୍ଧରୁ ହିଁ ତିଆରି ହୋଇଥାଏ। ଦେଶବିଦେଶରେ ଯେ କୌଣସି ସ୍ଥାନରେ ବି ଲୋକଙ୍କୁ ହତ୍ୟା କରାଯାଉଛି। ଯଦି ସେମାନଙ୍କ ସହିତ ଆମେ ସମ୍ବନ୍ଧ ରଖିବାନି ତେବେ ଆମର ଅଭିବ୍ୟକ୍ତି ଏଠି ସଂବେଦନହୀନ ହୋଇପଡିବ।

ଭାଷାର ପ୍ରସଙ୍ଗ ହେଉଛି ଏକ ବଡ ସାମାଜିକ ସଙ୍ଘର୍ଷର ପ୍ରସଙ୍ଗ । ଏଇ ସଂଘର୍ଷରେ ଭାଷା ହେଉଛି ଏକ ଜରୁରୀ ଅସ୍ତ୍ର । କିନ୍ତୁ ଏହି ବୃହତ୍ତର ସଂଘର୍ଷରେ ଆମେ ଭାଷାର ଅସ୍ମିତାକୁ ଚିହ୍ନିକରି ଇଂରାଜୀ ସହ ଆଲୋଚନାକରି ନୂଆ ଶବ୍ଦ ଗଢିବାର ପ୍ରୟାସ କରିବା। ଇଂରାଜୀର ଲେଖକମାନେ ମଧ୍ୟ ଏଇ କାମ କରିଛନ୍ତି।

ଗ୍ରାମାଞ୍ଚଳର ଭାଷାଗୁଡିକର ଶବ୍ଦ ଜରିଆରେ ଏକ ନୂତନ ସମ୍ଭାବନା ସୃଷ୍ଟି କରାଯାଇପାରେ । ହିନ୍ଦୀ ଗ୍ରାମାଞ୍ଚଳର ଭାଷା ଗୁଡିକରୁ ଯେତେମାତ୍ରାରେ ଅଲଗା ହେବାକୁ ଲାଗିଲା ସେତେ ମାତ୍ରାରେ ତାହା ଏକୁଟିଆ ହୋଇଗଲା। ନିଶ୍ଚିତ ରୂପେ ରାଗର, ସ୍ୱାଦର, ସମ୍ବନ୍ଧର, କୃଷି ଓ ବାଣିଜ୍ୟ ସମ୍ବନ୍ଧୀୟ ଯେତେଶବ୍ଦରେ ଆଞ୍ଚଳିକ ଅନୁଭବ ଭରି ରହିଛି, ସେତିକି ସହରୀ ଅନୁଭବରେ ନାହିଁ । ଉଦାହରଣ ସ୍ୱରୂପ `ଦର୍ଦ ସମ୍ବନ୍ଧୀୟ' ଏପରି ଅନେକ ଶବ୍ଦ ଭୋଜପୁରୀରେ ରହିଛି । ଯାହା ହିନ୍ଦୀରେ ନାହିଁ - ଦୁଖାତା, ବଥତା, ପୀଡାତା, ଟଭକତା, ଟସକତା ଇତ୍ୟାଦି। ସବୁ ଶବ୍ଦର ମଧ୍ୟ ଅଲଗା ଅଲଗା ଅର୍ଥରେ ବ୍ୟବହାର ରହିଛି । ଆମେ ହିନ୍ଦୀକୁ ଏକ ଭାଷିକ ସଂସ୍କୃତି ରୂପରେ ପରିଚିତ କରାଇବା ଆବଶ୍ୟକ । ଶବ୍ଦ ସହିତ ସଂଘର୍ଷ କରି ତା'ର ଶକ୍ତି ଫେରାଇ ଆଣିବାକୁ ହେବ। ଏଥିପାଇଁ ଇଂରାଜୀ ଶବ୍ଦ ସମକକ୍ଷ ନୂତନ ଶବ୍ଦ ଅନୁସନ୍ଧାନର ଭଲ ଉପାୟ ବିଷୟରେ ଚିନ୍ତା କରିବାକୁ ହେବ। ଏହିଭଳି ଭାଷାଗୁଡିକ ଭିତରେ ଶବ୍ଦର ଆଦାନ ପ୍ରଦାନ ଓ ବିଚାର ବିମର୍ଶର ରାସ୍ତା ବାହାର କରିବାକୁ ହେବ।

* * *

**ସମ୍ବାଦର ପ୍ରୟାସ**

*ସେକମୋଲ ଲଦାଖି ଭାଷାର ମାନକୀକରଣ ଦିଗରେ ପ୍ରୟାସ କରୁଛନ୍ତି । ଏଥିପାଇଁ ଲଦାଖି ଲିପରେ ଏକ ଖବର କାଗଜ 'ରେୱାଇ ଓଜର (Rewai odzer)' ଏବଂ ଏକ ପତ୍ରିକା ମେଲଙ୍ଗ (Melong) ବାହାର କରୁଛନ୍ତି। ଏହା ସହିତ ସେ ପିଲାଙ୍କ କାହାଣୀକୁ ଦୁଇଟି ଭାଷା ଇଂରାଜୀ ଓ ଲଦାଖୀରେ ପ୍ରକାଶ କରିବାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି ।*

*ଏହା ଛଡା ପ୍ରାଥମିକ ସ୍ତରର ଇ.ବି.ଏସ ପାଠ୍ୟ ପୁସ୍ତକ ଭାଷାର ବିକାଶ ସହିତ ଯୋଡି ହୋଇଛି। ଯଦ୍ୟପି ଏ ପାଠ୍ୟ ପୁସ୍ତକ ଇଂରାଜୀ ମାଧ୍ୟମରେ ହୋଇଛି ତଥାପି ଲାଦାଖି ଭାଷାର ଝଲକ ଦେଖିବାକୁ ମିଳିଛି । ଏମାନଙ୍କ ଯୋଜନା ହେଉଛି ଅଧ୍ୟାପକଙ୍କ ପାଇଁ ଏମାନଙ୍କ ଲଦାଖୀ ସଂସ୍କରଣ ମଧ୍ୟ ବାହାର କରାଯାଉ। ଏହିପରି ଧୀରେଧୀରେ ସ୍ଥାନୀୟ ଲଦାଖି ଭାଷାରେ ବହୁ ଜିନିଷ ଛପାହୋଇ ଆସିଯିବ, ସେତେବେଳେ ଲଦାଖି ଭାଷାରେ ପାଠ୍ୟପୁସ୍ତକର ଆସିବା ସମ୍ଭବ ହୋଇପାରିବ।*

*- ଭାରତୀୟ ଭାଷା ଶିକ୍ଷଣ, ଆଧାରପତ୍ର, 1.3, ପୃ 60*

6

# ପ୍ରସଙ୍ଗ ଓ ଆହ୍ୱାନ



- ଶିକ୍ଷକ ପ୍ରସ୍ତୁତି
- ସାମାଜିକ ପ୍ରସ୍ତୁତି
- ପ୍ରଶାସନିକ ପ୍ରସ୍ତୁତି

ବୋଧଶକ୍ତିର ମାଧ୍ୟମକୁ କ୍ରିୟାନ୍ୱିତ ରୂପ ଦେବା ପାଇଁ ଏକ ଦୀର୍ଘ ରାସ୍ତା ତିଆରି କରିବାକୁ ହେବ। ସ୍ୱାଧୀନତାର 75 ବର୍ଷ ପରେ ମଧ୍ୟ ଆମେ ଏହା ତିଆରି କରିପାରୁନାହେଁ । ଏହି ରାସ୍ତା ଏକୁଟିଆ ଜଣେ ଶିକ୍ଷକ, ଶିକ୍ଷା ପ୍ରଶାସନ ବା ଶିକ୍ଷାବିତ୍ କରିପାରିବେ ନାହିଁ। ଆମ ଆଗରେ ଅନେକ ପ୍ରସଙ୍ଗ ଓ ଆହ୍ୱାନ ରହିଛି ଯେଉଁଥିରେ ସମୁଦାୟ ଶିକ୍ଷକ ଓ ପ୍ରଶାସନର ଭୂମିକା ମହତ୍ତ୍ୱପୂର୍ଣ୍ଣ ହେବ ଏହା ବୁଝିବା ଅତ୍ୟନ୍ତ ଜରୁରୀ ।

### ଶିକ୍ଷକ ପ୍ରସ୍ତୁତି

ଦୀର୍ଘ ବ୍ୟବଧାନ ପରେ ନିଜ ଭାଷା ଆଡକୁ ଲେଉଟିବାର ଏହା ଏକ ଆରମ୍ଭ ମାତ୍ର । ଯେଉଁଥିରେ ସର୍ବପ୍ରଥମେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଶିକ୍ଷକର ରହିଛି, ଯିଏ ପିଲାର ପିତା-ମାତାଙ୍କ ପରେ ପିଲାଙ୍କ ସହିତ ସବୁଠାରୁ ଅଧିକ ସମୟ ବିତାଇଥାଏ । ଛୋଟ ପିଲାକୁ ସ୍କୁଲ ସହ ଯୋଡିବା ଓ ଶିକ୍ଷା ସହିତ ଯୋଡିବାର ଦାୟିତ୍ୱ ଶିକ୍ଷକ ଉପରେ ହିଁ ଅଛି । ସ୍କୁଲର ଭାଷା ଆଉ ଘରର ଭାଷା ମଧ୍ୟରେ ସମ୍ପର୍କ ଯୋଡିବା କାମ ମଧ୍ୟ ଶିକ୍ଷକ କରିଥାଏ। ଏହି ଦୂରତ୍ୱକୁ ସେତିକିବେଳେ ନିଶ୍ଚୟ କରାଯାଇପାରିବ, ଯେତେବେଳେ ଶିକ୍ଷା ପିଲାର ଭାଷାରେ ଦିଆଯିବ। ଏଥିପାଇଁ ଶିକ୍ଷକଙ୍କ ପ୍ରଶିକ୍ଷିତ ହେବା ଅତ୍ୟନ୍ତ ଜରୁରୀ। ରାଷ୍ଟ୍ରୀୟ ପାଠ୍ୟଚର୍ଚ୍ଚା ରୂପରେଖା-2005 ଏପରି ସୁପାରିସ କରିଛି ଯେ ଆଦିବାସୀ କ୍ଷେତ୍ରରେ ଯେଉଁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ସେଠାରେ ସେମାନଙ୍କୁ ସ୍ଥାନୀୟ ଭାଷା ଶିଖାଯିବା ଆବଶ୍ୟକ । ଶିକ୍ଷକଙ୍କୁ ସେଠାକାର ସ୍ଥାନୀୟ ଭାଷାରେ ଶିକ୍ଷାଦେବା ପାଇଁ ତାଙ୍କୁ ସ୍ୱାୟତତ୍ତା ଦେବାକୁ ପଡିବ । ଶ୍ରେଣୀରେ ବହୁଭାଷିକ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ସଂସାଧନ ରୂପେ ବ୍ୟବହାର କରିବା ବି ସ୍ୱାୟତତ୍ତା ସହିତ ଯୋଡିହୋଇ ରହିଛି।

- ଆମ ଦେଶରେ ବହୁତ ପ୍ରକାର ବୋଲି ଓ ଭାଷା ରହିଛି। ପିଲାଙ୍କ ଭାଷାରେ ଆମର ଏଠି ଏବେ ମଧ୍ୟ ପୁସ୍ତକ ଉପଲବ୍ଧ ନୁହେଁ । ସମ୍ବିଧାନରେ 22ଟି ଭାଷା ସ୍ୱୀକୃତ ହୋଇଅଛି । ସମସ୍ୟା ହେଉଛି ଯେ ଏଇ 22 ଭାଷାରେ ଆମର ଏଠାରେ ପୁସ୍ତକ ଉପଲବ୍ଧ ନୁହେଁ । ଏହାର ଦାୟିତ୍ୱ ଶିକ୍ଷକ ଓ ସରକାର ଦୁହିଁଙ୍କ ଉପରେ ଅଛି । ଯଦି ସରକାର ନିଜ ଦାୟିତ୍ୱ ନିର୍ବାହରେ ଅସଫଳ ହୋଇଯାନ୍ତି ତେବେ ଶିକ୍ଷକଙ୍କ ଦାୟିତ୍ୱ ହେଉଛି ଯେ ସେହି ପିଲାଙ୍କୁ ସେମାନଙ୍କର ଭାଷାରେ ଶିକ୍ଷାପ୍ରଦାନ କରିବା। ଏନ.ସି.ଏଫ-2005 ଶିକ୍ଷକଙ୍କୁ ଏହି ସ୍ୱାୟତତ୍ତାର ସୁପାରିସ କରୁଛି।
- ଶ୍ରେଣୀରେ ପିଲାଙ୍କୁ ପଢାଇବା ସମୟରେ ଶିକ୍ଷକଙ୍କୁ ଅନୁଭବ ଆଧାର ଉପରେ ପାଠ୍ୟ ସାମଗ୍ରୀ ତିଆରି କରିବାର ବ୍ୟବସ୍ଥା କରିବାକୁ ହେବ । ପିଲାଙ୍କ ଶ୍ରେଣୀର ଆବଶ୍ୟକତା ଅନୁସାରେ ଏହା ବିକଶିତ ହୋଇଥିବାରୁ ଏକ ଉତ୍ତମ ପାଠ୍ୟ ସାମଗ୍ରୀ ହୋଇପାରିବ।
- ଶିକ୍ଷାର୍ଥୀ ଓ ଶିକ୍ଷକ ଆସିଥିବା ସ୍ଥାନର ସାମାଜିକ ବାତାବରଣ/ପ୍ରସଙ୍ଗ ଦ୍ୱାରା ହିଁ ଜ୍ଞାନ ବହୁତ ପ୍ରଭାବିତ ହୋଇଥାଏ । ସ୍କୁଲ ଓ ଶ୍ରେଣୀର ସାମାଜିକ ବାତାବରଣ ଶିଖିବାର ପ୍ରକ୍ରିୟା ଏ ପର୍ଯ୍ୟନ୍ତ ବି ସଂପୂର୍ଣ୍ଣ ଶିକ୍ଷା ପ୍ରକ୍ରିୟା ଉପରେ ପ୍ରଭାବ ପକାଉଛି । ଏହାକୁ ଧ୍ୟାନରେ ରଖି ବିଦ୍ୟାର୍ଥୀର ମନୋବୈଜ୍ଞାନିକ ବିଶିଷ୍ଟତାର

> *ମାତୃଭାଷା ଶିକ୍ଷାଦ୍ୱାରା ଶ୍ରେଣୀରେ ପଠନକୁ ସମୃଦ୍ଧ କରିବାରେ ସୁବିଧା ହେବ । ଶିକ୍ଷାର୍ଥୀଙ୍କ ପାଇଁ ଅଧିକରୁ ଅଧିକ ପ୍ରତିଯୋଗିତା ହେବ ଓ ଖୁବ ଭଲ ପରିଣାମ ବାହାରିବ । ଏହି ଉଦ୍ଦେଶ୍ୟ ପାଇଁ ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ କରାଯିବା ଦରକାର । ମାତୃଭାଷାରେ ଶିକ୍ଷାପ୍ରତି ସକାରାତ୍ମକ ଦୃଷ୍ଟିକୋଣ ସୁନିଶ୍ଚିତ କରାଯିବା ଉଚିତ । ଯାହା ଦ୍ୱାରା ଶିକ୍ଷାର୍ଥୀ ସେହି ମାଧ୍ୟମକୁ ଆପଣାର କରିବାରେ ସଙ୍କୋଚ କରିବନି ଏବଂ ତାହାକୁ ସେ ସହଜରେ ବୁଝିପାରିବ।*
> *-ଭାରତୀୟ ଭାଷା ଶିକ୍ଷଣ, ରାଷ୍ଟ୍ରୀୟ ଫୋକସ୍ ସମୂହ ଆଧାରପତ୍ର, 1.3., ପୃ 15*

ଜାଗାରେ ତାର ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଅଧିକ ଜୋର ଦେବାର ଆବଶ୍ୟକତା ରହିଛି। ଏଥିରେ ବୋଧଶକ୍ତିର ଭାଷାର ଭୂମିକାକୁ ଚିହ୍ନଟ କରିବାକୁ ହେବ।

- ଶିକ୍ଷକଙ୍କୁ ଭାଷାର ବ୍ୟାପକ ବୋଧଜ୍ଞାନ ଜଣାଥିବା ଆବଶ୍ୟକ।
- ପ୍ରାଥମିକ ସ୍ତରରେ ପିଲାଙ୍କ ଭାଷାକୁ ବିନା ସଂଶୋଧନରେ ଯଥାନୁରୂପ ସ୍ୱୀକାର କରିବା ଉଚିତ । ଚତୁର୍ଥ ଶ୍ରେଣୀ ପରେ ଯଦି ସମୃଦ୍ଧ ଆଉ ରୁଚିକର ସୁଯୋଗ ଦିଆଯାଏ, ତେବେ ପିଲାମାନେ ନିଜ ଭାଷାର ମାନକ ରୂପକୁ ଗ୍ରହଣ କରି ନେଇଥାନ୍ତି । କିନ୍ତୁ ଏହି ପ୍ରକ୍ରିୟା ଛଡା ପିଲାର ଘରୋଇ ଭାଷା ପ୍ରତି ଉଚିତ ସମ୍ମାନ ଭାବ ରହିବା ଆବଶ୍ୟକ । ଏହା ସ୍ୱୀକାର କରାଯାଏ କି ଭୁଲ, ଧୀଶକ୍ତିର ଅଂଶ ହୋଇଥାଏ ଏବଂ ପିଲା ଏହାର ସମକକ୍ଷ ହୋଲେ ହିଁ ସେ ସ୍ୱୟଂ ସେଥିରେ ସଂଶୋଧନ କରିନିଏ । ଭୁଲ ଓ ନ୍ୟୂନତା ଉପରେ ଧ୍ୟାନ ଦେବା ବଦଳରେ ଅଧିକ ସମୟ ପିଲାଙ୍କ ବିସ୍ତୃତ, ରୁଚିକର ଓ ଆହ୍ୱାନମୂଳକ ନିବେଶ ପ୍ରତି ଧ୍ୟାନ ଦିଆଯିବା ଉଚିତ ।
- ଶିଖିବା କେଉଁ ପ୍ରକାର ହୋଇଥାଏ, ଅଧ୍ୟାପକଙ୍କ ଭିତରେ ଏହାର ଜ୍ଞାନ ରହିବା ଦରକାର ଯାହାଦ୍ୱାରା ସମାନେ ତାହାର ଅନୁକୂଳ ପରିବେଶ ସୃଷ୍ଟି କରିପାରିବେ ।
- ବଞ୍ଚିତ ହୋଇଥିବା ପିଲା ଓ ବିଭିନ୍ନ ଅକ୍ଷମ ପିଲାଙ୍କ ଆବଶ୍ୟକତା ସହିତ ସବୁ ପିଲାଙ୍କ ଶିଖିବାର ଆବଶ୍ୟକତାକୁ ବୁଝିପାରିବ ।
- ଅନ୍ୟ ଭାଷାର ଶିକ୍ଷଣର ଶୈଳୀପ୍ରତି ମଧ୍ୟ ଶିକ୍ଷକଙ୍କୁ ବିଶେଷ ଧ୍ୟାନ ଦେବାକୁ ହେବ।
- ପଢାଇବାର ଏପରି ଯଥାର୍ଥ ପ୍ରସ୍ତୁତି ହେବା ଦରକାର ଯାହା ବ୍ୟାବହାରିକ ଆଉ ସିଦ୍ଧାନ୍ତଯୁକ୍ତ ମଧ୍ୟ ହୋଇଥବ।
- ବହୁଭାଷିକତାକୁ ସଂସାଧନ ରୂପେ କେମିତି ବ୍ୟବହାର କରାଯିବ ଏହାର ପ୍ରଶିକ୍ଷଣ କରାଯିବା ଆବଶ୍ୟକ ।
- ସାଥିରେ ଏହା ମଧ୍ୟ ଜଣାଇଦେବା ଉଚିତ ଯେ ବହୁଭାଷିକତାର ସୀମା କ'ଣ ?
- ଶିକ୍ଷକଙ୍କୁ ନିରନ୍ତର ପିଲାଙ୍କ ଅଭିଭାବକଙ୍କ ସହିତ ସମ୍ପର୍କ ରଖିବାକୁ ହେବ।
- ସେବାପୂର୍ବ ଓ ସେବାରତ ପ୍ରଶିକ୍ଷଣ କାର୍ଯ୍ୟରେ ଏପରି ବିଷୟ(ବୋଧଶକ୍ତିର ଭାଷା, ବହୁଭାଷିକତା, ଭାଷାରେ ସମ୍ବାଦ ଓ ଭାଷାର ସ୍ଥିତି)କୁ ସାମିଲ କରାଯିବା ବିଧେୟ ।
- କେବଳ ଲେଖିବା ଉପରେ ଜୋର ନୁହେଁ ବରଂ ବିଦ୍ୟାଳୟରେ ପିଲାଙ୍କ କହିବା-ଶୁଣିବା ଉପରେ ମଧ୍ୟ ଜୋର ଦିଆଯିବା ଆବଶ୍ୟକ ।

### ସାମାଜିକ ପ୍ରସ୍ତୁତି

- ଆଜି ପ୍ରତିଟି ସମୁଦାୟ ନିଜ ପିଲାଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷିତ କରିବାକୁ ଚାହୁଁଛନ୍ତି। ସେମାନଙ୍କୁ ବୁଝାଇବାକୁ ହେବ ଯେ ଇଂରାଜୀ ମାଧ୍ୟମରେ ପଢୁଥିବା ପିଲା ମାତୃଭାଷାରେ ଶିକ୍ଷିତ ପିଲା ତୁଳନାରେ କମ୍ ସର୍ଜନାତ୍ମକ ହେବ । ସେ ସ୍କୁଲ ଶିକ୍ଷାକୁ ନିଜ ଜୀବନ ସହ ଯୋଡି ଆଉ ସମୁଦାୟର ବାସ୍ତବିକତା ସହ ତାରତମ୍ୟ ରଖିବାରେ ସକ୍ଷମ ହେବ ନାହିଁ । ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଣାଳୀ ତା ପାଇଁ ଘୋଷଣ ବିଦ୍ୟା ହୋଇ ରହିଯିବ । ଏହା ସମୁଦାୟର ପ୍ରତିନିଧି ଲୋକଙ୍କ ଦାୟିତ୍ୱ (ଯେମିତି ଗ୍ରାମ ପଞ୍ଚାୟତ) ହେବା ଆବଶ୍ୟକ। ସେମାନଙ୍କୁ ବୁଝାଇବାକୁ ହେବ ଯେ ପିଲାଙ୍କ ମାତୃଭାଷାରେ ଶିକ୍ଷା ତାକୁ ରଚନାତ୍ମକ ହେବା ସହିତ ଆତ୍ମବିଶ୍ୱାସରେ ପୂର୍ଣ୍ଣ ଓ ସମର୍ଥବାନ କରାଇଥାଏ।

*ନିଜ ଭାଷାରେ ପଢ଼ିକରି .........*
*ରାଜସ୍ଥାନ ରାଜସେବା ପରୀକ୍ଷାରେ ହିନ୍ଦୀ ମାଧ୍ୟମରେ ପ୍ରଥମ ଚେଷ୍ଟାରେ ହିଁ ଟପର ଶ୍ରେଣୀ(2007ରେ ତୃତୀୟ ସ୍ଥାନ)ରେ ଉଚ୍ଚସ୍ଥାନ ପାଇ ସଫଳହୋଇ ଜିତେନ୍ଦ୍ର କୁମାର ସୋନି ଏକ ଅତ୍ୟନ୍ତ ଗୌରାବପୂର୍ଣ୍ଣ ଉପଲବ୍ଧି ଅର୍ଜନ କରିଛନ୍ତି। "ପ୍ରଶ୍ନ- ଆପଣଙ୍କ ଅନୁସାରେ ଏ ପରୀକ୍ଷାରେ ହିନ୍ଦୀ ମାଧ୍ୟମକୁ ନେଇ ପ୍ରସ୍ତୁତି ଏବଂ ସଫଳତା ପ୍ରାପ୍ତ କରିବା ବିଷୟରେ ବିଚାର କଣ ?*
*ସୋନି- ମାଧ୍ୟମ ମୋ ବିଚାରରେ କୌଣସି ଫରକ ପକାଉନାହିଁ । ଯେଉଁ ମାଧ୍ୟମରେ ଆମେ ନିଜ ଉଦ୍ଗାର ଓ ବୋଧଜ୍ଞାନକୁ ପ୍ରଭାବଶାଳୀ ଢଙ୍ଗରେ ବ୍ୟକ୍ତ କରିପାରିବା, ସେହି ମାଧ୍ୟମ ଆମ ପାଇଁ ଉପଯୋଗୀ ଓ ଉଚିତ ମଧ୍ୟ । ପରିସ୍ଥିତି ଏପରି ହୋଇଛି, ପରିଣାମ ହିନ୍ଦୀ ପ୍ରତି ପୂର୍ବାଗ୍ରହକୁ ଭାଙ୍ଗିବା ନଜର ଆସୁଛି।"*
*-ପ୍ରତିଯୋଗିତା ଦର୍ପଣ/ ଜାନୁଆରୀ 2010,ପୃଷ୍ଠା 46-48*

- ସମାଜ ସାମ୍ନାରେ ମାଧ୍ୟମ ଭାଷାରେ ପଢାଇବାକୁ ନେଇ ମୁଖ୍ୟତଃ ଦୁଇଟି ସମସ୍ୟା ରହିଛି। ଏକ ବୃତ୍ତିଗତ ସମସ୍ୟା ଓ ଅନ୍ୟଟି ସାମାଜିକ ପ୍ରତିଷ୍ଠା ବା ମାନ ସମ୍ମାନ। ଏଇ ଦୁଇ ସମସ୍ୟାର ସମାଧାନ ପାଇଁ ଏକ ବଡ ସାମାଜିକ ପ୍ରସ୍ତୁତିର ଆବଶ୍ୟକତା ଅନୁଭବ କରାଯାଏ, ଯେଉଁଥିରେ ମିଡିଆର ବଡ ଭୂମିକା ରହିପାରେ। ସମାଜରେ ବିଭିନ୍ନ ସମୁଦାୟ ଓ ଅଭିଭାବକଙ୍କ ସହିତ ଯୋଡିହୋଇ ବିଶ୍ୱାସ ଦେବାକୁ ହେବ ଯେ ଇଂରାଜୀ ଭାଷା ପଢାଇବାର ଏକମାତ୍ର ମାଧ୍ୟମ ନୁହେଁ।
- ଏଥିପାଇଁ ବିଭିନ୍ନ କ୍ଷେତ୍ରର ମାତୃଭାଷା ମାଧ୍ୟମରେ ପଢିକରି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଓ ସଫଳତା ହାସଲ କରିବାର ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କ ସାକ୍ଷାତକାର ଓ ଅନୁଭବକୁ ମିଡିଆ (ପ୍ରିଣ୍ଟ ଇଲେକ୍ଟ୍ରୋନିକ, ପଥପ୍ରାନ୍ତ ନାଟକ ଆଦି) ମାଧ୍ୟମ ଦ୍ୱାରା ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ ।
- ନିଜ ଭାଷାରେ ପଢିକରି ପାଣ୍ଡିତ୍ୟ ହାସଲ କରିଥିବା ଯୁବକମାନଙ୍କ ସହିତ କଥାବାର୍ତ୍ତା ଓ ଅନୁଭବକୁ ମିଡିଆ ମାଧ୍ୟମରେ ଅଭିଭାବକ ଯାଏଁ ପହଞ୍ଚାଯିବା ଆବଶ୍ୟକ । ତେବେ ଯାଇ ଏ ଭ୍ରମ(ଇଂରାଜୀ ହିଁ ସଫଳତାର ଚାବିକାଠି)କୁ ଦୂର କରାଯାଇପାରିବ ।
- କିଛି ଏଭଳି ବିଦ୍ୟାଳୟର ଉଦାହରଣ ସାମ୍ନାରେ ରଖାଯାଇପାରେ ଯିଏ ମାତୃଭାଷାରେ ଶିକ୍ଷା ଦେଇ ଉତ୍ତମ ମହତ୍ତ୍ୱପୂର୍ଣ୍ଣ ଲୋକଙ୍କୁ ତିଆରି କରିଛି । ଯେମିତି ନେତର ହାଟ୍ ବିଦ୍ୟାଳୟ, ସର୍ଦାର ପଟେଲ ବିଦ୍ୟାଳୟ। ଏଥିରେ ସରକାରୀ ସ୍କୁଲକୁ ବିଶେଷରୂପେ ସ୍ଥାନିତ କରାଯାଇଛି ।
- ଏଇ ସାମାଜିକ ପ୍ରସ୍ତୁତିରେ ଅଧ୍ୟାପକଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ । ଅଧ୍ୟାପକ ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କୁ ନେଇ ଏପରି ବୈଠକ ଆୟୋଜିତ କରିବେ ଯେଉଁଥିରେ ମାତୃଭାଷାର ମହତ୍ତ୍ୱକୁ ନମୁନାତ୍ମକ ଅଧ୍ୟୟନ ମାଧ୍ୟମରେ ବୁଝାଯାଇପାରିବ ।

### *ରୋଜଗାରର ଆହ୍ୱାନ-1*

*ଆଜି ବଜାରର ଭାଷା ହେଉଛି ଇଂରାଜୀ। କେବଳ ଭାଷା ଜ୍ଞାନ ଆଧାରରେ ଇଂରାଜୀ ଜାଣିଥିବା ପ୍ରାର୍ଥୀ ରୋଜଗାର ଶୀଘ୍ର ପ୍ରାପ୍ତ କରିଥାଏ। ଯେତେବେଳେ ଦେଶୀ ଭାଷା ଜାଣିଥିବା କୁଶଳୀ ପ୍ରାର୍ଥୀ ରୋଜଗାର ଦଉଡରେ ପଛରେ ପଡିଯାଏ। ତେବେ କାହିଁକି ? ଆଜି ଏଠାରେ ବାହାରର ବହୁରାଷ୍ଟ୍ରୀୟ କମ୍ପାନୀ ଆଦିରେ ବୋଧଜ୍ଞାନ ମାଧ୍ୟମ ହେଉଛି ଇଂରାଜୀ। ରୋଜଗାର ପାଇଁ ବୁଝାଇବାର ମାଧ୍ୟମ ଦିଗରେ ସରକାରଙ୍କୁ ଭାବିବାକୁ ପଡିବ ଏବଂ ନିଜର କେତେକ ନୀତିରେ ପରିବର୍ତ୍ତନ ଆଣିବାକୁ ହେବ। ଯଦ୍ୟପି ଆଜି ପୁ ରା ବିଶ୍ୱରେ ମାନ୍ଦା ସମୟ ଚାଲିଛି । ଏହା ଲୋକଙ୍କ ଭିତରେ ଏ ପ୍ରକାର ବୋଧଜ୍ଞାନ ସୃଷ୍ଟି କରୁଛି ଯେ କେବଳ ଇଂରାଜୀ ପଢିକରି ରୋଜଗାର କରାଯାଇନପାରେ । ସେମାନଙ୍କୁ ରୋଜଗାରର ସମ୍ଭାବନା ଦେଶୀ ଭାଷାରେ ଦେଖିବାକୁ ହେବ । ଏ ବିଶ୍ୱାସରେ ପରିବର୍ତ୍ତନର ଆହ୍ୱାନ ସରକାରଙ୍କ ସାମ୍ନାରେ।*

*-ଏକ ପ୍ରତିଯୋଗୀ*

- ରୋଜଗାର ସମ୍ବନ୍ଧୀୟ ସମସ୍ୟାକୁ ମୁକାବିଲା ପାଇଁ ଉଦ୍ୟୋଗ କାର୍ଯ୍ୟରେ ନିଜ ଭାଷାର ମହତ୍ତ୍ୱ ଉପରେ ବିଭିନ୍ନ ରୋଜଗାର ବା କ୍ଷେତ୍ରରେ ମାତୃଭାଷା ଶିକ୍ଷାର ଉପଯୋଗ (ଯେପରି ଡାକ୍ତର, ଆଇ. ଏ.ଏସ. ଇତ୍ୟାଦି)କୁ ଧ୍ୟାନରେ ରଖି କାହାଣୀ ମାଧ୍ୟମରେ ପଥପ୍ରାନ୍ତ ନାଟକ ଆଦି ଲେଖା ଯାଇ ଯାଗାଯାଗା (ଗାଁ ଓ ସହରର ସ୍କୁଲରେ ) ଅଭିନୀତ ମଧ୍ୟ ହେବା ଉଚିତ । ଏଥିରେ କେତେକ ଏନ.ଜି.ଓର ସହାୟତା ମଧ୍ୟ ନିଆଯାଇପାରେ ।
- ସ୍କୁଲ ଶିକ୍ଷକ ଯଦି ନିଜ ଦାୟିତ୍ୱ ନିର୍ବାହରେ ଅସମର୍ଥ ହୁଅନ୍ତି, ପିଲାଙ୍କୁ ସେମାନଙ୍କ ମାତୃଭାଷାରେ
- ଶିକ୍ଷା ମିଳିପାରେ ନାହିଁ, ଶିକ୍ଷାପାଇଁ ମୌଳିକ ସୁବିଧା ମିଳିପାରେ ନାହିଁ । ଏଭଳି ପରିସ୍ଥିତିରେ ସେଠାରେ ବିଦ୍ୟାଳୟ ପ୍ରଶାସନ ଅର୍ଥାତ୍ ବିଦ୍ୟାଳୟ ଶିକ୍ଷକଙ୍କ ଦାୟିତ୍ୱ ହେଉଛି ଶିକ୍ଷକମାନଙ୍କୁ ପିଲାର ମାତୃଭାଷାରେ ଶିକ୍ଷା କରିବା ପାଇଁ ଉତ୍ସାହିତ କରିବା। ଏଥିପାଇଁ ସେ ସେଠାକାର ସମୁଦାୟର ସହାୟତା ମଧ୍ୟ ନେଇପାରନ୍ତି। ପିଲାଙ୍କ ଜ୍ଞାନ ଲାଭ ପାଇଁ ପ୍ରଧାନ ଶିକ୍ଷକ, ପିଲା ଶିକ୍ଷକ ଏବଂ ସମୁଦାୟ ମଧ୍ୟରେ ଏକ ସେତୁ ଭଳି କାମ କରନ୍ତି। ଏ କାମ ପାଇଁ ନିଜ ପ୍ରଶାସନିକ ନୀତିକୁ କୋହଳ କରାଯାଇପାରେ।

## ପ୍ରଶାସନିକ ପ୍ରସ୍ତୁତି

- ଠିକ ଢଙ୍ଗରେ ଗାଁ ଗାଁ ଓ ପିଲାପିଲାଙ୍କ ପର୍ଯ୍ୟନ୍ତ ଶିକ୍ଷା ପହଞ୍ଚାଇବା ପାଇଁ ରାଜ୍ୟସ୍ତରରେ ଆମକୁ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତି କରିବାକୁ ପଡିବ । ଶିକ୍ଷା ହେଉଛି ରାଜ୍ୟ ଓ କେନ୍ଦ୍ରର ମିଳିତ ଦାୟିତ୍ୱ। ମାତୃଭାଷାରେ ଶିକ୍ଷା ଦେବାପାଇଁ ରାଜ୍ୟକୁ ପ୍ରତିଟି ସ୍ତରରେ ଅର୍ଥାତ ସମୁଦାୟ ପ୍ରଶାସନ, ବିଦ୍ୟାଳୟ ପ୍ରଶାସନ, ଶିକ୍ଷକ ଇତ୍ୟାଦି ସମସ୍ତଙ୍କ ଭିତରେ ତାଳମେଳ ରଖି ପୂର୍ଣ୍ଣ ମାତ୍ରାରେ ପ୍ରସ୍ତୁତି କରିବାକୁ ହେବ।
- ଏହି ପ୍ରସ୍ତୁତିରେ କେନ୍ଦ୍ରର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ । ରାଜ୍ୟ ସହ ତାଳମେଳ ରଖିବା ମଧ୍ୟ କେନ୍ଦ୍ରର ଦାୟିତ୍ୱ । ଏଥିପାଇଁ ଶିକ୍ଷକ, ସମୁଦାୟ, ଅଭିଭାବକ ଇତ୍ୟାଦିଙ୍କୁ ସମସ୍ତଙ୍କ ସହିତ, ସେମିନାର, ପରିଚର୍ଚ୍ଚା, ଆଳାପ, କର୍ମଶାଳା ଆଦି କରିବାକୁ ହେବ । ଏହାପରେ ଏଇ ପ୍ରସ୍ତୁତିକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ରାଜ୍ୟସହ ମିଶି ଶିକ୍ଷକ ଓ ପ୍ରଶିକ୍ଷକ ତିଆରି କରିବାକୁ ହେବ ଯାହାଦ୍ୱାରା ପିଲାଙ୍କୁ ନିଜ ଭାଷାରେ କହିବା, ଲେଖିବା, ପଢିବା ଆଉ ଆଳାପ କରିବାର ଅବସର ମିଳିବ।
- ଏବେ ଶିକ୍ଷା ଅଧିକାର କାନୁନ ମଧ୍ୟ ପାସ୍ ହୋଇଯାଇଛି । ଏଥିରେ ଅଧିନସ୍ଥ ବିଦ୍ୟାଳୟ ସମିତିକୁ କିଛି ଅଧିକାର ଦେବାର ବ୍ୟବସ୍ଥା ରହିଛି । ବିଦ୍ୟାଳୟ ପ୍ରବନ୍ଧ ସମିତି ଦ୍ୱାରା ସମୁଦାୟ ଭାଗୀଦାରୀକୁ ମଧ୍ୟ ସୁନିଶ୍ଚିତ କରିବାକୁ ହେବ । ରାଷ୍ଟ୍ରୀୟ ପାଠ୍ୟଚର୍ଚ୍ଚା ରୂପରେଖା- 2005 କହୁଛି ଏପରି କରିବା ଦ୍ୱାରା ବିଦ୍ୟାଳୟ ପ୍ରଶାସନ ଅଧିକ ନମନୀୟ ହୋଇପାରିବ । ସେମାନେ ସ୍ଥାନୀୟ ସ୍ତରରେ ପାଠ୍ୟ ସାମଗ୍ରୀ ତିଆରି କରିବାରେ ଭୂମିକା ନିର୍ବାହ କରିପାରିବେ । ଏହା ଉପରେ ମଧ୍ୟ ବିଚାର କରାଯିବା ଉଚିତ । ଏହା ଏକ ବହୁତ ଭଲ ସିଦ୍ଧାନ୍ତ ହୋଇପାରେ ।

> ***ଉଚ୍ଚ ଶିକ୍ଷା: ଏକ ଆହ୍ୱାନ***
>
> *ଯେତେବେଳେ ପିଲା ମାତୃଭାଷା ଶେଷକରି ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟରେ ପହଞ୍ଚେ, ସେତେବେଳେ ପ୍ରଶ୍ନ ଉଠେ ତାହାର ମାତୃଭାଷାରେ ଶିକ୍ଷାଦେବା ପାଇଁ ବିଶ୍ୱବିଦ୍ୟାଳୟ ପାଖରେ ସୁବିଧା ଅଛି ତ? ଯଦି ଏଥିପାଇଁ ସୁବିଧା ନାହିଁ, ତେବେ କଣ ପିଲାକୁ ନିଜ ମାତୃଭାଷାରେ ପରୀକ୍ଷା ଦେବାର ଅଧିକାର ଅଛି ? ଯଦି ରହିଛି, ତେବେ ତାଙ୍କ ପରୀକ୍ଷା ଖାତାର ମୂଲ୍ୟାୟନ ଇଂରାଜୀ ମାଧ୍ୟମ ପିଲାଙ୍କ ସହିତ ସମାନ ହେବ ତ? ସେ କ'ଣ ତା'ର ପି.ଏଚ.ଡି ର ଗବେଷଣା ପ୍ରବନ୍ଧ ନିଜ ମାତୃଭାଷାରେ ଲେଖିପାରିବ ? ଉଚ୍ଚ ଶିକ୍ଷାରେ ବୋଧଶକ୍ତିର ମାଧ୍ୟମ ଜନିତ ସମସ୍ୟା ଆମ ପାଇଁ, ବିଶ୍ୱବିଦ୍ୟାଳୟ ପାଇଁ ଏବଂ ଦେଶ ପାଇଁ ମଧ୍ୟ ସବୁଠାରୁ ବଡ ଆହ୍ୱାନ।*
>
> *- ଏକ ପ୍ରତିଯୋଗୀ*

- ଶିକ୍ଷା ଅଧିକାର ଆଇନ ଲାଗୁହେବାପରେ ଲକ୍ଷ ଲକ୍ଷ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି କରିବା ଆବଶ୍ୟକ ହବ

। ଏତେ ସଂଖ୍ୟାରେ ଶିକ୍ଷକ ଆସିବା ଦ୍ୱାରା ସେମାନଙ୍କ ପାଇଁ ପ୍ରଶିକ୍ଷଣ ସଂସ୍ଥାନ ମଧ୍ୟ ଖୋଲିବାକୁ ହେବ । ଏହା ଉପରେ ବିଚାର ମଧ୍ୟ ଆବଶ୍ୟକ ।

- ପିଲାଙ୍କ ଭାଷାରେ ପୁସ୍ତକ ଉପଲବ୍ଧି ହେବା ଉପରେ କାର୍ଯ୍ୟଯୋଜନା ତିଆରି କରିବାକୁ ହେବ।
- ଏ ସମ୍ବନ୍ଧରେ ରାଜ୍ୟ ସରକାର ଏବଂ ଶିକ୍ଷକଙ୍କର ବହୁତ ବଡ ଦାୟିତ୍ୱ ଆସୁଛି । ସମ୍ଭବତଃ ପିଲାଙ୍କ ପାଇଁ ତାଙ୍କ ଭାଷାରେ ପାଠ୍ୟ ପୁସ୍ତକ ତିଆରି ପାଇଁ ଦୀର୍ଘ ସମୟ ଲାଗିପାରେ ।  ଏହି ଦୀର୍ଘ ସମୟ ମଧ୍ୟରେ ରାଜ୍ୟ ସରକାର ଏବଂ ଶିକ୍ଷକଙ୍କୁ ଏ ବିଷୟରେ ଆଲୋଚନା ଜାରି ରଖିବାକୁ ହେବ। ଏହା ଉପରେ କେନ୍ଦ୍ର ସରକାରଙ୍କର କୌଣସି ଆପତ୍ତି ମଧ୍ୟ ନାହିଁ। ମୂଳତଃ: ଏହା ହେଉଛି ରାଜନୈତିକ ଏବଂ ପ୍ରଶାସନିକ ନିର୍ଣ୍ଣୟ ।
- ଆମର ଏଠାରେ ବହୁତ ଭାଷା ରହିଛି । ତେଣୁ ପିଲାଙ୍କ ପାଇଁ ତିଆରି କରାଯାଉଥିବା ପାଠ୍ୟ ସାମଗ୍ରୀରେ ଆମକୁ ସେହି ସବୁ ଭାଷାର ଲୋକ କଥା, ଲୋକଗୀତ ଓ ଲୋକକଳା ଆଦିକୁ ସାମିଲ କରିବାକୁ ହେବ । ପ୍ରତ୍ୟେକ ଭାଷାର ଶ୍ରେଷ୍ଠ ଲେଖକ ଆମ ଦେଶରେ ବହୁତ ଅଛନ୍ତି। ଏମାନଙ୍କ ସହାୟତାରେ ପାଠ୍ୟ ସାମଗ୍ରୀ ତିଆରି କରାଯାଇପାରେ।
- ବୁଝିବାର ଭାଷାକୁ ନଜରରେ ରଖି କାର୍ଯ୍ୟରତ ଅଧ୍ୟାପକ-ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଧାରିତ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ହେବ ।
- ଭାଷା ସମ୍ବନ୍ଧୀୟ ଗବେଷଣାରେ ନିଜ ଭାଷା ଆଉ ହିନ୍ଦୀରେ ଅଧିକ ଭଲ ଗବେଷଣା କରିବାର ଆବଶ୍ୟକତା ରହିବ।
- ହିନ୍ଦୀ ଓ ଅନ୍ୟ ଭାରତୀୟ ଭାଷାରେ ମୌଳିକ ରୂପେ ବିଜ୍ଞାନ, ସମାଜବିଜ୍ଞାନ ଓ କଳା ଆଦିର ପୁସ୍ତକ ଲେଖିବା ଉପରେ ଜୋର ଦେବା କଥା। ଏଥିପାଇଁ ବିଶ୍ୱବିଦ୍ୟାଳୟ ମାନଙ୍କ ସହିତ ମଧ୍ୟ ସମ୍ପର୍କ କରାଯିବା ଉଚିତ ।
- ସନ୍ଦର୍ଭ ପୁସ୍ତକ/ ପାଠ୍ୟ ପୁସ୍ତକର ଇଂରାଜୀରୁ ହିନ୍ଦୀ ଓ ଅନ୍ୟ ଭାରତୀୟ ଭାଷାକୁ ଅନୁବାଦ କରାଯାଉ ଏବଂ ଦ୍ୱିଭାଷୀ ତଥା ବହୁଭାଷୀ ଶବ୍ଦକୋଷକୁ ମଧ୍ୟ ତିଆରି କରାଯାଉ।
- ପ୍ରଥମରୁ ପଞ୍ଚମ ଯାଏଁ ଶ୍ରେଣୀରେ କ୍ରମଶଃ କିଛି ବିଷୟ ପିଲାଙ୍କ ଭାଷାରେ ପଢିବା-ପଢାଇବା ଉପରେ ଜୋର ଦିଆଯାଉ । ଏଥିପାଇଁ ସେମାନଙ୍କ ବୋଧଶକ୍ତିକୁ ଦୃଢ ଆଧାର ଦେବାକୁ କିଛି ପ୍ରାଇଭେଟ୍ ସ୍କୁଲ ସହିତ ଆଲୋଚନା କରାଯିବା ଉଚିତ ।
- ବିଶ୍ୱବିଦ୍ୟାଳୟ ସହିତ ମିଶି ଭାଷା, ସମାଜବିଜ୍ଞାନ, ବିଜ୍ଞାନ ଆଦି ଶିକ୍ଷଣ ସମ୍ବନ୍ଧୀୟ ପାଠ୍ୟକ୍ରମ ଚଲାଇବା ଉପରେ ବିଚାର କରାଯିବା ଉଚିତ । ଏହି ପାଠ୍ୟକ୍ରମରେ ନିଜ ଭାଷାରେ ବିଷୟର ବୋଧଜ୍ଞାନର ମହତ୍ତ୍ୱ ଉପରେ ବିଶେଷ ଜୋର ଦିଆଯିବା ଆବଶ୍ୟକ।

## ରୋଜଗାରର ଆହ୍ବାନ-2

*ଦିଲ୍ଲୀର ଉତ୍ତର ପଶ୍ଚିମ ଜିଲ୍ଲାରେ ଏସିଆର ସବୁଠାରୁ ବଡ ପରିବା ବଜାର ଆଜାଦପୁରର ଠିକ ଆଗରେ ଥିବା ସଡକ ଉପରେ ଏକ ବୃହତ୍ ଥଇଥାନ ହୋଇଥିବା ବସ୍ତି- ଜାହାଙ୍ଗୀରପୁରୀ। ଏଠାରେ ରହୁଥିବା ପ୍ରାୟ ପ୍ରତ୍ୟେକ ବାସିନ୍ଦାଙ୍କ ବ୍ୟବହାରରେ ବାଦଶାହ ଜାହାଙ୍ଗୀରଙ୍କ ବାଦଶାହୀ ମିଜାଜର ଝଲକ ଦେଖିବାକୁ ମିଳେ। ବସ୍ତିର ଗୋଟିଏ ପ୍ରାନ୍ତରେ ଶୁଷ୍କ ଢିପ ଉପରେ ଭଲଖା ହ୍ରଦ ଥିବାବେଳେ ଅନ୍ୟପଟେ ଆଉ କେତେକ ହ୍ରଦ ରହିଛି । ଏଥିରେ ସେହି ବସ୍ତିର ଲୋକ ଜୀବନ ଭରିଦିଅନ୍ତି । ସେହି ବସ୍ତିର ପ୍ରାଦୌଗିକ ପ୍ରଶିକ୍ଷଣ ସଂସ୍ଥାନ (ଆଇ.ଟି.ଆଇ) ଅଛି ଯେଉଁଠି ପ୍ଲମବିଙ୍ଗ, ସ୍ୱାଇନିଙ୍ଗ, ଡାଇଙ୍ଗ, ଫିଟର, ପ୍ରିଣ୍ଟିଙ୍ଗ ଆଦି ବ୍ୟାବସାୟିକ କୌଶଳ ଉପରେ ତାଲିମ୍ ଦିଆଯାଇଥାଏ । କଥା ହେଉଛି ଏହି ବସ୍ତିର କଡରେ ବସିଥିବା 'ଅଯୋଧ୍ୟା ଟେକ୍ସଟାଇଲ' ଓ ଆଇ.ଟି.ଆଇ ମଧ୍ୟରେ ନିବିଡ ସମ୍ପର୍କ ଅଛି।*

*ଏଇ ମିଲରେ କପଡା ତିଆରି ସହିତ ସେଥିରେ ଛାପା କାମ ମଧ୍ୟ ହେଉଥିଲା। ଏଇ କାମ ସହିତ ପ୍ରଶିକ୍ଷଣ ସମ୍ବନ୍ଧିତ ପାଠ୍ୟକ୍ରମ ଆଇ.ଟି.ଆଇରେ ମଧ୍ୟ ଥିଲା। ହେଲେ ଆଶ୍ଚର୍ଯ୍ୟର କଥା ହେଲା ଏଠାରୁ ଶିକ୍ଷା ପାଉଥିବା ନବୀନ ଯୁବକଙ୍କୁ ଏଇ ମିଲରେ କାମ କରିବାକୁ ଦିଆଯାଉନଥିଲା ଆଉ ଅଶିକ୍ଷିତ ଲୋକଙ୍କୁ ରଖିଦିଆଯାଉଥିଲା। ସମସ୍ତଙ୍କ ମନରେ ଗୋଟିଏ ବିଚାର କୁହୁଳୁଥିଲା ଯେ ବୋଧେ ପ୍ରଶିକ୍ଷିତ ମୂଲିଆଙ୍କୁ ଅଧିକ ବେତନ ଦେବାକୁ ପଡିବ, ତେଣୁ ତାଙ୍କୁ କାମରେ ରଖାଯାଉନଥିଲା। କିନ୍ତୁ ଆଇ.ଟି.ଆଇ ଶିକ୍ଷକ ଓ ପ୍ରଶିକ୍ଷଣ ନେଉଥିବା ବିଦ୍ୟାର୍ଥୀଙ୍କ ସହିତ ଯେତେବେଳେ ମିଲର ମୁଲିଆଙ୍କର ଆଲୋଚନା ହେଲା, ଏ କଥାଟି ଜଣାପଡିଲା। ସଂସ୍ଥାରେ ଏ ପୁରା ଘଟଣାଟିକୁ ଇଂରାଜୀ ବ୍ୟତୀତ ମାନକ ହିନ୍ଦୀରେ ଜଣାଇ ଦିଆଯାଉଥିଲା । ମିଲର ପୁରୁଣା ମୁଲିଆ ଦେଶଜ ଶବ୍ଦାବଳୀ ବ୍ୟବହାର କରୁଥିଲେ । ଏଣୁ ସଂସ୍ଥାରୁ ପ୍ରଶିକ୍ଷଣ ନେଇ ବାହାରୁଥିବା ଯୁବକମାନେ ମୁଲିଆଙ୍କ ଦେଶଜ ଶବ୍ଦକୁ ବୁଝିପାରୁନଥିଲେ।*

*ଅନ୍ତତଃ କାର୍ଯ୍ୟଧାରା ସହ ଜଡିତ ଦେଶଜ କୌଶଳରେ ଶବ୍ଦାବଳୀକୁ ପାଠ୍ୟକ୍ରମ ସହ ଯୋଡି ଦିଆଯାଇଛି । କେବଳ ଗୋଟିଏ ପାଠ୍ୟକ୍ରମରେ ନୁହେଁ ଆହୁରି ପାଠ୍ୟକ୍ରମରେ ମଧ୍ୟ ଏ ପ୍ରକାର ଚେଷ୍ଟା କରାଯାଇଛି ଏବଂ ଲୋକଙ୍କୁ ସ୍ଥାନୀୟ ମିଲରେ କାମ ମିଳିବା ଏବେ ଆଉ ମୁସ୍କିଲ ହୋଇ ରହିନାହିଁ।*

*-ଏକ ପ୍ରତିଯୋଗୀ*

# ପରିଶିଷ୍ଟ

## ରାଜ୍ୟଗୁଡିକରେ ବିଭିନ୍ନ ସ୍ତରରେ ମାଧ୍ୟମ ଭାଷା

| କ୍ରମ | ରାଜ୍ୟ | ପ୍ରାଥମିକ | ମାଧ୍ୟମିକ | ଉଚ୍ଚତର ମାଧ୍ୟମିକ |
|---|---|---|---|---|
| 1 | ଆନ୍ଧ୍ରପ୍ରଦେଶ | ତେଲୁଗୁ, ଉର୍ଦ୍ଦୁ, ଓଡିଆ, ହିନ୍ଦୀ, ମରାଠୀ, କନ୍ନଡ, ତାମିଲ | ତେଲୁଗୁ, ଉର୍ଦ୍ଦୁ, ଇଂରାଜୀ, ହିନ୍ଦୀ, ଓଡିଆ, ମରାଠୀ, କନ୍ନଡ, ତାମିଲ | ତେଲୁଗୁ, ଓଡ଼ିଆ, ଉର୍ଦ୍ଦୁ, ଇଂରାଜୀ,ହିନ୍ଦୀ, ମରାଠୀ, କନ୍ନଡ, ତାମିଲ |
| 2 | ଅରୁଣାଚଳ ପ୍ରଦେଶ | ଇଂରାଜୀ,ହିନ୍ଦୀ | ଇଂରାଜୀ | ଇଂରାଜୀ |
| 3 | ଆସାମ | ଅସମୀୟା, ବଙ୍ଗଳା, ବୋଡୋ, ଇଂରାଜୀ | ଅସମୀୟା, ବଙ୍ଗଳା, ବୋଡୋ, ଇଂରାଜୀ, ହିନ୍ଦୀ, ଅନ୍ୟ | ଅସମୀୟା, ବଙ୍ଗଳା, ବୋଡୋ, ଇଂରାଜୀ, ହିନ୍ଦୀ, ଅନ୍ୟ |
| 4 | ବିହାର | ହିନ୍ଦୀ,ଉର୍ଦ୍ଦୁ, ସଂସ୍କୃତ, ଇଂରାଜୀ | ହିନ୍ଦୀ,ଉର୍ଦ୍ଦୁ, ସଂସ୍କୃତ, ଇଂରାଜୀ | ହିନ୍ଦୀ,ଉର୍ଦ୍ଦୁ,ସଂସ୍କୃତ, ଇଂରାଜୀ, ଅନ୍ୟ |
| 5 | ଛତିଶଗଡ | ହିନ୍ଦୀ,ଅନ୍ୟ | ହିନ୍ଦୀ,ଅନ୍ୟ | ହିନ୍ଦୀ,ଇଂରାଜୀ |
| 6 | ଗୁଜୁରାଟ | ଗୁଜୁରାଟି | ଇଂରାଜୀ, ଗୁଜୁରାଟି, ହିନ୍ଦୀ | ଇଂରାଜୀ, ଗୁଜୁରାଟି, ହିନ୍ଦୀ |
| 7 | ଗୋଆ | ଇଂରାଜୀ, କୋଙ୍କଣୀ, ମରାଠୀ, ଉର୍ଦ୍ଦୁ, କନ୍ନଡ | ଇଂରାଜୀ, ମରାଠୀ | ଇଂରାଜୀ, ମରାଠୀ |
| 8 | ହିମାଚଳପ୍ରଦେଶ | ଇଂରାଜୀ, ହିନ୍ଦୀ | ଇଂରାଜୀ, ହିନ୍ଦୀ | ଇଂରାଜୀ, ହିନ୍ଦୀ |
| 9 | ହରିୟାନା | ଇଂରାଜୀ, ହିନ୍ଦୀ | ଇଂରାଜୀ, ହିନ୍ଦୀ, ସଂସ୍କୃତ | ଇଂରାଜୀ, ହିନ୍ଦୀ, ସଂସ୍କୃତ |
| 10 | ଜାମ୍ମୁ ଓ କାଶ୍ମୀର | ଡୋଗରୀ, ଇଂରାଜୀ, ହିନ୍ଦୀ, କାଶ୍ମୀରୀ, ହିନ୍ଦୁ | ଡୋଗରୀ, ଇଂରାଜୀ, ହିନ୍ଦୀ, କାଶ୍ମୀରୀ, ହିନ୍ଦୁ | ଡୋଗରୀ, ଇଂରାଜୀ ,ହିନ୍ଦୀ, କାଶ୍ମୀରୀ |
| 23 | ସିକିମ | ଇଂରାଜୀ | ଇଂରାଜୀ | ଇଂରାଜୀ |
| 24 | ତ୍ରିପୁରା | ବଙ୍ଗଳା, କୋକ, ବୋରୋକ, ଇଂରାଜୀ | ବଙ୍ଗଳା, ଇଂରାଜୀ | ବଙ୍ଗଳା, ଇଂରାଜୀ |
| 25 | ତାମିଲନାଡୁ | ଇଂରାଜୀ, ତାମିଲ | ତାମିଲ, ତେଲୁଗୁ, ମାଲୟାଲମ, ଉର୍ଦ୍ଦୁ, କନ୍ନଡ | ତାମିଲ, ତେଲୁଗୁ, ମାଲୟାଲମ, ଉର୍ଦ୍ଦୁ, କନ୍ନଡ |
| 26 | ଉତ୍ତରାଖଣ୍ଡ | ହିନ୍ଦୀ | ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ | ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ |
| 27 | ଉତ୍ତରପ୍ରଦେଶ | ହିନ୍ଦୀ | ଇଂରାଜୀ, ହିନ୍ଦୀ, ସଂସ୍କୃତ | ଇଂରାଜୀ, ହିନ୍ଦୀ, ସଂସ୍କୃତ |
| 28 | ପଶ୍ଚିମବଙ୍ଗ | ବଙ୍ଗଳା | ବଙ୍ଗଳା, ହିନ୍ଦୀ, ଓଡିଆ, ତାମିଲ, ଉର୍ଦ୍ଦୁ, ଇଂରାଜୀ, ତେଲୁଗୁ, ଗୁଜୁରାଟି, ତିବ୍ବତୀୟ, ନେପାଳୀ | ବଙ୍ଗଳା, ହିନ୍ଦୀ, ଓଡିଆ, ତାମିଲ, ଉର୍ଦ୍ଦୁ, ଇଂରାଜୀ, ତେଲୁଗୁ, ଗୁଜୁରାଟି, ତିବ୍ବତୀୟ, ନେପାଳୀ |

| | | | | |
|---|---|---|---|---|
| 29 | ଆଣ୍ଡାମାନ ଓ ନିକୋବର | ବଙ୍ଗଳା, ଇଂରାଜୀ, ହିନ୍ଦୀ, ତାମିଲ, ତେଲୁଗୁ | ବଙ୍ଗଳା, ଇଂରାଜୀ, ହିନ୍ଦୀ, ତାମିଲ, ତେଲୁଗୁ | ବଙ୍ଗଳା, ଇଂରାଜୀ, ହିନ୍ଦୀ, ତାମିଲ, ତେଲୁଗୁ |
| 30 | ଚଣ୍ଡୀଗଡ଼ | ଇଂରାଜୀ, ହିନ୍ଦୀ, ପଞ୍ଜାବୀ | ଇଂରାଜୀ, ହିନ୍ଦୀ, ପଞ୍ଜାବୀ | ଇଂରାଜୀ, ହିନ୍ଦୀ, ପଞ୍ଜାବୀ |
| 31 | ଦାଦର ଓ ନଗର ହାବେଲୀ | ଇଂରାଜୀ, ଗୁଜରାଟି, ହିନ୍ଦୀ, ମରାଠୀ | ଇଂରାଜୀ, ଗୁଜରାଟି, ହିନ୍ଦୀ, ମରାଠୀ, ସଂସ୍କୃତ | ଇଂରାଜୀ, ଗୁଜରାଟି, ହିନ୍ଦୀ, ମରାଠୀ, ସଂସ୍କୃତ |
| 32 | ଡାମନ ଓ ଡିଉ | ଗୁଜୁରାଟି, ଇଂରାଜୀ | ଗୁଜୁରାଟି, ଇଂରାଜୀ | ଗୁଜୁରାଟି, ଇଂରାଜୀ |
| 33 | ଦିଲ୍ଲୀ | ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ | ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ | ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ |
| 34 | ଲାକ୍ଷାଦୀପ | ମାଲୟାଲମ | ଇଂରାଜୀ, ମାଲୟାଲମ | ଇଂରାଜୀ, ମାଲୟାଲମ |
| 35 | ପୁଡୁଚେରୀ | ଇଂରାଜୀ, ତାମିଲ | ଇଂରାଜୀ, ତାମିଲ | ଇଂରାଜୀ, ତାମିଲ |

ଖୁସିର କଥା ଯେ ବର୍ତ୍ତମାନ ସମୟରେ ବହୁ ଆଦିବାସୀ ଅଞ୍ଚଳର ଭାଷା ମାଧ୍ୟମ ଭାଷାରୂପେ ପ୍ରଯୁକ୍ତ ହେବାରେ ଲାଗିଛି ଏବଂ ଏହିସବୁ ଭାଷାର ପ୍ରାଥମିକ ସ୍ତରରେ ସାମଗ୍ରୀ ମଧ୍ୟ ତିଆରି ହେଲାଣି । ଭବିଷ୍ୟତରେ ଆହୁରି ବହୁ ସଂଖ୍ୟାକ ଭାରତୀୟ ଭାଷା (ଆଦିବାସୀ ଅଞ୍ଚଳର ଭାଷା ସହିତ) ମାଧ୍ୟମ ଭାଷାରୂପେ ପ୍ରୟୋଗ କରାଯାଆନ୍ତୁ, ଏହି ହିଁ ପୁସ୍ତିକାର ଉଦ୍ଦେଶ୍ୟ ।

# ସନ୍ଦର୍ଭ


- ଶିକ୍ଷା ଆୟୋଗ ରିପୋର୍ଟ, 1964-66, ଶିକ୍ଷା ମନ୍ତ୍ରଣାଳୟ, 1966
- ରାଷ୍ଟ୍ରୀୟ ଶିକ୍ଷାନୀତି 1968, ଶିକ୍ଷା ମନ୍ତ୍ରଣାଳୟ
- କ୍ରିୟାନ୍ୱୟନ କାର୍ଯ୍ୟକ୍ରମ 992 (ରାଷ୍ଟ୍ରୀୟ ଶିକ୍ଷାନୀତି, 1986), ଶିକ୍ଷାବିଭାଗ, ଶିକ୍ଷା ମନ୍ତ୍ରଣାଳୟ
- ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟା ରୂପରେଖ ସ୍କୁଲଶିକ୍ଷା 2000, ଏନ୍.ସି.ଇ.ଆର୍.ଟି
- ରାଷ୍ଟ୍ରୀୟ ପାଠ୍ୟଚର୍ଯ୍ୟା ରୂପରେଖ 2005, ଏନ୍.ସି.ଇ.ଆର୍.ଟି
- ଭାରତୀୟ ଭାଷା ଶିକ୍ଷା, ଆଧାର ପତ୍ର 1.3, 2006, ଏନ୍.ସି.ଇ.ଆର୍.ଟି
- ପଟ୍ଟନାୟକ, ଡି.ପି. 1986, ଷ୍ଟଡ଼ି ଅଫ୍ ଲାଙ୍ଗୁଏଜ୍ ରିପୋର୍ଟ, ନୂଆଦିଲ୍ଲୀ, ଏନ୍.ସି.ଇ.ଆର୍.ଟି
- ଭାରତୀୟ ଭାଷା ଶିକ୍ଷଣ, ଆଧାର ପତ୍ର 1.3, 2006, ଏନ୍.ସି.ଇ.ଆର୍.ଟି
- ଗାନ୍ଧୀ, ଏମ୍. କେ., ହିନ୍ଦସ୍ୱରାଜ, ଭାରତୀୟ ମତ, 1909
- ପିଲାଙ୍କ ମୁକ୍ତ ଓ ଅନିବାର୍ଯ୍ୟ ଶିକ୍ଷା ଅଧିକାର ଅଧିନିୟମ, 2009, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ (ବିଧାନ ବିଭାଗ), ଭାରତ ସରକାର
- ଚମସ୍କି. ଏନ୍., 1959, ରିଭିଉ ଅଫ୍ ସ୍କିନର୍ସ ଭର୍ବାଲ୍ ବିହେଭିୟର୍, ଲାଙ୍ଗୁଏଜ୍ 35.1:26-58
- ଗୋଗୋସ୍କି,ଏଲ୍. ଏସ୍, 1978, ମାଇଣ୍ଡ୍ ଇନ୍ ସୋସାଇଟି : ଦି ଡେଭେଲପମେଣ୍ଟ୍ ଅଫ୍ ହାୟର୍ ସାଇକୋଲଜିକାଲ୍ ପ୍ରୋସେସ୍, କେମ୍ବ୍ରିଜ୍, ମାସ: ହାଭାର୍ଡ ଇଉନିଭର୍ସିଟି ପ୍ରେସ୍
- କୁପର୍. କେ (2009), ଲାଙ୍ଗୁଏଜ୍: ଆୱାର୍ ମିଡିୟମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ, ଜର୍ନାଲ୍ ଅଫ୍ ଇଣ୍ଡିଆନ୍ ଏଜୁକେଶନ୍, ଭଲ୍ୟୁମ୍ XXXV, ନମ୍ବର୍ .1, ନୂଆଦିଲ୍ଲୀ, ଏନ୍.ସି.ଇ.ଆର୍.ଟି (ISSN:0972-5628)
- କପୁର୍. କେ, ଇ.ଏଲ୍.ଟି ଆଣ୍ଡ୍ ସୋସାଲ୍ ଜଷ୍ଟିସ୍ ଇନ୍ ମଲ୍ଟି-ଲିଙ୍ଗୁଆଲ୍ କ୍ଲାସରୁମ୍, ବେବିଲୋନୀୟା, ଟେମା 1, 2021, ପୃ-24
- ଭାରତୀୟ ଭାଷା ଶିକ୍ଷଣ, ଆଧାର ପତ୍ର 1.3, 2006, ଏନ୍.ସି.ଇ.ଆର୍.ଟି
- ହୋଲ୍ଟ୍, ଜନ୍, ଶିକ୍ଷା କି ବିଜାୟ, ନିୟୁ ଭାଲେଣ୍ଟାଇନ୍ ବୁକ୍ସ, 1974
- ଇଂରାଜୀ ଶିକ୍ଷଣ, ଆଧାର ପତ୍ର 1.4, 2006, ଏନ୍.ସି.ଇ.ଆର୍.ଟି
- ପ୍ରଭୁ, ଏନ୍. ଏସ୍ .1987, ସେକେଣ୍ଡ୍ ଲାଙ୍ଗୁଏଜ୍ ପେଡାଗଜି, ଅକ୍ସଫୋର୍ଡ୍: ନିଉଅର୍କ: ଅକ୍ସଫୋର୍ଡ୍ ଇଉନିଭର୍ସିଟି ପ୍ରେସ୍
- ଡୋବେରା.ଏସ୍. 2005, ଇଲେକ୍ଟିସିଜିମ୍ ଇନ୍ ମେଥଡୋଲଜି. ଏମ୍.ଏସ୍, ଏନ୍ ଏଫ୍ ଜି. ଇଂଲିଶ୍
- ଫେଲିକ୍ସ ପଲ୍. 1998 ଲର୍ଣ୍ଣିଂ ଟୁ ରିଡ୍ ଇଂଗ୍ଲିଶ୍: ଦି ମିକ୍ସଡ୍ କୋଡ ୱେ. ବିବିୟନ ବେରି ଏଣ୍ଡ ଆର୍ଥର୍ ଏମ୍. ସି ନେଲ୍ (ସମ୍ପାଦନା) ପଲିସି ଏଣ୍ଡ ପ୍ରାକ୍ଟିସ୍ ଇନ୍ ଲାଙ୍ଗୁଏଜ୍ ଏଜୁକେଶନ୍। ହଙ୍ଗ୍-କଙ୍ଗ୍; ଡିପାର୍ଟମେଣ୍ଟ ଅଫ୍ କରିକୁଲମ୍ ଷ୍ଟଡ଼ିଜ୍, ଇଉନିଭର୍ସିଟି ଅଫ୍ ହଙ୍ଗ୍-କଙ୍ଗ୍, ପୃ.175-193
- ୱେଷ୍ଟ, ମାଇକେଲ. 1941. ଲର୍ଣ୍ଣିଂ ଟୁ ରିଡ଼ ଏ ଫରେନ ଲାଙ୍ଗୁଏଜ୍ ଲଙ୍ଗମେନ: ୟୁକେ (ଲର୍ଣ୍ଣିଂ ଟୁ ରିଡ଼ ଏ ଫରେନ ଲାଙ୍ଗୁଏଜ୍ ଆଣ୍ଡ ଅଦର ଏସେଜ ଅନ ଲାଙ୍ଗୁଏଜ୍ ଟିଚିଙ୍ଗ (ନିଉ ଏଡ) ଲଣ୍ଡନ, ନ୍ୟୁଅର୍କ, ଲଙ୍ଗମେନ, ଗ୍ରୀନ (1955)
- ମାଥ୍-ମେଜିକ, ପୁସ୍ତକ2, ଶ୍ରେଣୀ 2 ପାଇଁ ଗଣିତ ପାଠ୍ୟପୁସ୍ତକ, ଏନ୍.ସି.ଇ.ଆର୍.ଟି, 2007
- ଲୁକିଙ୍ଗ୍ ଆରାଉଣ୍ଡ, ଏନଭରମେଣ୍ଟ ଷ୍ଟଡ଼ିଜ, ଶ୍ରେଣୀ 3 ପାଇଁ ପାଠ୍ୟପୁସ୍ତକ, ଏନ୍.ସି.ଇ.ଆର୍.ଟି, 2006
- ବିତାନ, ଭାଗ-1, ହିନ୍ଦୀରେ ଏକାଦଶ ଶ୍ରେଣୀ ପାଇଁ ସପ୍ଲିମେଣ୍ଟାରି ରିଡର, ଏନ୍.ସି.ଇ.ଆର୍.ଟି, 2006
- ହରିଜନ, 9-7, 38, ପୃ. ସଂ.177, ମହାତ୍ମା ଗାନ୍ଧୀ କେ ଚୟନିତ କାର୍ଯ୍ୟ (ପଞ୍ଚମ ଖଣ୍ଡ) ଦି ଭଏସ୍ ଅଫ୍ ଟ୍ରୁଥ୍ (କମ୍ପ୍ଲିଟ ବୁକ ଅନଲାଇନ୍, ଭାଗ-II) ଖଣ୍ଡ XI: ରିଡ୍ ଏ ବେସିକ ଏଜୁକେଶନ ଏଣ୍ଡ ଷ୍ଟୁଡେଣ୍ଟ ବେସିକ ଏଜୁକେଶନ

# ଟିପ୍ପଣୀ

ବିଦ୍ୟାର୍ଥୀଙ୍କୁ ସବୁ ତାଲିମ୍ କେନ୍ଦ୍ରୀୟ ଭାଷା (ମାତୃଭାଷା)ଦ୍ୱାରା ଦିଆଯିବା ଉଚିତ।

*-ନଈ ତାଲିମ୍, ମହାତ୍ମା ଗାନ୍ଧୀ*

ଶିକ୍ଷାରେ ମାତୃଭାଷା ଶିଶୁ ପାଇଁ ମା'ର ଦୁଧସହ ସମାନ। ଯେତେଦିନ ଯାଏଁ ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରାଯାଇନି ସେତେଦିନ ଯାଏଁ ଶିକ୍ଷାର ସାର୍ବଭୌମୀକରଣ ସମ୍ଭବ ନୁହେଁ।

*-ରବୀନ୍ଦ୍ରନାଥ ଟାଗୋର*

ଅଧିକ ଜାଣିବା ପାଇଁ ଦୟାକରି www.ncert.nic.in ଦେଖନ୍ତୁ କିମ୍ବା କପିରାଇଟ୍ ପୃଷ୍ଠାରେ ଦିଆଯାଇଥିବା ଠିକଣାରେ ବ୍ୟବସାୟ ପ୍ରବନ୍ଧକଙ୍କ ସହ ସମ୍ପର୍କ କରନ୍ତୁ ।

32140

विद्यया ऽमृतमश्नुते

एन सी ई आर टी
NCERT

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ
NATIONAL COUNCIL OF EDUCATIONAL RESEARCH AND TRAINING

ISBN 978-93-5292-941-2